• Vol.- 45, Issue No. 70
• Tuesday, 10 June 2025
• ମଙ୍ଗଳବାର, ୧୦ ଜୁନ୍ ୨୦୨୫
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ଧର୍ମଗଡ଼ ଉପଜିଲ୍ଲାପାଳ ଗିରଫ

### ଦଶଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗ

କଟକ/ଧର୍ମଗଡ଼,୯ ।୬(ନିପ୍ର): ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି ପଦକ୍ଷେପ ଅନ୍ତର୍ଗତ ଓଡ଼ିଶା ଭିଜିଲାନ୍ସ ସୋମବାର ଧର୍ମଗଡ଼ ଉପଜିଲ୍ଲାପାଳ ଆଇଏଏସ ଧୀମନ ଚକମାଙ୍କୁ ଦଶଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଗିରଫ କରିଛି । ଅଭିଯୁକ୍ତ ଧୀମନ ଚକମା ୨୦୨୧ ବ୍ୟାଚ୍ ଆଇଏଏସ ଅଫିସର । ସେ କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ରେ ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ ଥିଲେ । ଜଣେ ସ୍ଥାନୀୟ ବ୍ୟବସାୟୀଙ୍କ ଅଭିଯୋଗକ୍ରମେ ଉପଜିଲ୍ଲାପାଳ ୨୦ ଲକ୍ଷ ଟଙ୍କା ଲାଂଚ ଦାବି କରିଥିଲେ । ୨ଟି କିସ୍ତିରେ ଦଶଲକ୍ଷ ଟଙ୍କା ଲେଖାଏଁ ଲାଂଚ ନେବାକୁ କହିଥିଲେ । ଅନ୍ୟଥା ତାଙ୍କ ବ୍ୟବସାୟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ଦେଇଥିଲେ । ଅଭିଯୋଗ କ୍ରମେ ସୋମବାର ତାଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି । ଅନ୍ୟ କୌଣସି ବିକଳ୍ପ ନଥିବାରୁ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ମାମଲା ସଂପର୍କରେ ରିପୋର୍ଟ କରିଥିଲେ । ଉପରୋକ୍ତ ଅଭିଯୋଗକୁ ଆଧାର କରି ଜୁନ ୮ ତାରିଖ ରାତିରେ ଭିଜିଲାନ୍ସ ପକ୍ଷରୁ ଜାଲ ବିଛା ଯାଇଥିଲା । ଅଭିଯୁକ୍ତ ଆଇଏଏସ ଧୀମନ ଚକମାଙ୍କୁ ଓଡ଼ିଶା ଭିଜିଲାନ୍ସର ଏକ ଦଳ ଧର୍ମଗଡ଼ ସ୍ଥିତ ତାଙ୍କ ଆବାସିକ ସରକାରୀ କ୍ୱାର୍ଟରରେ ଅଭିଯୋଗକାରୀଙ୍କ ଠାରୁ ଦଶଲକ୍ଷ ଟଙ୍କା ଲାଂଚ ନେଉଥିବା ସମୟରେ ଧରିଥିଲେ । ଚକମାଙ୍କ ପକ୍ଷରୁ ଲାଞ୍ଚ ଟଙ୍କା ସାକ୍ଷୀମାନଙ୍କ ଉପସ୍ଥିତିରେ ଜବତ କରାଯାଇଥିଲା । ଚକମାଙ୍କ ଉଭୟ ହାତ ଧୋଇବା ସମୟରେ ସକାରାତ୍ମକ ରାସାୟନିକ ପ୍ରତିକ୍ରିୟା ମିଳିଥିଲା । ତଲାସୀ ସମୟରେ ଧର୍ମଗଡ଼ରେ ଥିବା ତାଙ୍କ ଆବାସିକ



ସରକାରୀ କ୍ୱାର୍ଟରରୁ ନଗଦ ୪୭ଲକ୍ଷ ଟଙ୍କା ମିଳିଥିଲା । ଏତେ ବିପୁଳ ନଗଦ ସଂପର୍କରେ ସେ କୌଣସି ସନ୍ତୋଷ ଜନକ ସ୍ପଷ୍ଟୀକରଣ ଦେଇପାରି ନଥିବାରୁ ତାହାକୁ ଜବତ କରାଯାଇଥିଲା । ସୋମବାର କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ର ସବକଲେକ୍ଟର ଆଇଏଏସ ଅଭିଯୁକ୍ତ ଆଇଏଏସ ଧୀମନ ଚକମାନଙ୍କୁ ଗିରଫ କରାଯାଇ କଳାହାଣ୍ଡି ଭିଜିଲାନ୍ସ କୋର୍ଟକୁ ପଠାଯାଇଛି । ଏ ସଂପର୍କରେ ଭିଜିଲାନ୍ସ ସେଲରେ ପିଏସ କେସରେ ଦୁର୍ନୀତି ନିବାରଣ ସଂଶୋଧନ ଆଇନ ୨୦୧୮ର ଧାରା ୭ ଅନୁଯାୟୀ ପଞ୍ଜୀକୃତ ହୋଇଛି ଏବଂ ଏହାର ତଦନ୍ତ ଚାଲିଛି । ଜାମିନ ନାମଂଜୁର ହେବାରୁ ସ୍ଥାନୀୟ ଭବାନୀପାଟଣା ଜେଲକୁ ପଠାଯାଇଛି ।

## ଯିଏ ଦୁର୍ନୀତି କରିବ ସିଏ ଜେଲ୍ ଯିବ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୯ ।୬: ଦୁର୍ନୀତିଗ୍ରସ୍ତ ବାବୁଙ୍କୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚେତାବନୀ ଦେଇଛନ୍ତି । ସମୟ ଅଛି, ସତର୍କ ହୋଇଯାଅ । ଅଭିଯାନ ଆରମ୍ଭ ହୋଇଛି, କେହି ବି ବର୍ତ୍ତିବେ ନାହିଁ । ଯିଏ ଦୁର୍ନୀତି କରିବ ସିଏ ଜେଲ୍ ଯିବ । ସରକାରଙ୍କ ସଂକଳ୍ପ, ଯେଉଁଠି ଥିଲେ ବି ବନ୍ଧାହେବେ । ଆମକୁ ସହଯୋଗ କରନ୍ତୁ, କେହି ବି ଲାଞ୍ଚ ଦିଅନ୍ତୁ ନାହିଁ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ ଆହୁରି କହିଛନ୍ତି ଯେ, ଦୁର୍ନୀତିର ମୂଳପୋଛ କରିବା ପାଇଁ ଆମ ସରକାରର ଅଭିଯାନ ଆରମ୍ଭ ହୋଇଛି । କେହି ବି ବର୍ତ୍ତିବେ ନାହିଁ । ଏହାରି ଭିତରେ ଅନେକ ସରକାରୀ ଅଧିକାରୀ ଅସାଧୁ କାର୍ଯ୍ୟ ପାଇଁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ଅନେକ ଅଧିକାରୀ ଗିରଫ ହୋଇ ଜେଲରେ ଅଛନ୍ତି । ୪ ଓ ୫ ତାରିଖରେ ସମସ୍ତ ଅଧିକାରୀଙ୍କୁ ଡାକି ଦୁର୍ନୀତି ବନ୍ଦ କରିବାକୁ ଚେତାବନୀ ଦେଇଥିଲୁ । ଆଉ ରବିବାର ଜଣେ ଆଇଏଏସ୍ ଅଧିକାରୀଙ୍କ ଘରୁ ୪୭ ଲକ୍ଷ ଟଙ୍କା ଜବତ ହୋଇଛି । ୧୦ ଲକ୍ଷ ଟଙ୍କା ଜଣେ କ୍ରସର ବେପାରୀଙ୍କୁ ମାଗିଥିଲେ । ଲାଞ୍ଚ ନେବା ଯେତେ ବଡ଼ ଅପରାଧ ଦେବା ମଧ୍ୟ ସମ ପରିମାଣର ଅପରାଧ ।

## ଆଇଏସଏସକୁ ଆକ୍ସିଅମ-୪ ମିଶନ ସ୍ଥଗିତ



ନୂଆଦିଲ୍ଲୀ,୯ ।୬: ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସଏସ)କୁ ଆକ୍ସିଅମ-୪ ମିଶନ ଜୁନ୍ ୧୦ ପରିବର୍ତ୍ତେ ଜୁନ୍ ୧୧ରେ ହେବ । ଇସ୍ରୋ ଚେୟାରମ୍ୟାନ ଡକ୍ଟର ଭି.ନାରାୟଣନ ଏକ୍ସରେ ପୋଷ୍ଟ କରିଛନ୍ତି । ସେ କହିଛନ୍ତି, ପ୍ରତିକୂଳ ପାଣିପାଗ କାରଣରୁ ଏହି ଅଭିଯାନ ବୁଧବାର ଅନ୍ତର୍ଜାତୀୟ ଷ୍ଟାଣ୍ଡାର୍ଡ ଟାଇମ୍ ୫.୩୦(ପିଏମ୍)ରେ ହେବାକୁ ଲକ୍ଷ୍ୟ ରଖାଯାଇଛି । ସୂଚନା ଯୋଗ୍ୟ ଯେ ଏଥିରେ ଭାରତୀୟ ବାୟୁସେନାର ଶୁଭାଂଶୁ ଶୁକ୍ଲା (୪୧) ଯାତ୍ରା କରିବାକୁ ରହିଛି । ନମସ୍କାର, ମୁଁ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା । ଗର୍ବର ସହିତ ଏହି ଶବ୍ଦଗୁଡ଼ିକ ଭାରତୀୟ ବାୟୁସେନାର ସାହସୀ ପାଇଲଟ୍ ଶୁଭାଂଶୁ ଶୁକ୍ଲା ଇତିମଧ୍ୟରେ ଉଚ୍ଚାରଣ କରିଛନ୍ତି । ଯିଏ ମହାକାଶରେ ତାଙ୍କର ଐତିହାସିକ ଉଡ଼ାଣ ପୂର୍ବରୁ ଜାରି ହୋଇଥିବା ଏକ ଭିଡିଓରେ ଏହା କହିଛନ୍ତି । ୧୫ ବର୍ଷ ଧରି ଯୁଦ୍ଧ ପାଇଲଟ୍ ଥିବା ଶୁକ୍ଲା ଏବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ) ଯାତ୍ରା କରିବାରେ ପ୍ରଥମ ଭାରତୀୟ ନାଗରିକ ହେବାକୁ ଯାଉଛନ୍ତି ।ଏହି ଐତିହାସିକ ମିଶନକୁ ଆକ୍ସିଅମ୍ ସ୍ପେସ୍‌ର 'ଆକ୍ସିଅମ୍ -୪' ମିଶନ ଅଧୀନରେ ଉନ୍ମୋଚନ କରାଯିବ ।

## କେନ୍ଦ୍ରାପଡ଼ାରେ ମୁଖ୍ୟମନ୍ତ୍ରୀ

## ମେଡିକାଲ କଲେଜ ସ୍ଥାପନ ନେଇ ଆଲୋଚନା

ଭୁବନେଶ୍ୱର/କେନ୍ଦ୍ରାପଡା,୯ ।୬(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ଜିଲ୍ଲା ପ୍ରଦକ୍ଷିଣ ଗୃହ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପ୍ରଶାସନର ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସେ ଘୋଷଣା କରିଛନ୍ତି ଯେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷର ଆରମ୍ଭ କେନ୍ଦ୍ରାପଡ଼ା ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ ଆରମ୍ଭରୁ ହିଁ ହେବ ।ସମୀକ୍ଷାରୁ ଜଣା ଯାଇଛି ଯେ, ଜିଲାରେ ଶିଳ୍ପର ବିକାଶ ପାଇଁ ଖୁବ ଶୀଘ୍ର ପଦକ୍ଷେପ ନିଆଯିବ । କେନ୍ଦ୍ରାପଡ଼ା ଅଂଚଳରେ ଥିବା ହେନ୍ତାଳ ଜଙ୍ଗଲକୁ ଆହୁରି ବ୍ୟାପକ କରିବା ପାଇଁ ଏବଂ ଭିତରକନିକା ଓ ଗହୀରମଥା ଅଂଚଳରେ ଇକୋ-ଟୁରିଜିମକୁ ଆହୁରି ତ୍ୱରାନ୍ୱିତ କରାଯିବ । ଖୁବ୍ ଶୀଘ୍ର ବିଭିନ୍ନ ନୂତନ ପ୍ରକଳ୍ପ ଏହି ଜିଲ୍ଲାରେ ଉଦ୍‌ଘାଟନ ହେବା ପାଇଁ ଯାଉଛି ଏବଂ କେନ୍ଦ୍ରାପଡ଼ାଠାରେ ମେଡିକାଲ କଲେଜ ସ୍ଥାପନ ଓ ମହାପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ ବିଷୟରେ ବିଧାୟକଗଣ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଥିବା ବୈଠକରୁ ଜଣାଯାଇଛି । ଜିଲ୍ଲାରେ ସୁଭଦ୍ରା ଯୋଜନାରେ ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲା ଓଡ଼ିଶାରେ ଦ୍ୱିତୀୟ ସ୍ଥାନରେ ରହି ବିଶେଷ ଅଗ୍ରଗତି କରୁଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଛନ୍ତି ।ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀମାନଙ୍କ ବିରୋଧରେ ଶକ୍ତ

- ଇକୋ-ଟୁରିଜିମକୁ ଆହୁରି ତ୍ୱରାନ୍ୱିତ କରାଯିବ
- ବାଂଲା ଅନୁପ୍ରବେଶକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ
- ନୂଆ ପ୍ରକଳ୍ପ ବିସ୍ତୃତ ଯୋଜନା ଏକ ମାସରେ ପ୍ରସ୍ତୁତ ହେଉ
- ଖୁବ୍ ଶୀଘ୍ର ବିଭିନ୍ନ ନୂତନ ପ୍ରକଳ୍ପ ହେବ ଉଦ୍‌ଘାଟନ
- ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗ ଦେଲେ



କାର୍ଯ୍ୟାନୁଷ୍ଠାନ ନେବାପାଇଁ ପୋଲିସ ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେ ପୁଣି କହିଥିଲେଯେ, ଆଗାମୀ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ଆମର ଲକ୍ଷ୍ୟ । ଏଥିପାଇଁ ନୂଆ ପ୍ରକଳ୍ପ ଯଥା ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦିଆଯାଉ । ଏହା ସମ୍ପର୍କରେ ଏକ ବିସ୍ତୃତ ଯୋଜନା ଆଗାମୀ ଏକ ମାସ ମଧ୍ୟରେ ପ୍ରସ୍ତୁତ କରନ୍ତୁ । ସମୀକ୍ଷା ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ମାଉସୀ ମାଆ ମନ୍ଦିର ଠାରୁ ଶ୍ରୀ ବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେଇଥିଲେ ।ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ମହାକାଳପଡ଼ା ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ମୁମ୍ବାଇ: ଟ୍ରେନରୁ ଖସି ୮ ଯାତ୍ରୀଙ୍କ ମୃତ୍ୟୁ !



ମୁମ୍ବାଇ,୯ ।୬: ମୁମ୍ବାଇର ଜୀବନରେଖା ହେଉଛି ଲୋକାଲ ଟ୍ରେନ । ପ୍ରତିଦିନ ହଜାର ହଜାର ଲୋକ ମୁମ୍ବାଇର ଲୋକାଲ ଟ୍ରେନରେ ଯାତ୍ରା କରନ୍ତି । ସବୁବେଳେ ଲୋକାଲ ଟ୍ରେନରେ ଭିଡ଼ ହୁଏ । କିନ୍ତୁ ପ୍ରବଳ ଭିଡ଼ରୁ ସୋମବାର ଭୟଙ୍କର ସ୍ଥିତି ଦେଖାଯାଇଥିଲା । ଭିଡ଼ ଏତେ ହୋଇଥିଲା ଯେ ଚଳନ୍ତା ଟ୍ରେନରେ ଓହଳି ଯିବା ବେଳେ ଖସି ପଡ଼ିଥିଲେ ୧୦ରୁ ଅଧିକ ଲୋକ । ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଇଛି । ଅନ୍ୟମାନେ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି । କେନ୍ଦ୍ରୀୟ ରେଳବାଇ ଅଧୀନରେ ଥିବା ଦିବା ଓ କୋପଲ ରେଳ ଷ୍ଟେସନ ମଧ୍ୟରେ ସକାଳ ୯.୩୦ରେ ଏହି ଅଘଟଣ ଘଟିଛି । ଏହି ସମୟରେ ଗୋଟିଏ ଟ୍ରେନ କାସାରା ଯାଉଥିବା ବେଳେ ଆଉ ଗୋଟିଏ ଟ୍ରେନ ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ ଆଡ଼କୁ ଆସୁଥିଲା । ଏହି ସମୟରେ ଉଭୟ ଟ୍ରେନରେ ପ୍ରବଳ ଭିଡ଼ ହୋଇଥିଲା । ରେଳବାଇ ଅଧିକାରୀଙ୍କ କହିବା କଥା ଯେ ଥାନେର କାସାରା ଅଞ୍ଚଳକୁ ଯାଉଥିବା ଟ୍ରେନରୁ କିଛି ଯାତ୍ରୀ ଖସି ପଡ଼ିଥିଲେ । ଥାନେ ଜିଲ୍ଲାର ମୁମ୍ବ୍ରା ଷ୍ଟେସନ ନିକଟରେ ଏପରି ଘଟଣା ଘଟିଛି । ଟ୍ରେନରେ ପ୍ରବଳ ଭିଡ଼ ହୋଇଥିବାରୁ ଗୋଟିଏ ବଗିରୁ କିଛି ଲୋକ ଖସି ପଡ଼ିଥିବାରୁ ମୃତ୍ୟୁ ହୋଇଥିବା ରେଳବାଇ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

## ଭୁବନେଶ୍ୱରର ନନ୍ଦନକାନନ ନିକଟରେ ପ୍ରତିଷ୍ଠା ହେବ ସାଇନ୍ସ ସିଟି

ଭୁବନେଶ୍ୱର,୯ ।୬(ନିପ୍ର): ଭୁବନେଶ୍ୱରର ନନ୍ଦନକାନନ ନିକଟରେ ପ୍ରତିଷ୍ଠା ହେବ ସାଇନ୍ସ ସିଟି । ୧୦୦ ଏକର ଜାଗାରେ ପ୍ରତିଷ୍ଠା ହେବ ସାଇନ୍ସ ସିଟି । ରାଜ୍ୟ ସରକାର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । ନନ୍ଦନକାନନ ପାଖରେ ବିଜ୍ଞାନ ସହର ପ୍ରତିଷ୍ଠା କରାଯିବ ସୂଚନା ଦେଇଛନ୍ତି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ପ୍ରକଳ୍ପ ପାଇଁ ରାଜ୍ୟ ରାଜଧାନୀରେ ୧୦୦ ଏକର ଜମି ଆବଂଟନ ପାଇଁ ଏକ ପ୍ରସ୍ତାବକୁ ଅନୁମୋଦନ କରିଥିଲେ ।

### ଡ୍ରାଇଭର ମହାସଂଘର ଚେତାବନୀ

## ୬ ଦଫା ଦାବି ପୂରଣ ନ ହେଲେ ବନ୍ଦ ହେବ ଚକ-ଅଖ

ଭୁବନେଶ୍ୱର,୯ ।୬: ଛଅ ଦଫା ଦାବି ପୂରଣ ନ ହେଲେ ବନ୍ଦ ହେବ ଚକ ଅଖ । ଏଭଳି ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡାକରା ଚେତାବନୀ ଦେଇଛି ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ । ମଞ୍ଚ ପକ୍ଷରୁ କୁହାଯାଇଛି ଜୁଲାଇ ୮ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତି ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବ ମହାମଞ୍ଚ । ୬ ଦଫା ଦାବି ଗୁଡ଼ିକ ମଧ୍ୟରେ ରହିଛି ଯଥା: ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ ୱାର୍କର୍ ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରାଯାଉ । ଜନ ସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ ।ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉ । ପ୍ରତି ୧୦୦ କିଲୋମିଟର ଅନ୍ତରାଳରେ ଗାଡ଼ି ପାର୍କିଂ ଏବଂ ଡ୍ରାଇଭରମାନଙ୍କ ବିଶ୍ରାମ ନେବାପାଇଁ



ବିଶ୍ରାମଗାର ଏବଂ ଶୌଚାଳୟ ବ୍ୟବସ୍ଥା କରାଯାଉ । ଓଡ଼ିଶାରେ ଥିବା ପ୍ରତ୍ୟକ ଖଣି ଖାଦାନ ଏବଂ କାରଖାନାଗୁଡ଼ିକରେ ଶତକଡ଼ା ୭୦ପ୍ରତିଶତ ଓଡ଼ିଶାର ଡ୍ରାଇଭରଙ୍କୁ କାମ ଦିଆଯାଉ । ସେହିଭଳି ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯାଉ ବୋଲି ମହାମଞ୍ଚ ଦାବି କରିଛି ।

## ହୋମଗାର୍ଡ ଚାକିରି ପାଇଁ ବି-ଟେକ୍ ଏମସିଏ ଓ ଏମବିଏ ଡିଗ୍ରୀଧାରୀ

### ପରୀକ୍ଷା ବେଳେ ଜଗିଲା ଡ୍ରୋନ୍

ରାଉରକେଲା,୯।୬: ହୋମଗାର୍ଡ ଚାକିରି ପାଇଁ ବି-ଟେକ ଆଶାୟୀ । ଖାଲି ବି-ଟେକ କାହିଁକି ଏମସିଏ ଓ ଏମବିଏ ଡିଗ୍ରୀ ଧାରୀ ବି ଦେଇଛନ୍ତି ପରୀକ୍ଷା । ରାଉରକେଲା ପୋଲିସ ଜିଲ୍ଲା ପାଇଁ ୧୦୭ ଗୃହରକ୍ଷୀ ପଦବୀ ପାଇଁ ସୋମବାର ପରୀକ୍ଷା ଚାଲିଥିବା ବେଳେ, ୯ ହଜାର ୬୧ ଜଣ ପରୀକ୍ଷାର୍ଥୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରେ ଅନେକ ଏମବିଏ, ଏମସିଏ, ଡିପ୍ଲୋମା ଓ ଆଇଟିଆଇ ଛାତ୍ରଛାତ୍ରୀ ଥିବା ଜଣାପଡିଛି । ହୋମଗାର୍ଡ ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତା ୫ମ ପାସ୍ ଥିବା ବେଳେ ଦୈନିକ ୬୧୨ଟଙ୍କା ପାରିଶ୍ରମିକ ରହିଛି । ତେବେ ଗୃହରକ୍ଷୀ ଚାକିରି ପାଇଁ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିବା ଆଶାୟୀଙ୍କ ଭିଡ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ସୋମବାର ନିଯୁକ୍ତି ପ୍ରକ୍ରିୟା



ସେକ୍ଟର-୬ ଇସ୍ପାତ ଷ୍ଟାଡିୟମରେ ସକାଳୁ ଆରମ୍ଭ ହୋଇଥିଲା, ସକାଳ ୭:୩୦ରେ ୨୦ ନମ୍ବର ପାଇଁ ୩୦ ମିନିଟର ପାରାଗ୍ରାଫ ଲେଖା ପରୀକ୍ଷା ସହିତ । ଏହାପରେ ସକାଳ ୮:୩୦ରୁ ଏକ ଘଣ୍ଟା ପାଇଁ ୪୦ ନମ୍ବରର ସାଧାରଣ ଜ୍ଞାନ ପରୀକ୍ଷା ହୋଇଥିଲା । ପ୍ରାର୍ଥୀମାନେ ପରବର୍ତ୍ତୀ ପର୍ଯ୍ୟାୟରେ ୨ କିଲୋମିଟର ଚାଲିବା ପରୀକ୍ଷା ଏବଂ ବ୍ୟକ୍ତିଗତ ସାକ୍ଷାତକାରରେ ଅଂଶଗ୍ରହଣ କରିଥିଲେ । ଷ୍ଟାଡିୟମରେ ପରୀକ୍ଷା ସମୟରେ ପ୍ରାର୍ଥୀମାନଙ୍କୁ ନିରୀକ୍ଷଣ କରିବା ପାଇଁ ଡ୍ରୋନ ମୁତୟନ କରାଯାଇଥିଲା ।

### ବଢ଼ିଲା ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁକାଳୀନ ସହାୟତା ରାଶି

## ୬ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କା

ଭୁବନେଶ୍ୱର,୯ ।୬: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟରେ ବନ୍ୟଜନ୍ତୁ ଆକ୍ରମଣରେ ପୂର୍ବରୁ ମିଳୁଥିବା ମୃତ୍ୟୁକାଳୀନ ସହାୟତା ରାଶିକୁ ୬ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ସାଧାରଣତଃ ବନ୍ୟଜନ୍ତୁ ଆକ୍ରମଣର ନଜିର



ଅଧିକ ରହିଥାଏ । ବନ୍ୟଜନ୍ତୁ ଆକ୍ରମଣରେ ଧନଜୀବନ ନଷ୍ଟ ହୋଇଥାଏ । ଏ ସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଲୋକଙ୍କ ସହାୟତା ରାଶି ବୃଦ୍ଧି କରିଛନ୍ତି । ନିଷ୍ପତ୍ତି ଅନୁଯାୟୀ, ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି କରାଯିବା ସହିତ, ବାସଗୃହ କ୍ଷତିଗ୍ରସ୍ତ ହୋଇଥାଏ ତେବେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନଚେତ୍ ସମତୁଲ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏପରିକି ରୋଷେଇ ଘର, ଧାନ ସଂରକ୍ଷଣ ଗୃହ କିମ୍ବା ଛେଳି ଗୁହାଳ କ୍ଷତିଗ୍ରସ୍ତ ହେଲେ ୩ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ । ସେହିଭଳି ପକ୍କା ପାଚେରି, କମ୍ପାଉଣ୍ଡ ୱାଲ କ୍ଷତିଗ୍ରସ୍ତ ହେଲେ ପ୍ରତି ମିଟର ପିଛା ୫ ହଜାର ସର୍ବାଧିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ।

# ଶ୍ରୀଅଙ୍ଗ ସୁରକ୍ଷା ପାଇଁ ବଉଳ କାଠ




ପାଖେଇ ଆସୁଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷ ଯାତ୍ରା । ଯୋଗ ଦେବେ ବିଶ୍ୱର କୋଣ ଅନୁକୋଣରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ । ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ପାଇଁ ରତ୍ନ ସିଂହାସନରୁ ଓହ୍ଲାଇ ଆସିବେ ତିନି ଠାକୁର । ପହଣ୍ଡି ସମୟରେ ଠାକୁରଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ପାଇଁ ଆବଶ୍ୟକ ପଡ଼ିଥାଏ ସେନାପଟ ଓ ବାହାଟ । ଏହି ସେନାପଟ ଓ ବାହାଟ ବକୁଳ ବା ବଉଳ କାଠରେ ତିଆରି ହୋଇଥାଏ । ପବିତ୍ର ନିର୍ଜଳା ଏକାଦଶୀ ଅବସରରେ ମହାପ୍ରଭୁଙ୍କ ଭୋଇ ସେବାୟତମାନେ ଶଗଡ଼ ବଳଦ ଧରି ପହଂଚି ଥାନ୍ତି ବକୁଳବନ ନିକଟରେ । ପୂର୍ବରୁ ସେବକମାନେ ଆସିଥାନ୍ତି ଆଉ ଚିହ୍ନଟ କରିଥାନ୍ତି ବଉଳ କାଠକୁ । ଏକ ଶଗଡ଼ରେ ଆସି ପହଂଚିଥାନ୍ତି ଚିହ୍ନିତ ହୋଇଥିବା ବୃକ୍ଷ ନିକଟରେ । ନଡ଼ିଆକୁ ବାଡ଼େଇ ଧୂପ ଦ୍ୱୀପରେ ପୂଜାର୍ଚ୍ଚନା କରାଯିବା ପରେ ଆରମ୍ଭ ହୋଇଥାଏ ଗଛ କଟା ପର୍ବ । ଭୋଇ ସେବାୟତମାନେ କୁରାଢୀ ସାହାର୍ଯ୍ୟରେ ବୃକ୍ଷକୁ କାଟିଥାନ୍ତି । ତିନୋଟି ଯାଇଥିବା ବକୁଳ ବୃକ୍ଷକୁ କୁରାଢୀରେ କାଟି ତିନି ଖଣ୍ଡ କରି କାଟିଥାନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରା ତିନି ଠାକୁରଙ୍କ ଉଦ୍ଦେଶ୍ୟରେ । ତେବେ ଏହି ଗଛ କଟା ଓ ଶଗଡ଼ରେ ବୋହି ନେବାର ପରମ୍ପରା ବାପ ଜେଜେ ଅମଳରୁ ହୋଇ ଆସୁଥିବାର ସେବାୟତମାନେ କୁହନ୍ତି । ଏହି ବକୁଳ କାଠ ବ୍ୟବହାର ପଛରେ ରହିଛି ଏକ ବଳିଷ୍ଠ କିମ୍ବଦନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ର ଦିନେ ସାକ୍ଷୀଗୋପାଳ ବକୁଳବନକୁ ପଣସ ଖାଇବାକୁ ଆସିଥିଲେ । ଅଜା ସିଦ୍ଧ ପୁରୁଷ ବଳରାମଙ୍କ ତପସ୍ୟା ପରୀକ୍ଷା କରିବା ପାଇଁ ପଣସ ଖାଇ ତାଙ୍କ ମୁଣ୍ଡରେ ଅଠା ବୋଳିଥିଲେ । ଏହା ପରେ ବଳରାମ ଜଗନ୍ନାଥ ଏବଂ ବଳଭଦ୍ରଙ୍କୁ ବଉଳ ଗଛରେ ବାନ୍ଧିଥିଲେ । ଘୋଷଯାତ୍ରାରେ ବଉଳକାଠ ଲାଗିବ ବୋଲି କହିବା ପରେ ମୁକୁଳିଥିଲେ । ସେହି ଦିନ ଠାରୁ ବକୁଳକାଠ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିବାର ବିଧି ରହିଛି । ବଉଳକାଠ କଟାଯିବା ପରେ ଶଗଡ଼ରେ ଏହାକୁ ରଖାଯାଇଥାଏ । ଗୋଟିଏ କାଠର ୮ ଫୁଟ ଲମ୍ବ ୩ ଫୁଟ ଗୋଲେଇର କାଠକୁ ରଖାଯିବା ସହିତ ଆଉ ୩ ଗୋଟି ଛୋଟ ଛୋଟ କାଠ ରଖାଯାଇ ଶଗଡ଼ ଉପରେ ପାଟ କନା ଗୁଡ଼ାଯାଇଥାଏ । ଏମାର ମଠ ଶଗଡ଼ରେ ଏହାକୁ ବକୁଳବନ ସ୍ଥିତସିଦ୍ଧ ବକୁଳଙ୍କ ନିକଟକୁ ଅଣାଯାଇଥାଏ । ସେଠାରେ ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଂଚ ପକ୍ଷରୁ ବଉଳକାଠକୁ ପୂଜାର୍ଚ୍ଚନା କରାଯାଇଥାଏ । ଝୋଟି ଚିତା ସାଙ୍ଗକୁ ନାମ ସଂକୀର୍ତନ କରାଯାଇଥାଏ । ଶେଷରେ ଅପରାହ୍ନରେ ଏହି ଶଗଡ଼ିକୁ ପୁଷ୍ପ ମାଲ୍ୟ ଅର୍ପଣ କରାଯିବା ପରେ ହରିବୋଲ ଓ ହୁଳ ହୁଳିରେ ବନ୍ଦପନା କରାଯାଇ ଶଗଡ଼କୁ ବିଦାୟୀ ଦିଆ ଯାଇଥାଏ । ଯିବା ବାଟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଥିଲା ।

## ସତ୍ୟନାରାୟଣଙ୍କ ପୂଜା ପାଇଁ
## ୫ ଉପାୟ

**ହିନ୍ଦୁଧର୍ମରେ ପୂର୍ଣ୍ଣିମା ତିଥିକୁ ମହତ୍ତ୍ୱ ଦିଆଯାଇଛି । ଏହି ଦିନ ସତ୍ୟନାରାୟଣଙ୍କ ପୂଜା କଲେ ଘରେ ସୁଖଶାନ୍ତି ବଢ଼େ। ଏହି ଦିନ ମା'ଲକ୍ଷ୍ମୀଙ୍କୁ ମଧ୍ୟ ପୂଜା କରିବା ଭଲ । ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣିମା ଅବସରରେ ମା'ଙ୍କୁ କିପରି ପୂଜା କରି ସନ୍ତୁଷ୍ଟ କଲେ ଘର ଧନଧାନ୍ୟରେ ପୂର୍ଣ୍ଣ ହେବ ବୋଲି ବିଶ୍ୱାସ ରହିଛି।**



**ଲକ୍ଷ୍ମୀ ଯନ୍ତ୍ର ପୂଜା କରନ୍ତୁ:** ଜ୍ୟେଷ୍ଠ ପୂର୍ଣ୍ଣିମା ରାତିରେ ଉତ୍ତର ଦିଗରେ ଲକ୍ଷ୍ମୀ ଯନ୍ତ୍ର ସ୍ଥାପନ କରନ୍ତୁ । ଯନ୍ତ୍ରକୁ ଗଙ୍ଗାଜଳରେ ଶୁଦ୍ଧ କରିବା ସହିତ ଲାଲ୍ କପଡ଼ାରେ ରଖିବା ସହିତ ଏହା ଉପରେ କୁଙ୍କୁମ,ଅରୁଆ ଚାଉଳ ଏବଂ ଫୁଲ ଅର୍ପଣ କରନ୍ତୁ । ଏହାପରେ 'ଓଁ ଶ୍ରୀଂ ମହାଲକ୍ଷ୍ମେ ନମଃ' ମନ୍ତ୍ର ୧୦୮ ଥର ଜପ କରନ୍ତୁ । ଏହି ଉପାୟ ଦ୍ୱାରା ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ସହ ଧନ ପ୍ରାପ୍ତ ହେବ ।

**ଦୀପ ଜାଳନ୍ତୁ:** ପୂର୍ଣ୍ଣିମା ରାତିରେ ଘରର ମୁଖ୍ୟ ଦ୍ୱାରରେ ଶୁଦ୍ଧ ଗୁଆ ଘିଅ କିମ୍ବା ରାଶି ତେଲରେ ଦୀପ ଜଳାଇଲେ ଲକ୍ଷ୍ମୀ ଗୃହ ମଧ୍ୟକୁ ପ୍ରବେଶ କରନ୍ତି । ଏହା ଘରୁ ଦାରିଦ୍ର୍ୟ ଦୂର କରିଥାଏ ।

**ରୁପାମୁଦ୍ରା ରଖନ୍ତୁ :** ରୁପା ମୁଦ୍ରାକୁ ମା'ଲକ୍ଷ୍ମୀଙ୍କର ପ୍ରତୀକ ମନେ କରାଯାଏ । ଜ୍ୟେଷ୍ଠ ପୂର୍ଣ୍ଣିମା ରାତିରେ ଏହାକୁ ଲାଲ୍ କପଡ଼ାରେ ବାନ୍ଧି ପଇସା ରଖୁଥିବା ସ୍ଥାନ ବା ଟ୍ରେଜେରୀରେ ରଖନ୍ତୁ । ଫଳରେ ସଂଚୟ ବଢ଼ିବା ସହିତ ଅଯଥା ଖର୍ଚ୍ଚ କମିବ ।

**କ୍ଷୀରି ଭୋଗ କରନ୍ତୁ :** ପୂର୍ଣ୍ଣିମା ରାତିରେ କେଶର ଯୁକ୍ତ କ୍ଷୀରି ମା' ଲକ୍ଷ୍ମୀଙ୍କ ନିକଟରେ ପୂଜା କରନ୍ତୁ । ଏହାବ୍ୟତୀତ ଘରକୁ ଛୋଟ ଝିଅମାନଙ୍କୁ ଡାକି ସେମାନଙ୍କୁ ସ୍ୱାଦିଷ୍ଟ ଖାଦ୍ୟ ଦେଇ ଖୁସି କରାନ୍ତୁ । ସେମାନଙ୍କୁ ନୂଆ ବସ୍ତ୍ର ଦେବାକୁ ଭୁଲନ୍ତୁ ନାହିଁ । ଏହି ଉପାୟ ଦ୍ୱାରା ମା'ଙ୍କର କୃପା ନିଶ୍ଚୟ ପ୍ରାପ୍ତ ହୋଇଥାଏ । ଏଥିସହିତ ଘରକୁ ଉଭୟ ସୌଭାଗ୍ୟ, ସମୃଦ୍ଧିର ଆଗମନ ହୋଇଥାଏ ।

## ମନ୍ଦିରର ପ୍ରବେଶ ଦ୍ୱାରରେ କାହିଁକି ରହିଥାଏ ଘଣ୍ଟି

ହିନ୍ଦୁ ଧର୍ମରେ ପୂଜାପାଠର ଖୁବ ମାନ୍ୟତା ରହିଛି । ଦେବୀ ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ପୂଜାପାଠ କରାଯାଏ । ଧାର୍ମିକ ଶାସ୍ତ୍ରରେ ପୂଜାପାଠକୁ ନେଇ କେତେକ ଖାସ ନିୟମ ରହିଛି । ମୂର୍ତ୍ତି ପୂଜାଠାରୁ ଆରମ୍ଭ କରି ଘଣ୍ଟି ବଜାଇବା ପର୍ଯ୍ୟନ୍ତ । ମନ୍ଦିରକୁ ପ୍ରବେଶ କରିବା ମାତ୍ରେ ପ୍ରବେଶ ଦ୍ୱାରରେ ରହିଥାଏ ଘଣ୍ଟି । ପ୍ରବେଶ କରିବା ମାତ୍ରେ ଏହାକୁ ବଜାଇ ପ୍ରବେଶ କରିବାକୁ ପଡ଼ିଥାଏ ବୋଲି ପ୍ରାଚୀନ କାଳରୁ ମାନ୍ୟତା ରହିଛି । ଲୋକମାନ୍ୟତା ଅନୁସାରେ ଏହାକୁ ବଜାଇବା ମାତ୍ରେ ମନ୍ଦିରରେ ବିରାଜିତ ଦେବୀ ଦେବତାଙ୍କ ପ୍ରତିମାରେ ଚେତନା ଜାଗ୍ରତ ହୋଇଥାଏ । ଯାହାପରେ କରାଯାଇଥିବା ପୂଜା ପ୍ରଭାବଶାଳୀ ହୋଇଥାଏ । ଏହା ବ୍ୟତୀତ ଘଣ୍ଟିର କର୍ଣ୍ଣପ୍ରିୟ ଧ୍ୱନି ଏବଂ ମନ ଓ ମସ୍ତିଷ୍କକୁ ଆଧାତ୍ମିକ ଆଡ଼କୁ ନେଇ ଯାଉଥିବା ଶକ୍ତି ଥାଏ ବୋଲି ନଜିର ରହିଛି। ଯାହାଦ୍ୱାରା ମନକୁ ଶାନ୍ତି ମିଳିଥାଏ । ଏହି କାରଣରୁ ସକାଳ ଏବଂ ସଂନ୍ଧ୍ୟାରେ ଆଳତୀ ସମୟରେ ବିଶେଷ ଭାବରେ ଘଣ୍ଟି ବଜାଯାଇଥାଏ । କୁହାଯାଏ ମନ୍ଦିରକୁ ଯିବାମାତ୍ରେ ଏକ ଅପୂର୍ବ ଶାନ୍ତି ମିଳିଥାଏ । ହିନ୍ଦୁ ଶାସ୍ତ୍ର ଅନୁସାରେ ଧର୍ମସ୍ଥଳରେ ଏହିଭଳି କାର୍ଯ୍ୟ ମନକୁ ଶାନ୍ତି ପ୍ରଦାନ କରିଥାଏ । ତେବେ ଘଣ୍ଟି ବ୍ୟତୀତ ମନ୍ଦିରରେ ଘଣ୍ଟର ଧ୍ୱନି ମଧ୍ୟ ଶୁଣିବାକୁ ମିଳିଥାଏ । ତେବେ ଏହି ଧ୍ୱନି ପ୍ରାୟ ୧ ମିଲୋମିଟର ପର୍ଯ୍ୟନ୍ତ ଶୁଣାଯାଇଥାଏ ।



# ଶୋଭନୀୟ ଚେତନା: ନିଜକୁ ମୁଁ ଭଲ କରିବି

ଡ.ଅରୁନ୍ଧତୀ ଦେବୀ



ପୃଥିବୀରେ ଅନେକ ଆନ୍ଦୋଳନର ଭିତ୍ତି ପଡ଼ିଛି ମାନବ ଜୀବନକୁ ଶୁଦ୍ଧପୂତ କରିବା ପାଇଁ ଓ ଆଦର୍ଶ ତଥା ଶାନ୍ତିମୟ କରି ଗଢ଼ିତୋଳିବା ପାଇଁ । ବହୁ ମହାତ୍ମା, ମନୀଷୀ, ସନ୍ଥ, ସାଧକ, ମହାପୁରୁଷ ଓ ପ୍ରବର୍ତ୍ତକଙ୍କର ତମାମ ଜୀବନ ଉତ୍ସର୍ଗୀକୃତ ହୋଇଛି ତଥାକଥିତ ପଙ୍କିଳ ଓ ବିଶୃଙ୍ଖଳିତ ମାନବ ସମାଜକୁ ବିଭିନ୍ନ ମାର୍ଗଦ୍ୱାରା ଶୃଙ୍ଖଳିତ କରିବାର ପ୍ରଚେଷ୍ଟାରେ । ଆଦିମ କାଳରୁ ମାନବ ଖୋଜିଆସିଛି ବାସ୍ତବ ଶାନ୍ତି, ଆନନ୍ଦ, ଶୁଦ୍ଧ ସ୍ନେହ, ମମତା ଓ ପବିତ୍ର ଭଲପାଇବା । କିନ୍ତୁ ଦୁଃଖ ଓ କ୍ଷୋଭର କଥା କେତେକ ତ୍ରୁଟି ଓ ଅବ୍ୟବସ୍ଥା ଯୋଗୁଁ ଆଜିର ସୂଚନାପ୍ରଯୁକ୍ତିର ମଣିଷ ଶାନ୍ତି ନାମରେ ଭ୍ରାନ୍ତି, ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତା ଓ ଉଚ୍ଛୃଂଖଳତା, ସ୍ନେହନାମରେ ସଂକୀର୍ଣ୍ଣ ସ୍ୱାର୍ଥ ଓ ଛଳନା ଓ ସୁଖ ନାମରେ କ୍ଷଣିକ ଉନ୍ମାଦନା ଲାଭ କରିଛି । ଧର୍ମଠାରୁ ଆରମ୍ଭ କରି ରାଜନୀତି, ଶିକ୍ଷା, ବ୍ୟବସାୟ, ସମାଜସେବା, ପାରିବାରିକ ଜୀବନ ସବୁକ୍ଷେତ୍ରରେ ଅଶୋଭନୀୟତା ଭରିଗଲାଣି । ସମାଜର ଏହି ନାନା ସମସ୍ୟାକୁ ଗଭୀରଭାବେ ଅନ୍ତର୍ଦୃଷ୍ଟି ସହ ପର୍ଯ୍ୟବେକ୍ଷଣ କଲେ ଜଣାଯାଏ ଯେ ମାନବିକ ଚେତନା ଓ ନୈତିକ ଶକ୍ତିର ଅଭାବ ହିଁ ଏ ସମସ୍ତ ସମସ୍ୟାର ମୂଳ କାରଣ । ତେଣୁ ମାନବିକ ଚେତନା ଓ ନୈତିକ ଶକ୍ତିର ବିକାଶ ବିନା ପୃଥିବୀର କୌଣସି ସମସ୍ୟାର ସମାଧାନ ସମ୍ଭବ ନୁହେଁ । ତଥାକଥିତ ସମାଜର ଚତୁର୍ଦ୍ଦିଗର ଅଶୋଭନୀୟତାର ରାକ୍ଷସ ଅନୀତି ଦୁର୍ନୀତି ବିଶ୍ୱାସଘାତକତା, ହିଂସା ପ୍ରତିହିଂସା ଓ କ୍ଷମତା ଲିପ୍ସୁର ମୁଣ୍ଡ ଟେକିଥିଲାବେଳେ ଏହାକୁ ପ୍ରତିହତ କରି ଏକ ଦିବ୍ୟ ସମାଜର ସ୍ୱପ୍ନ ଦେଖିଥିଲେ ଯେଉଁ ଯୁଗ ପୁରୁଷ ସେ ଥିଲେ ପୂଜ୍ୟ କୁମାର ଭାଇ । ସମାଜର ସୁପରିବର୍ତ୍ତନ ପାଇଁ ଜନସାଧାରଣଙ୍କର ମନ, ରୁଚି, ବିଚାରଧାରା ଓ ବିଶ୍ୱାସରେ ଯୁଗପଥ ପରିବର୍ତ୍ତନ ପାଇଁ ସେ ପ୍ରଚେଷ୍ଟା ଆରମ୍ଭ କରିଥିଲେ । ସେ ବିଶ୍ୱାସ କରିଥିଲେ ମନ ବଦଳିଲେ ଯୁଗ ବଦଳିବ । ଏହି ପରିବର୍ତ୍ତନ ସମ୍ଭବ ହୋଇପାରିବ ଶିକ୍ଷା, ସାହିତ୍ୟ, ନାଟକ, ସଂଗୀତ, କଳା, ପତ୍ରପତ୍ରିକା, ସମ୍ବାଦପତ୍ର ଓ ରେଡ଼ିଓ, ଟେଲିଭିଜନ, ବିଭିନ୍ନ ଗଠନ ମୂଳକ ପ୍ରଚାର ଶୈଳୀ, ଧର୍ମସଭା ଓ ମାନବିକ ଚେତନାଦାୟକ ଜାଗରଣକାରୀ ସଂସ୍ଥା ସାହାଯ୍ୟରେ । ସମାଜର ସୁରକ୍ଷା, ଶାନ୍ତି ଓ ମଙ୍ଗଳ ପ୍ରତିଷ୍ଠା ପାଇଁ ୧୯୬୨ ମସିହା ଅପ୍ରେଲ ୮ ତାରିଖରେ ଶ୍ରୀରାମଚନ୍ଦ୍ର ଭବନ ଠାରେ ତତ୍କାଳୀନ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ପ୍ରାଣକୃଷ୍ଣ ପରିଜାଙ୍କ ପୌରୋହିତ୍ୟରେ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଉଦ୍‌ଘାଟିତ ହୋଇଥିଲା । ଏହାର ଆୟୋଜକ ଥିଲେ ଦେଶସେବୀ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ । ସମଗ୍ର ମାନବ ସମାଜକୁ ଅଶୋଭନୀୟତା ଓ ହିଂସା ପ୍ରତିହିଂସା ଧ୍ୱଂସ ଆଡ଼କୁ ନେଇଯାଉଥିବା ସମୟରେ ଓଡ଼ିଶାର ଏହି ତରୁଣ କୁମାର ଭାଇ ଅଶୋଭନୀୟତାର ବିରୋଧ ଓ ଶୋଭନୀୟତାର ବିକାଶ ପାଇଁ ଚେତନାର ଶଂଖ ଶୁଣାଇଥିଲେ । ପରବର୍ତ୍ତୀ ସମୟରେ ଦେଶ ବିଦେଶରୁ ଏହି ଆନ୍ଦୋଳନ ପ୍ରତି ବହୁ ସମର୍ଥନ ଓ ସଦିଚ୍ଛାର ସୁଅ ଛୁଟିଥିଲା । ଭାରତୀୟ ବିଦ୍ୟାଭବନର ପ୍ରତିଷ୍ଠାତା ଡଃ. କେ. ଏମ୍. ମୁନ୍‌ସି, ଭୂଦାନ ଯଜ୍ଞର ପୁରୋଧା ବିନୋବା, ଲାଲ୍ ବାହାଦୁର ଶାସ୍ତ୍ରୀ, ମୋରାରଜୀ ଦେଶାଇ, ଲଣ୍ଡନର ଜିଓ ପେଡ଼ାକ୍ସ, ଆଚାର୍ଯ୍ୟ ହରିହର, ଡଃ. ହରେକୃଷ୍ଣ ମହତାବ, ପଦ୍ମଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ, ମା' ରମାଦେବୀ ପ୍ରମୁଖ ସମର୍ଥନ ଜଣାଇଥିଲେ । ଶିକ୍ଷାକ୍ଷେତ୍ରରେ ମଙ୍ଗଳମୟ ସଂସ୍କାର ପାଇଁ ଗଢ଼ି ଉଠିଥିଲା ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମ ଓ ଆଦର୍ଶ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର । ତାଙ୍କର ମୁଖ୍ୟ ବାଣୀ ଥିଲା - କେହି ଭଲ ହେଉ ବା ନ ହେଉ ନିଜକୁ ମୁଁ ଭଲ କରିବି ହିଁ । ସମସ୍ତଙ୍କ ଭିତରେ ଭଲ ପାଇବାର ମହାମନ୍ତ୍ରକୁ ପ୍ରଚାର ଓ ପ୍ରସାର ପାଇଁ ଶୋଭନୀୟ ଚେତନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବାର ଦାୟିତ୍ୱ କେବଳ ଶୋଭନୀୟ କର୍ମୀଙ୍କର ନୁହେଁ ବରଂ ଆମ ସମସ୍ତଙ୍କର ।



*କଟକ, ଦୂରଭାଷ : ୯୯୩୭୧୭୨୮୧୦*

## ଶରୀର ପାଇଁ ଜରୁରୀ ୩ ଭିଟାମିନ୍

**ଶରୀର ପାଇଁ ଭିଟାମିନ୍ ସି ମଧ୍ୟ ଅନେକ ମାତ୍ରାରେ ଜରୁରୀ । କାରଣ ଏହା ଆମ ରୋଗ ପ୍ରତିରୋଧ ଶକ୍ତିକୁ ବୃଦ୍ଧି କରାଏ । ଏହି ଭିଟାମିନର ଅଭାବ ଶରୀରର ରୋଗ ପ୍ରତିରୋଧକ କରିବାର କ୍ଷମତାକୁ ହ୍ରାସ କରିପାରେ ।**

ଶରୀରକୁ ସୁସ୍ଥ ରଖିବା ପାଇଁ ଅନେକ ଭିଟାମିନ୍ ଏବଂ ଖଣିଜ ପଦାର୍ଥର ଆବଶ୍ୟକତା ରହିଛି । ଶରୀରରେ ଏହି ସବୁ ଭିଟାମିନ୍‌ର ମାତ୍ରା କମ ରହିଲେ ସମଗ୍ର ବ୍ୟବସ୍ଥା ନଷ୍ଟ ହୋଇଯାଏ । ବ୍ୟସ୍ତବହୁଳ ଜୀବନ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଯୋଗୁଁ ଅଧିକାଂଶ ଲୋକ ଅତ୍ୟାବଶ୍ୟକ ଭିଟାମିନ୍ ଅଭାବରେ ପୀଡିତ ହେଉଛନ୍ତି । ଏହାର ଅଭାବ ଧୀରେ ଧୀରେ ଗମ୍ଭୀର ରୋଗର କାରଣ ହୋଇପାରେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଭିଟାମିନ୍ ସି, ଭିଟାମିନ୍ ଡି ଏବଂ ଭିଟାମିନ୍ ବି ୧୨ ଆମ ଶରୀର ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଯଦି ଶରୀରେ ଏହିସବୁ ଭିଟାମିନର ଅଭାବ ଦେଖାଯାଏ, ତେବେ ସ୍ୱାସ୍ଥ୍ୟ ଖରାପ ନିଶ୍ଚିତ । ସମୟ ଥିବା ବେଳେ ଏଥିପ୍ରତି ଦୃଷ୍ଟି ଦେଲେ ଆମ ଶରୀର ସହଜରେ ସନ୍ତୁଳିତ ରହିପାରିବ । ବିଶେଷଜ୍ଞଙ୍କ ମତରେ ଆମ ଶରୀର ପାଇଁ ଭିଟାମିନ୍ ଡି ଅତ୍ୟନ୍ତ ଆବଶ୍ୟକ । ଯାହାକି ଆମେ ସୂର୍ଯ୍ୟକିରଣରୁ ପାଇଥାଉ । ଏହା ହାଡକୁ ମଜଭୁତ କରେ, ରୋଗ ପ୍ରତିରୋଧକ ଶକ୍ତି ଏବଂ ମନୋଭାବ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଭିଟାମିନ୍ ଡିର ଅଭାବ ହେଲେ ହାଡ ଯନ୍ତ୍ରଣା, ଥକ୍କାପଣ ଏବଂ ଡିପ୍ରେସନ ଭଳି ସମସ୍ୟା ଦେଖାଯାଏ । ପ୍ରତିଦିନ ଅତି କମରେ ୧୫ରୁ ୨୦ ମିନିଟ ସକାଳର ସୂର୍ଯ୍ୟକିରଣ ନିଅନ୍ତୁ । ଅଣ୍ଡା, ମାଛ, କ୍ଷୀର ଏବଂ ଛତୁ ପରି ଭିଟାମିନ୍ ଡି ଯୁକ୍ତ ଖାଦ୍ୟ ଖାଆନ୍ତୁ । ଯଦି ଏହା ପରେ ମଧ୍ୟ ଭିଟାମିନ୍ ଡି ର ଅଭାବ ଦୂର ହୁଏ ନାହିଁ ତେବେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ବିଶେଷଜ୍ଞଙ୍କ ମତରେ ଭିଟାମିନ୍ ବି ୧୨ ସ୍ନାୟୁ ପାଇଁ ବହୁତ ଜରୁରୀ । ଭିଟାମିନ୍ ବି ୧୨ ସ୍ନାୟୁର କାର୍ଯ୍ୟ, ମସ୍ତିଷ୍କ ସ୍ୱାସ୍ଥ୍ୟ ଏବଂ ଲାଲ ରକ୍ତ କୋଷ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହାର ଅଭାବ ହେଲେ ଥକ୍କାପଣ, ଭୁଲିଯିବା, ମୁଣ୍ଡ ବୁଲାଇବା ଏବଂ ହାତ ଏବଂ ପାଦରେ ଝିମ୍ ଝିମ୍ ହେବାର ଲକ୍ଷଣ ଦେଖାଯାଏ । ଏହି ଭିଟାମିନର ଅଭାବ ଦୂର କରିବା ପାଇଁ ଅଣ୍ଡା, ମାଛ, କୁକୁଡା ଏବଂ କ୍ଷୀର ଜାତ ଦ୍ରବ୍ୟ ଖାଆନ୍ତୁ । ଏହି ଭିଟାମିନ୍ ନିରାମିଷ ଖାଦ୍ୟରେ ପ୍ରଚୁର ପରିମାଣରେ ମିଳିଥାଏ । ବିଶେଷଜ୍ଞଙ୍କ ମତରେ ଆମ ଶରୀର ପାଇଁ ଭିଟାମିନ୍ ସି ମଧ୍ୟ ଅନେକ ମାତ୍ରାରେ ଜରୁରୀ । କାରଣ ଏହା ଆମ ରୋଗ ପ୍ରତିରୋଧ ଶକ୍ତିକୁ ବୃଦ୍ଧି କରାଏ । ଏହି ଭିଟାମିନର ଅଭାବ ଶରୀରର ରୋଗ ପ୍ରତିରୋଧକ କରିବାର କ୍ଷମତାକୁ ହ୍ରାସ କରିପାରେ । ଭିଟାମିନ୍ ସି ଚର୍ମକୁ ଉନ୍ନତ କରିବାରେ, କ୍ଷତକୁ ସୁସ୍ଥ କରିବାରେ ଏବଂ ଆଇରନ୍ ଶୋଷଣ କରିବାରେ ସାହାଯ୍ୟ କରେ ।




## -ଅଜ୍ଞାତବାସର କଥା-



ସାଧାରଣତଃ କୁହାଯାଏ ଯେ ଯେତେବେଳେ ପାଣ୍ଡବମାନେ ୧୨ ବର୍ଷ ନିର୍ବାସନରେ ଯାଇଥିଲେ, ସେତେବେଳେ ଯୁଧିଷ୍ଠିର ବିବାହ କରିଥିଲେ। ଦେବିକାଙ୍କୁ ମାତା କୁନ୍ତୀଙ୍କ ପାଖରେ ଯୁଧିଷ୍ଠିର ଛାଡିଯାଇଥିଲେ। ସେଥିପାଇଁ ଅଜ୍ଞାତବାସ ସମୟରେ ତାଙ୍କ ପାଖରେ ସେ ନଥିଲେ । ସେମାନଙ୍କର ପୁଅର ନାମ କ'ଣ ଥିଲା ? ଦେବିକାଙ୍କର ଯୁଧିଷ୍ଠିରରୁ ଯୌଧେୟ ନାମକ ଏକ ପୁତ୍ର ଥିଲେ। ଯିଏ ମହାଭାରତ ଯୁଦ୍ଧରେ ଭାଗ ନେଇଥିଲେ ଏବଂ ତାଙ୍କୁ ହତ୍ୟା କରାଯାଇଥିଲା। କାରଣ ମହାଭାରତ ଯୁଦ୍ଧ ପରେ ପାଣ୍ଡବଙ୍କର କୌଣସି ପୁଅ ଜୀବିତ ରହିଲେ ନାହିଁ। କେବଳ ପରୀକ୍ଷିତ ଉତ୍ତରାଙ୍କ ଗର୍ଭରେ ବଢୁଥିଲେ । ଯାହାଙ୍କୁ ଯୁଧିଷ୍ଠିର ୩୬ ବର୍ଷ ଶାସନ କରିବା ପରେ ପରେ ରାଜଗାଦି ହସ୍ତାନ୍ତର କରିଥିଲେ। ତା'ପରେ ସେ ନିଜ ଭାଇ ଓ ସ୍ତ୍ରୀମାନଙ୍କ ସହିତ ହିମାଳୟ ଆଡକୁ ଶେଷ ଯାତ୍ରା ପାଇଁ ଚାଲିଗଲେ । ତେବେ ବିଷ୍ଣୁ ପୁରାଣରେ ଯୁଧିଷ୍ଠିରଙ୍କ ପୁଅର ନାମ ଦେବକ ଏବଂ ତାଙ୍କ ମାତାଙ୍କ ନାମ ଯୋଦେହି ବୋଲି ଉଲ୍ଲେଖ କରାଯାଇଛି। ସେ କେଉଁ ରାଜବଂଶର ଥିଲେ ? ମହାଭାରତରେ ଦେବିକାଙ୍କୁ ଉଲ୍ଲେଖ କରାଯାଇଛି।

## ଭଜନ ଓ ତାଳି ମାରିବା ପ୍ରକ୍ରିୟା

*ଅନେକ ଥର ନିଶ୍ଚୟ ଦେଖିଥିବେ ଯେ ଯେତେବେଳେ ଆମେ କୀର୍ତ୍ତନ ଭଜନରେ ଥାଉ, ଆମେ ଆପେ ଆପେ ତାଳି ମାରିବା ଆରମ୍ଭ କରିଥାଉ । କିମ୍ବା ଯେତେବେଳେ ଆମ ପ୍ରିୟ ଗୀତ ବାଜେ ଆମେ ତାଳି ମାରୁ । କିନ୍ତୁ ଆମେ କାହିଁକି ତାଳି ମାରୁ ଏବଂ ଏଭଳି କଲେ କ'ଣ ଲାଭ ମିଳେ ? ବିଶେଷଜ୍ଞଙ୍କ ଅନୁଯାୟୀ ଏହା ପଛରେ ଅନେକ କାରଣ ଅଛି । କୁହାଯାଏ ଯେ ଏହି ପରମ୍ପରା ପ୍ରହ୍ଲାଦଙ୍କ ସମୟରେ ଆରମ୍ଭ ହୋଇଥିଲା । ହିରଣ୍ୟକାଶ୍ୟପ ପ୍ରହ୍ଲାଦଙ୍କର ସମସ୍ତ ବାଦ୍ୟଯନ୍ତ୍ରକୁ ନଷ୍ଟ କରିଦେଇଥିଲା କାରଣ ସେ ବିଷ୍ଣୁଙ୍କୁ ଉପାସନା କରୁଥିଲେ । ଏହା ପରେ ପ୍ରହ୍ଲାଦ ଭଗବାନ ବିଷ୍ଣୁଙ୍କ ଭଜନ କରିବା ପାଇଁ ହାତରେ ତାଳି ମାରିବା ଆରମ୍ଭ କରିଥିଲେ, ଏହା ପରଠାରୁ ଭଜନ ସମୟରେ ତାଳି ଆରମ୍ଭ ହୋଇଥିଲା । ଭଜନ-କୀର୍ତ୍ତନ କିମ୍ବା ଆଳତି ସମୟରେ ତାଳି ମାରିବା ଦ୍ୱାରା ପାପ ନଷ୍ଟ ହୋଇଯାଏ ଏବଂ ନକାରାତ୍ମକ ଶକ୍ତି ଦୂର ହୋଇଥାଏ । ଅନ୍ୟ ଏକ ବିଶ୍ୱାସ ଅଛି ଯେ ପ୍ରାଚୀନ କାଳରେ ଲୋକମାନଙ୍କର ବାଦ୍ୟଯନ୍ତ୍ର ନଥିଲା, ତେଣୁ ସେମାନେ ଭଜନ ଏବଂ କୀର୍ତ୍ତନରେ ଗୀତରେ ତାଳ ଦେବା ପାଇଁ ତାଳି ମାରୁଥିଲେ । ବିଶେଷଜ୍ଞମାନେ କୁହନ୍ତି ଯେ କରତାଳି ମାରିବା ଦ୍ୱାରା ପାପୁଲିର ଆକ୍ୟୁପ୍ରେସର ପଏଣ୍ଟ ଉପରେ ଚାପ ପଡିଥାଏ, ଯାହା ହୃଦୟ ଏବଂ ଫୁସଫୁସ ରୋଗରେ ଆରାମ ଦେଇଥାଏ । ତାଳି ମାରିବା ଦ୍ୱାରା ରକ୍ତଚାପ ମଧ୍ୟ ଠିକ୍ ରହିଥାଏ । ତାଳି ବଜାଇବା ଏକ ପ୍ରକାର ଯୋଗ ଭାବରେ କରାଯାଏ । ଏହା କରିବା ଦ୍ୱାରା ଅନେକ ପ୍ରକାରର ରୋଗ ଭଲ ହୋଇଯାଏ ।*



# କାମଚଳା ଅଧିକାରୀଙ୍କୁ ନେଇ ଚାଲିଛି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ




କୃଷ୍ଣପ୍ରସାଦ(ନି ପ୍ର): ପୁରୀ ଜିଲ୍ଲା ଅଧିନ କୃଷ୍ଣପ୍ରସାଦ ବ୍ଲକ ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ହୋଇଥିବା ବେଳେ ଏଠାରେ ବିଭିନ୍ନ ବିଭାଗରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପଦବୀ ଖାଲି ପଡ଼ିଛି । ଫଳରେ ଶିକ୍ଷା ବିଭାଗ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗରେ କାମଚଳା ଅଧିକାରୀଙ୍କୁ ନେଇ ଯଥାକଥା ରୀତିରେ କାର୍ଯ୍ୟାଳୟ ଗୁଡ଼ିକ ଚାଲିଥିବା ଜଣାପଡିଛି । ପ୍ରକାଶ ଥାଉକି କୃଷ୍ଣପ୍ରସାଦ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ୬୭ ଗୋଟି ପ୍ରାଥମିକ, ୫୫ ଗୋଟି ଉଚ୍ଚ ପ୍ରାଥମିକ, ୨୬ ଗୋଟି ହାଇସ୍କୁଲ ଓ ୧ ଗୋଟି ଆଦର୍ଶ ବିଦ୍ୟାଳୟ ରହିଛି । ଏହି ସମସ୍ତ ବିଦ୍ୟାଳୟ ଗୁଡ଼ିକର ପରିଚାଳନା ଦାୟିତ୍ୱ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଉପରେ ନ୍ୟସ୍ତ କରେ । ମାତ୍ର ଦୀର୍ଘ ମାସ ଧରି ବ୍ଲକ ଶିକ୍ଷା ଅଧିକାରୀଙ୍କ ପଦବୀଟି ଖାଲି ପଡ଼ିଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଜଣେ କାମଚଳା ଅଧିକାରୀଙ୍କୁ ନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଟି ଚାଲିଥିବାରୁ ବାଘ ନଥିଲେ ମିରିଗ ନାଟ ହେବା ପରି ବ୍ଲକ ଅଧିନରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଲଗାମ ଛଡ଼ା ଭାବେ ଶିକ୍ଷା ଦାନ ନକରି ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ଜଣାପଡିଛି । ଫଳରେ ଶିକ୍ଷା ବ୍ୟବସ୍ଥା ବେଳକୁ ବେଳ ବିପର୍ଯ୍ୟସ୍ତ ଆଡକୁ ଗତି କରୁଛି । ଏ ଭଳି ଅଭାବନୀୟ ପରିସ୍ଥିତି ସମ୍ପର୍କରେ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳ ଅବଗତ ଥିଲେ ହେଁ କେହି ହେଲେ ସମସ୍ୟାର ସମାଧାନ ଦିଗରେ ଆଦୌ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି । ତେଣୁ ଶିକ୍ଷା ବିଭାଗରେ ସୁଧାର ଆଣିବା ନିମନ୍ତେ କୃଷ୍ଣପ୍ରସାଦ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜଣେ ଦକ୍ଷ ଶିକ୍ଷା ଅଧିକାରୀଙ୍କୁ ତୁରନ୍ତ ନିଯୁକ୍ତି ଦେବା ନିମନ୍ତେ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏଥିପ୍ରତି ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲାପାଳ ଓ ବିଧାୟିକା ଦୃଷ୍ଟି ଦେବାକୁ କୃଷ୍ଣପ୍ରସାଦ ବ୍ଲକ ବାସିନ୍ଦା ଦାବି କରିଛନ୍ତି ।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ନାକ୍ ପ୍ରସ୍ତୁତି

ଚରିଛକ,(ନିପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ୍ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ନାକ୍ ପ୍ରସ୍ତୁତି କର୍ମଶାଳା ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ସାଧନ ବ୍ୟକ୍ତିତ୍ୱ ଭାବେ ପ୍ରଫେସର ଦିଲ୍ଲିପ ମଙ୍ଗରାଜ ଯୋଗଦେଇ ମହାବିଦ୍ୟାଳୟକୁ ନାକ୍ ଅଧିସ୍ୱୀକୃତି ନିମନ୍ତେ ଆବଶ୍ୟକ ତଥ୍ୟ ଉପରେ ମାର୍ଗଦର୍ଶନ କରାଇଥିଲେ । ଏହି କର୍ମଶାଳାରେ ଅନ୍ୟତମ ସାଧନ ବ୍ୟକ୍ତିତ୍ୱ ଭାବେ ମୋନିକା ମଙ୍ଗରାଜ୍ ଯୋଗଦେଇ ନାକ୍ ପାଇଁ ଆବଶ୍ୟକ ଦସ୍ତାବିଜ ଉପରେ ଆଲୋକପାତ କରିଥିଲେ । ଆଇ.କ୍ୟୁ.ଏ.ସି ର ସଂଯୋଜିକା ଡକ୍ଟର ପୁର୍ଣିମା ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିଥିଲେ । ନାକ୍ ସଂଯୋଜିକା ଡକ୍ଟର ଶ୍ରୀଲେଖା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ।

## ରଜ ମହୋତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ

ନିମାପଡ଼ା, (ନି.ପ୍ର.): ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ ନୟା ସବେରା ନିମାପଡ଼ା ୟୁଥ୍ ଟ୍ରଷ୍ଟ ପକ୍ଷରୁ ପ୍ରଥମ ଥର ପାଇଁ 'ରଜ ମହୋତ୍ସ-୨୦୨୫' ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ୧୪ ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଲୁକାୟିତ ପ୍ରତିଭାକୁ ଯଥୋଚିତ ସମ୍ମାନ ଦେବା ପାଇଁ ବିଭିନ୍ନ ପ୍ରତିଯୋଗୀତାର ଆୟୋଜନ କରାଯାଇଛି । ଏକକ କଣ୍ଠ ସଂଗୀତ, ନୃତ୍ୟ, ଝୋଟି, ଢ଼ଗ ଢ଼ମାଳି, ଶଙ୍ଖ ବାଦନ, ଟଙ୍ଗ ଟିଷ୍ଟର, ହୁଳହୁଳି, ପୁଚି, ମ୍ୟୁଜିକ୍ ଚେୟାର, ଏକକ ଅଭିନୟ ଆଦି ପ୍ରତିଯୋଗୀତା ହେବ ବୋଲି ସଂପାଦକ ନିର୍ମଳ ପରିଜା ଗଣମାଧମକୁ ସୂଚନା ଦେଇଛନ୍ତି । ଏତଦ୍ ବ୍ୟତୀତ ଅଞ୍ଚଳର ସେବାରତ ଓ ସେବା ନିବୃତ ସେନାନୀଙ୍କୁ ସିନ୍ଦୂର କାର୍ଯ୍ୟକ୍ରମରେ ସମ୍ମାନୀତ କରାଯିବା ସହିତ ସୁଭଦ୍ରା ଭଉଣୀଙ୍କ ଦ୍ୱାରା ବିଭିନ୍ନ ପିଠା ପ୍ରସ୍ତୁତି ଓ ରଜ ପାନ ପ୍ରତିଯୋଗୀତା ମଧ୍ୟ ଅନୁଷ୍ଠିତ ହେବ ବୋଲି ପ୍ରସ୍ତୁତି ଚାଲିଛି ।

## ଗ୍ରାମଦେବତୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



ହିଞ୍ଜିଳିକାଟୁ,(ନିପ୍ର): ହିଞ୍ଜିଳିକାଟୁ ପୌରାଞ୍ଚଳ ଆଙ୍କୋରଡା ଗ୍ରାମରେ ୪ ତାରିଖ ଠାରୁ ୫ ଦିନ ଧରି ଚାଲିଥିବା ଗ୍ରାମଦେବତୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ସହ ହନୁମାନ ମନ୍ଦିର ସିଂହଦ୍ୱାର ଓ କପିଳେଶ୍ୱର ମହାଦେବ ମନ୍ଦିରର ଯଜ୍ଞମଣ୍ଡପ ପ୍ରତିଷ୍ଠା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ମନ୍ଦିର ପ୍ରତିଷ୍ଠା ଉତ୍ସବ ସକାଶେ ଗ୍ରାମକୁ ରଙ୍ଗବେରଙ୍ଗ ବାନା ଓ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା । ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରାଯାଇଥିଲା । ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିବସ ବୁଧବାର ଦିନ ପ୍ରାତଃରୁ ଗ୍ରାମର ସହସ୍ରାଧିକ ମହିଳା ଓ ପୁରୁଷ ଭକ୍ତ ଜଳଯାତ୍ରାରେ ସାମିଲ ହୋଇଥିଲେ । ପରେ ଦୀକ୍ଷା ଗ୍ରହଣ ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବିକଶିତ କୃଷି ସଂକଳ୍ପ ଅଭିଯାନ

ଚମ୍ପୁଆ,(ନିପ୍ର): ନୂତନ ପ୍ରଯୁକ୍ତି ବିଦ୍ୟା ଓ ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ପ୍ରଦାନ କରି ଚାଷୀମାନଙ୍କ ମତାମତକୁ ଗ୍ରହଣ କରିବା ସହିତ ଚାଷୀ ଭାଇ ଭଉଣୀ ମାନଙ୍କ ସହ ସିଧା ସଳଖ ଆଲୋଚନା ଲକ୍ଷ୍ୟ ନେଇ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଆଜି ଚମ୍ପୁଆ ଏନଏସି ଅନ୍ତର୍ଗତ ୧ନଂ ୱାର୍ଡ ଗୋଧୂଳି ଠାରେ ଅନୁଷ୍ଠିତ ହୋଇଯାଇଛି । ମେ ମାସ ୨୯ ତାରିଖରୁ ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଅଭିଯାନରେ କୃଷି ବୈଜ୍ଞାନିକ ଓ କୃଷକଙ୍କ ମଧ୍ୟରେ ଥିବା ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରାଯାଇଛି । ଗୋଧୂଳିଠାରେ ପ୍ରାୟ ଶତାଧିକ ଚାଷୀ ଭାଇ ଭଉଣୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ଭୁବନେଶ୍ୱର ଆସିଥିବା କୃଷି ବୈଜ୍ଞାନିକ ଡା. ପ୍ରବୀଣ ଝାକର ମହିଳା ଚାଷି ମାନଙ୍କ ପାଇଁ ଉଦ୍ଦିଷ୍ଟ ମିଶନ ଶକ୍ତି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆଦି ଉପରେ ଆଲୋଚନା କରିଥିବା ବେଳେ କେନ୍ଦୁଝର(କେଭିକେ) କୃଷି ବୈଜ୍ଞାନିକ ସିପ୍ରା ଦାସ ମୃତିକା ସ୍ୱାସ୍ଥ୍ୟ କାର୍ଡ ଓ କମ୍ପୋଷ୍ଟ ପ୍ରସ୍ତୁତ ପ୍ରଣାଳୀ ଉପରେ ଚାଷିଙ୍କୁ ଅବଗତ କରିଥିଲେ ।

## ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟାଇଥାଏ ଶିଶୁଗଳ୍ପ

ବଡ଼ସାହି (ନିପ୍ର): ବାଣୀପୀଠ ତରଫରୁ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଅକାଦମୀ ଆନୁକୂଲ୍ୟରେ ବିବେକାନନ୍ଦ ବିହାର ଠାରେ ଚାଲିଥିବା ଦୁଇ ଦିନିଆ ରାଜ୍ୟସ୍ତରୀୟ ଶିଶୁଗଳ୍ପ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି । ଡ଼କ୍ଟର ଶଶିଧର ବିଶ୍ୱାଳ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ସକାଳ ୭ ଘଟିକା ଠାରୁ ପିଲାମାନଙ୍କ ମଧ୍ୟରେ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତା ଭିତରେ କର୍ମଶାଳାରେ ଲିଖିତ ହୋଇଥିବା ୧୦ଟି ଲେଖାଏଁ ଗଳ୍ପକୁ ଶିଶୁ ସାହିତ୍ୟିକମାନେ ପାଠ କରିଥିଲେ । ପରେ ପରେ ପିଲାଙ୍କ ନାମରେ ୨୫ଟି ବୃକ୍ଷ ରୋପଣ କରାଯାଇଥିଲା । ଦିବା ୧୧.୩୦ ସମୟରେ ଜେଜେ ଗୁରୁଜୀ ବେଣୁଧର ଜେନାଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା ।

## ନିମାପଡ଼ାରୁ ବଲଙ୍ଗା ରାସ୍ତା କାର୍ଯ୍ୟ ଯଥାଶୀଘ୍ର ସାରିବାକୁ ପୂର୍ତ୍ତ ବିଭାଗ, ପୁରୀଙ୍କ ନିକଟକୁ ଦାବିପତ୍ର

ନିମାପଡ଼ା, (ନି.ପ୍ର.): ନିମାପଡ଼ାରୁ ବଲଙ୍ଗା ୧୪ କି.ମି. ରାସ୍ତା ବହୁ ଦିନ ଧରି ବିପର୍ଯ୍ୟସ୍ତ ହୋଇପଡ଼ିବା ସହିତ ଅଧିକାଂଶ ସ୍ଥାନରେ ବିରାଟ ଖାଲଖମା ସୃଷ୍ଟି ହୋଇ ଅନେକ ସ୍ଥାନରେ ରାସ୍ତା ଦବି ଯାଇ ଏକ ବିପଦଜନକ ମରଣଯନ୍ତାରେ ପରିଣତ ହୋଇଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବହୁବାର ପୂର୍ତ୍ତ ବିଭାଗକୁ ଦାବୀପତ୍ର ପ୍ରଦାନ କରାଯିବା ସତ୍ତ୍ୱେ ରାସ୍ତା କାର୍ଯ୍ୟ ଆରମ୍ଭ ହେଉ ନଥିବାରୁ ଜନ ଅସନ୍ତୋଷ ତେଜିବାରେ ଲାଗିଛି । ଆସନ୍ତା ସ୍ନାନ ପୂର୍ଣ୍ଣିମା ତତ୍ପରେ ରଥଯାତ୍ରା ସମୟରେ ଏହି ରାସ୍ତା ଦେଇ ଲକ୍ଷାଧିକ ଲୋକ ଯାତାୟାତ କରିବାର ସମ୍ଭାବନା ଥିବାରୁ ରଥଯାତ୍ରା ପୂର୍ବରୁ ସର୍ବନିମ୍ନ ମରାମତି କାର୍ଯ୍ୟ ସମାପ୍ତ କରିବାକୁ ସୋମବାର ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ପୁରୀଙ୍କ ଉଦ୍ଦେଶ୍ୟରେ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ନିମାପଡ଼ାଙ୍କ କାର୍ଯ୍ୟାଳୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଗୋପବନ୍ଧୁ ସେବା ସଂଘ ସଂପାଦକ କୃଷ୍ଣଚନ୍ଦ୍ର ପାତ୍ର, ରଂଜିତ ରଥ, ବାବୁଲି ମହାପାତ୍ର, ଦଣ୍ଡପାଣି ସାହୁ, କୃଷ୍ଣମୋହନ ବେହେରା, ଅଜୟ ମିଶ୍ର, ଗଙ୍ଗାଧର ଓଝାଙ୍କ ନେତୃତ୍ୱରେ ଶତାଧିକ ନାଗରିକ ଯୋଗ ଦେଇ ଯଥାଶୀଘ୍ର ନିମାପଡ଼ା ବଲଙ୍ଗା ରାସ୍ତା କାର୍ଯ୍ୟ ସମାପ୍ତି କରିବାକୁ ପୂର୍ତ୍ତ ବିଭାଗ ନିକଟରେ ଦୃଢ଼ ଦାବି ରଖିଥିଲେ ।

## ଏସ.ଏଚ.ଜି ଗ୍ରୁପ୍‌କୁ ସ୍ୱାବଲମ୍ବୀ କରିଛି ମାଣ୍ଡିଆ ଜାତୀୟ ଟିଫିନ୍ ଷ୍ଟଲ



ଭାପୁର(ନିପ୍ର); ଭାପୁର ବ୍ଲକରେ ନୟାଗଡ ଜିଲ୍ଲାର ପ୍ରଥମ କରି ମାଣ୍ଡିଆରେ ତିଆରି ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଟିଫିନ୍ ସେଣ୍ଟର ଖଣ୍ଡପଡ଼ା ବିଧାୟକଙ୍କ ଦ୍ୱାରା କରବର ଗ୍ରାମରେ ଗତ ମେ ମାସ ୫ ତାରିଖ ଦିନ ଉଦ୍‌ଘାଟିତ କରିଥିଲେ । ଏହି ସେଣ୍ଟର ଶ୍ରୀ ଅଭିଯାନ ତରଫରୁ ସୁଭଦ୍ରା ସ୍ୱୟଂ ସହାୟକ ଗୋଷ୍ଠୀ,କରବର ସଭ୍ୟା ମାନଙ୍କ ଦ୍ୱାରା ପରିଚାଳିତ ହୋଇଆସୁଛି । ଗୁଣାତ୍ମକ ମାଣ୍ଡିଆ ଚୁନାରେ ତିଆରି ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଟିଫିନ୍ ସର୍ବସାଧାରଣଙ୍କ ପାଇଁ ପ୍ରତ୍ୟେକ ଦିନ ଭିଡ ଲାଗିରହୁଛି । ଏହା ଖାଇଲେ ଶରୀରର ପ୍ରତିରୋଧକ ଶକ୍ତି ବଢ଼ିବା ସହିତ ମଣିଷ ସୁସ୍ଥ ଓ ନିରୋଗ ରହିଥାଏ । କମ୍ ଖର୍ଚ୍ଚରେ ଅଧିକ ଆଦାୟ ହେଉଥିବା ମଣ୍ଡିଆରେ ସମସ୍ତ ଭିଟାମିନ ଭରପୁର ରହିଥିବାରୁ ସେଥିରୁ ତିଆରି ଆରିସା ପିଠା,ଦହି ବୁନ୍ଦି,ମିକ୍ସଚର୍,ବରା,ଲଡୁ,ଦହି ବରା ପୋଡ଼ ମିଠା,ଆଦି ଟିଫିନ୍ ଜାତୀୟ ଖାଦ୍ୟ ଶରୀରର ପୌଷ୍ଟିକ ଗୁଣବତ୍ତା ବଢିବା ସହିତ ସ୍ୱାସ୍ଥ୍ୟ ଉତ୍ତମ ରହିଥାଏ । ବର୍ତ୍ତମାନ ପ୍ରସାର କରିଥିବା ଫାଷ୍ଟଫୁଡ୍ ଟିଫିନ୍ ଠାରୁ ମିଲେଟ ଟିଫିନ୍ ସତଗୁଣ ଦେହ ପାଇଁ ହିତକାରକ ହୋଇଥିବାରୁ ଧୀରେଧୀରେ ଏହାର ଚାହିଦା ବଢୁଥିବା ପରିଲକ୍ଷିତ ହୋଇଛି । ସୁଭଦ୍ରା ସ୍ୱୟଂ ସହାୟକ ଗୋଷ୍ଠୀର ୧୧ ଜଣ ସଭ୍ୟା ସୋସାଇଟ୍‌ରୁ ମାଣ୍ଡିଆ କ୍ରୟ କରି ତାକୁ ସଫା ସୂତରା କରି ମିଲ୍‌ରେ ଚୂର୍ଣ୍ଣ କରିଥାନ୍ତି । ମାଣ୍ଡିଆ ଚୂର୍ଣ୍ଣକୁ ସେମାନେ ବିଭିନ୍ନ ପ୍ରକାର ଟିଫିନ୍ ଜାତୀୟ ଆଇଟମ୍ ତିଆରି କରି ଷ୍ଟଲ୍‌ରେ ବିକ୍ରୟ କରିଥାନ୍ତି । ଗ୍ରୁପ୍‌ରେ ରହିଥିବା ୧୧ ଜଣ ସଭ୍ୟାଙ୍କ ଅକ୍ଲାନ୍ତ ପରିଶ୍ରମ ଦ୍ୱାରା ସେମାନେ ମାସିକ ଲାଭାଂଶ ୧୫ ହଜାର ଟଙ୍କା ସଞ୍ଚୟ କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ୧୧ ଜଣ ସଭ୍ୟାଙ୍କ ମଧ୍ୟରୁ ପାଳିକରି ସକାଳ ଓଳି ୬ ଜଣ ଏବଂ ଅପରାହ୍ନରେ ୫ ଜଣ ଷ୍ଟଲ୍‌କୁ ପରିଚାଳନା କରୁଛନ୍ତି । ବିଶେଷକରି, ବାଟୋଇ, ଛୋଟ ଛୁଆ ଏବଂ ବୟସ୍କ ବ୍ୟକ୍ତି ମାନଙ୍କର ଏହି ମାଣ୍ଡିଆ ଜାତୀୟ ଟିଫିନ୍ ପ୍ରତି ଆଗ୍ରହ ଅଧିକ ରହିଛି ବୋଲି ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସୁଷମା ରାଉତ ଏବଂ ସମ୍ପାଦକ ରିଙ୍କି ଦଳେଇ ପ୍ରକାଶ କରିଛନ୍ତି । ଯଦି, ଅଧିକ ସରକାରୀ ସହାୟତା ମିଳି ପାରନ୍ତା ତେବେ ଆହୁରି ଅଧିକ ରୋଜଗାର ହୋଇପାରନ୍ତା ବୋଲି ଗ୍ରୁପ୍ ର ସଭ୍ୟା ମାନେ ପ୍ରକାଶ କରିଛନ୍ତି ।

## ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପ୍ରଦାନରେ ବିଳମ୍ବ: ଜନଅସନ୍ତୋଷ

ଖଣ୍ଡପଡା,(ନି.ପ୍ର): ଖଣ୍ଡପଡ଼ା ଏନଏସି କାର୍ଯ୍ୟାଳୟ ପକ୍ଷରୁ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶପତ୍ର ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ଜନଅସନ୍ତୋଷ ଦେଖାଦେଇଛି । ଆଗକୁ ବର୍ଷାଋତୁ ଆସୁଥିବାରୁ ହିତାଧିକାରୀମାନେ କାର୍ଯ୍ୟାଦେଶ ପତ୍ର ପାଇଲେ ବି ଅବିଶ୍ରାନ୍ତ ବର୍ଷା ଆବାସ ଗୃହ ନିର୍ମାଣରେ ବାଧକ ସାଜିବ ବୋଲି ଜଣାପଡିଛି । ଏବେ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଏନଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଆବାସ ଯୋଜନାରେ ବାସଗୃହ ପାଇବାକୁ ଯୋଗ୍ୟ ବିବେଚିତ ହିତାଧିକାରୀମାନଙ୍କୁ ତୁରନ୍ତ କାର୍ଯ୍ୟାଦେଶପତ୍ର ପ୍ରଦାନ ନିମନ୍ତେ ଏନଏସି ଅଧକ୍ଷା ଓ ନୟାଗଡ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ତଳପାଟକ ଗ୍ରାମରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବୃକ୍ଷରୋପଣ

ନିମାପଡ଼ା, (ନି.ପ୍ର.): ଏହି ଥାନା ଅନ୍ତର୍ଗତ ଚଅଁରପଦା ଗ୍ରା.ପ.ର ତଳପାଟକ ଗ୍ରାମରେ ନିମାପଡ଼ା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ବନ୍ଧୁ ମିଳନ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଆଇନଜୀବୀ ପ୍ରସନ୍ନ କୁମାର ପଣ୍ଡା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରମୋଦ ଚନ୍ଦ୍ର ମହାନ୍ତି, ଉପ-ସଭାପତି କୃଷ୍ଣ ମୋହନ ବେହେରା, ପ୍ରକୃତି ପ୍ରେମୀ ସୁରେନ୍ଦ୍ର ସାହୁ, ସାମ୍ବାଦିକ ପ୍ରଶାନ୍ତ ସାହୁ, ଯୁବନେତା ବିଜୟାନନ୍ଦ ଦାସ, ପ୍ରସନ୍ନ କୁମାର ଶାସମଲ, ଡ଼ଃ ଅମୂଲ୍ୟ ପ୍ରସାଦ ଦାଶ, ସନ୍ତୋଷ ପଣ୍ଡା, ବାବାଜି ସାହୁ, ରବୀନ୍ଦ୍ର ରାଉତ, ପ୍ରମୁଖ ଯୋଗ ଦେଇ ମନ୍ଦିର କମିଟି କାର୍ଯ୍ୟକର୍ତାଙ୍କ ଉଦ୍ୟମକୁ ସାଧୁବାଦ ଜଣାଇଥିଲେ । ସବୁଜବନାନୀ ଘେରରେ ଥିବା ଗ୍ରାମ ମନ୍ଦିର ପରିସରରେ ବୃକ୍ଷରୋପଣ କରାଯାଇ ଏହାକୁ ଅତ୍ୟନ୍ତ ସରସ, ସୁନ୍ଦର କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ମଞ୍ଚ ପକ୍ଷରୁ ଘୋଷଣା କରାଯାଇଥିଲା । ଗ୍ରା.ପ. ମୁଖ୍ୟାଳୟ ଠାରୁ ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଉନ୍ନତିକରଣ ପାଇଁ କମିଟି ପକ୍ଷରୁ ବିଡ଼ିଓଙ୍କ ନିକଟରେ ଦାବୀ କରାଯାଇଥିଲା ।

## ଓଡିଶା ଅଣଗେଜେଟେଡ଼୍ ବନସେବା ସଂଘ ୨୨ ରୁ ସମୂହ ଛୁଟି ରେ ଯିବେ




ଛତ୍ରପୁର (ନି. ପ୍ର) : ଓଡିଶା ଅଣ ଗେଜେଟେଡ଼୍ ବନ ସେବା ସଂଘ ବ୍ରହ୍ମପୁର ଜୋନ ପକ୍ଷରୁ ଆଜି ବିଭିନ୍ନ ଦାବୀ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି, ପ୍ରାରମ୍ଭ ରେ ବନବିଭାଗର କ୍ଷେତ୍ର କର୍ମଚାରୀ ମାନେ ଏକ ବିରାଟ ଶୋଭାଯାତ୍ରାରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଂଚିଥିଲେ । ସେଠାରେ ଗଞ୍ଜାମ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଗତ ମେ ମାସ ୨୪ ତାରିଖ ଦିନ ଢେଙ୍କାନାଳ ଡିଭିଜନ ହିନ୍ଦୋଳ ରେଞ୍ଜ ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କୁ ନିର୍ମମ ହତ୍ୟା ଘଟଣାରେ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଅନୁକମ୍ପା ସହାୟତା ଏବଂ ତାଙ୍କ ନାବାଳିକା ଝିଅର ପାଠପଢା ସହ ଥଇଥାନ ଏବଂ ଚାକିରି ସହ ସମସ୍ତ ସୁବିଧା ପାଇଁ ଦାବି କରାଯାଇଛି । ସେହିପରି ବନ ବିଭାଗର ଅବ୍ୟବସ୍ଥା ପ୍ରତିକାର ଲାଗି ଏକ 'ଫରେଷ୍ଟ କମିଶନ' ଗଠନ କରିବା, ସମସ୍ତ ୱଇଙ୍ଗକୁ ଇଣ୍ଟିଗ୍ରେଟ କରି ଜିଲ୍ଲା ବା ସର୍କଲ ସ୍ତରରେ ଗୋଟିଏ ଛତା ତଳେ ପରିଚାଳନା କରାଯିବା, ଭୌଗଳିକ ଅଂଚଳ ଓ ଜଙ୍ଗଲ ଘନତା ଅନୁସାରେ ରେଞ୍ଜ/ସର୍କଲ/ବିଟ୍ ର ପୁନଃର୍ଗଠନ କରାଯିବା, ବନ୍ୟପ୍ରାଣୀ ଓ ଟେରିଟୋରିଆଲ ଡିଭିଜନ ମାନଙ୍କରେ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ଏବଂ ରାପିଡ୍ ରସେପଣ୍ଡ ଟିମ୍ ପାଇଁ ସ୍ୱତନ୍ତ୍ର କର୍ମଚାରୀ ନିୟୋଜନ ସହ ନୂତନ କେଡର ପୋଷ୍ଟ ସୃଷ୍ଟି କରାଯିବା, ବନ ବିଭାଗର ଦକ୍ଷତା ବୃଦ୍ଧି ସମ୍ବନ୍ଧେ କମିସନ ୨ ମାସ ମଧ୍ୟରେ କିପରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ତାର ନିଷ୍ପତିନାମା ଜାରି କରାଯିବା, ମାଓବାଦୀ,ସ୍ମଗ୍ଲର ଓ ଜଙ୍ଗଲ ମାଫିଆଙ୍କ ଦୌରାତ୍ମ୍ୟରେ ଘଞ୍ଚ ଜଙ୍ଗଲରେ ବିପଦପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରୁଥିବା ବନ କର୍ମଚାରୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ପୋଲିସ୍ ବିଭାଗ ଭଳି ସାଲେରି ଆକାଉଣ୍ଟ ଇନସୁରାନ୍ସ ପ୍ୟାକେଜ କୁ ଯେ କୌଣସି ଜାତୀୟ ବ୍ୟାଙ୍କ ଜରିଆରେ ପ୍ରଦାନ କରିବା ପାଇଁ ସେମାନେ ପୂର୍ବରୁ ଦାବି କରିଥିଲେ ମଧ୍ୟ ସେମାନଙ୍କ ଦାବି ଏଯାବତ୍ ପୂରଣ ହୋଇପାରିନାହିଁ । ଏଣୁ ପୁଣି ଆଜି ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବି ଗୁଡିକ ପୂରଣ ନ ହେଲେ ବନସେବା ସଂଘର ନିଷ୍ପତି କ୍ରମେ ଆସନ୍ତା ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ସର୍କଲର ସମସ୍ତ ସଭ୍ୟ /ସଭ୍ୟା ମାନେ କଳାବ୍ୟାଚ ପିନ୍ଧି ପ୍ରତିବାଦ କରିବେ ।

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ତୈଳଚିତ୍ର ଉନ୍ମୋଚିତ

କଟକ,(ନିପ୍ର): ରାଷ୍ଟ୍ରୀୟ ଏକତା ଓ ସଂହତିର ସୁରକ୍ଷା କ୍ଷେତ୍ରରେ ହରିହରାନନ୍ଦଙ୍କ ଜୀବନବ୍ୟାପୀ ଉଦ୍ୟମ ଉଲ୍ଲେଖ୍ୟଯୋଗ୍ୟ । ରାଷ୍ଟ୍ରୀୟ ବିଚାରଧାରାର ବ୍ୟାଖାକାର ଭାବେ ସେ ଉତ୍ତରପିଢ଼ିଙ୍କୁ ଉଦବୋଧିତ କରି ଆସିଛନ୍ତି ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ



ଯୋଗ ଦେଇ ଉଚ୍ଚଶିକ୍ଷା ତଥା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଅଧକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଶ୍ରୀ ନନ୍ଦଙ୍କ ସାଂଗଠନିକ ଦକ୍ଷତା ଓ ଦେଶସେବା ସମ୍ପର୍କରେ ଆଲୋକପାତ କରିଥିଲେ । ରାଷ୍ଟ୍ରଦୀପର ପୂର୍ବତନ ସଂପାଦକ ଜଗବନ୍ଧୁ ମିଶ୍ର କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଶ୍ରୀ ନନ୍ଦଙ୍କୁ ଜାତୀୟତାବାଦୀ ସଂଗୀତ ସ୍ରଷ୍ଟା ଓ ମୌଳିକ ଚିନ୍ତକ ଭାବେ ଉପସ୍ଥାପନା କରିଥିଲେ ।

### ଉଗ୍ରତାରା ପୀଠରେ ରଜ ଯାତ୍ରାକୁ ଆଉ ରହିଲା ୩ ଦିନ

# ମୁଖ୍ୟ ସ୍ୱାଗତ ତୋରଣ ପ୍ରତି ମନ୍ଦିର ପ୍ରଶାସନର ଅଣଦେଖା

- ଲଗାଯାଇଥିବା ସୋଲାର ଷ୍ଟ୍ରିଟ ଲାଇଟ ନାହିଁ
- ଅସୁରକ୍ଷିତ ଓ ଚାବି ବନ୍ଦ ଶୌଚାଳୟ ପ୍ରତି ଶ୍ରଦ୍ଧାଳୁ ମୁହଁ ଫେରାଉଛନ୍ତି



ନିରାକାରପୁର,(ନିପ୍ର): ରାଜ୍ୟର ଅନ୍ୟତମ ଶକ୍ତି ପୀଠ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ବ୍ଲକ ମୁଲିଝର ଗଡ଼ ରେ ବିଦ୍ୟମାନ ମା ଉଗ୍ରତାରାଙ୍କ ପୀଠରେ ଆଉ ତିନି ଦିନରେ ଅନୁଷ୍ଠିତ ହେବାକୁ ଯାଉଛି ପ୍ରସିଦ୍ଧ ରଜ ଯାତ୍ରା ଓ ମା ଉଗ୍ରତାରା ମହୋତ୍ସବ । କିନ୍ତୁ ଏ ପର୍ଯ୍ୟନ୍ତ କେବଳ ଯାତ୍ରା ଅନୁଷ୍ଠିତ ଉଦ୍ଦେଶ୍ୟରେ ପ୍ରଶାସନ ନାମକୁ ମାତ୍ର ପ୍ରସ୍ତୁତି ବୈଠକ ସାରି ତାଙ୍କର କାର୍ଯ୍ୟଭାର ସମାପନ କରିବାକୁ ଲାଗିପଡିଛନ୍ତି । କିନ୍ତୁ ଏହାର ପାରିପାର୍ଶିକ ଆନୁଷଙ୍ଗିକ ବ୍ୟବସ୍ଥା ର ଉନ୍ନତିକରଣ ଓ ଭକ୍ତଙ୍କ ଅସୁବିଧା ପାଇଁ ଉପଲବ୍ଧ ବ୍ୟବସ୍ଥାର ତଦାରଖ ନ କରିବା ଦୁର୍ଭାଗ୍ୟଜନକ ଭଳି ମାନେ ହେଉଛି । ମନ୍ଦିରର ଉନ୍ନତିକରଣ ସହ ମା'ଙ୍କ ପୀଠ ର ସୌନ୍ଦର୍ଯ୍ୟ କରଣ କାର୍ଯ୍ୟର ଶିଳାନ୍ୟାସ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିଲେ । ମା ଙ୍କ ପୀଠ ର ନବୀ କରଣ ହେବା ଦ୍ୱାରା ଭକ୍ତ ମାନେ ନୂତନ ଅନୁଭବ ପାଇବା ସହ ବହୁ ଭକ୍ତଙ୍କର ସମାଗମ ହେବ। ଭକ୍ତ ମାନେ ପରିକ୍ରମା ମାର୍ଗରେ ଯାଇ ମା ଉଗ୍ରତାରାଙ୍କୁ ଦର୍ଶନ କରିପାରିବେ ବୋଲି ଉଦ୍ୟମ କରାଯାଇଥିଲା । ଖ୍ୟାତନାମା ଉଗ୍ରତାରାଙ୍କ ମନ୍ଦିର ୧୬ନଂ ଜାତୀୟ ରାଜପଥଠାରୁ ୩ କିଲୋମିଟର ଦୂର ସହ ଭୂଷଣ୍ଡପୁର ରେଳ ଷ୍ଟେସନ ଠାରୁ ଏକ କିଲୋମିଟର ଦୂରରେ ଅବସ୍ଥିତ ।ବହୁ ପୁରାତନ ମନ୍ଦିର ହୋଇଥିବାରୁ ପ୍ରତ୍ୟେକ ଦିନ ଏହି ପୀଠକୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ୨୦୨୨ ନଭେମ୍ବର ୨୧ ତାରିଖରେ ୫ ଟି ଅଧକ୍ଷ କାର୍ତିକ ପାଣ୍ଡିଆନ ମା ଉଗ୍ରତାରାଙ୍କ ମନ୍ଦିରକୁ ଅଚାନକ ପରିଦର୍ଶନ କରି ଏହାର ରୂପାନ୍ତରୀଣ ଯୋଜନାର କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ ତାହା ପରଖି ଥିଲେ । ମା ଉଗ୍ରତାରାଙ୍କ ପରିକ୍ରମା ମାର୍ଗ ସହ ସେବାୟତଙ୍କ ବିଶ୍ରାମ ଭବନ, ତୀର୍ଥ ଯାତ୍ରୀ ବିଶ୍ରାମ ଗୃହ ,ଦୋକାନ ଘର,ଭୋଗ ମଣ୍ଡପ, ସୂଚନା କେନ୍ଦ୍ର ସହ ମନ୍ଦିର ପୁଷ୍କରିଣୀ ସମୂହର କାର୍ଯ୍ୟ ପାଇଁ ୨୪ କୋଟି ୪୫ ଟଙ୍କା ମଞ୍ଜୁର କରାଯାଇଥିଲା । ଏହାର ନିର୍ମାଣ ଦାୟିତ୍ୱ ଓବିସିସିକୁ ପ୍ରଦାନ କରାଯାଇଥିଲା । କାର୍ଯ୍ୟ ଆରମ୍ଭ କରି ୨୦୨୫ ଏପ୍ରିଲ ୧୯ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପରେ ସରକାର ପରିବର୍ତ୍ତନ ହେବା ପରେ ଉକ୍ତ କାର୍ଯ୍ୟ ଏବେ ଅଧାପନ୍ତରିଆ । କୌଣସି କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ । ସେହିପରି ୧୬ ନଂ ଜାତୀୟ ରାଜପଥରୁ ମନ୍ଦିରକୁ ରାସ୍ତାକୁ ପ୍ରବେଶ କରିବା ଦିଗରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସ୍ୱାଗତ ତୋରଣ ଏବେ ଦୟନୀୟ ଅବସ୍ଥାରେ କଳଙ୍କି ଲାଗି ରହିଛି । ବର୍ଷକୁ ଥରେ ରଜ ଯାତ୍ରା ସମୟରେ ମନ୍ଦିର ଟ୍ରଷ୍ଟ ତରଫରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ମନ୍ଦିର ରଙ୍ଗ ଠାରୁ ଆରମ୍ଭ କରି ୭ ଦିନ ଯାତ୍ରା ଓ ୫ ଦିନ ଧରି ଉଗ୍ରତାରା ମହୋତ୍ସବ ଅନୁଷ୍ଠିତ ହେଉଥିଲେ ବି ଦୀର୍ଘ ବର୍ଷ ଧରି ପୂର୍ବତନ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀଙ୍କ ସହାୟତାରେ ସମ୍ପୂର୍ଣ୍ଣ ଲୁହାରେ ନିର୍ମିତ ହୋଇଥିବା ସ୍ୱାଗତ ତୋରଣ ଏବେ ଅବହେଳିତ ଅବସ୍ଥାରେ କେବଳ ଦଣ୍ଡାୟମାନ ହୋଇ ଭକ୍ତମାନଙ୍କୁ ବାଟ କଢ଼େଇ ନେଉଛି । ଶୁଣିବାକୁ ମିଳୁଛି ସେହି ଗେଟ ର ନିର୍ମାଣ ଦିନ ଠାରୁ ଏ ପର୍ଯ୍ୟନ୍ତ ସାମାନ୍ୟ ରଙ୍ଗ ଟିକେ କରିବାକୁ କାହାର ଯେମିତି ଆଗ୍ରହ ନାହିଁ । ସେ ଗେଟ ଟି ବର୍ତ୍ତମାନ ଧୀରେ ଧୀରେ କଳଙ୍କି ଲାଗିବାକୁ ବସିଲାଣି । କିନ୍ତୁ ମନ୍ଦିର ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ କାହାରି ଦୃଷ୍ଟି ନ ପଡ଼ିବା ଦୁର୍ଭାଗ୍ୟଜନକ ବିଷୟ । ଖୋର୍ଦ୍ଧା ଜିଲ୍ଲା ଭୂଷଣ୍ଡପୂର ମା ଉଗ୍ରତାରାଙ୍କ ପୀଠ ଏକ ପ୍ରସିଦ୍ଧ ଧର୍ମ ପୀଠ ହୋଇଥିବାବେଳେ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହି ପୀଠ କୁ ଓଡ଼ିଶା ଓ ରାଜ୍ୟ ବାହାରରୁ ଦୈନନ୍ଦିନ ଶହ ଶହ ପର୍ଯ୍ୟଟକ ଓ ଭକ୍ତ ଆସୁଛନ୍ତି । ପୁଣି ଆଗରୁ ୧୬ ନଂ ଜାତୀୟ ରାଜପଥ ରୁ ଉଗ୍ରତାରା ମନ୍ଦିରକୁ ଯିବାକୁ ସହଜ ଥିବାବେଳେ ଜାତୀୟ ରାଜପଥ ସମ୍ପ୍ରସାରଣ ପରେ ଏହି ଛକରେ ଏକ ଓଭର ବ୍ରିଜ ନିର୍ମାଣ କରାଯାଇଛି । ଫଳରେ ଏହି ପୀଠ କୁ ଯାତାୟାତ କରିବା ପାଇଁ ଏହି ସ୍ୱାଗତ ଗେଟ ର ଭୂମିକା ଗୁରୁତବପୂର୍ଣ୍ଣ ରହିଛି । ଆଗରୁ ଏଥିରେ ଅନେକ ଗୁଡ଼ିଏ ଆଲୋକ ବ୍ୟବସ୍ଥା କରାଯାଇଥିବାବେଳେ ଏବେ ଆଉ ମାତ୍ର ଗୋଟିଏ ଲାଇଟ୍ ଜଳୁଛି । ଏହି ପୀଠକୁ ଜାତୀୟ ରାଜପଥରୁ ମନ୍ଦିର ପର୍ଯ୍ୟନ୍ତ ଆସିବା ବାଟର ଉଭୟ ପାର୍ଶ୍ୱରେ ସାଂସଦଙ୍କ ଉଦ୍ୟମରେ ସୋଲାର ଷ୍ଟ୍ରିଟ ଲାଇଟ ଲଗାଯାଇଥିବା ବେଳେ ଆଉ ଗୋଟିଏ ବି ଲାଇଟ ନାହିଁ । ଅସାମାଜିକ ଲୋକେ ଏହାକୁ ଭାଙ୍ଗି ଉପାଡ଼ି ନେଇଗଲେ । ରଜ ଯାତ୍ରା ଆଉ ମାତ୍ର ୩ ଦିନ ଥିବାବେଳେ ବହୁ ସଂଖ୍ୟାରେ ଜନସାଧାରଣ ଓ ବେପାରୀ ଭାଇ ମାନଙ୍କର ସମାଗମ ହେବ । କିନ୍ତୁ ଏଠାରେ ଓଟିଡିସି ଓ ଭୁବନେଶ୍ୱର ଲାୟନସ କ୍ଲବ୍ ତରଫରୁ ଥିବା ଶୌଚାଳୟ ଅବସ୍ଥା ନ କହିଲେ ଭଲ ଓ ଅନ୍ୟ ଏକ ଜିଲ୍ଲାପରିଷଦ ଅର୍ଥ ଦ୍ୱାରା ନିର୍ମାଣ ଶୌଚାଳୟ ସବୁବେଳେ ଚାବି ପଡ଼ି ରହୁଥିବା ଦେଖିବାକୁ ମିଳୁଛି । ତେଣୁ ଯାତ୍ରା ସମୟରେ ଏହାର ମନ୍ଦିର ସଂଲଗ୍ନ ଅଞ୍ଚଳ ଅପରିଷ୍କାର ହେବାର ଆଶଙ୍କା କରାଯାଉଛି । ତେଣୁ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ ଏଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି । ଯେମିତି ଲୋକେ ଏଠାକୁ ଆସି ଖୁସିରେ ଯାତ୍ରାର ମଜ୍ଜା ଉଠାଇ ଯିବେ ସେଥିପାଇଁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ।

ତିଥି : (ଚତୁର୍ଦ୍ଦଶୀ) : (ଅନୁରାଧା ବିଛା)
ଅମୃତବେଳା: ଦିବା ଘ୭ ।୩୫ ମଧ୍ୟେ ଘ ୯ ।୧୧ ଗତେ

## ଆଜିର ଅନୁଚିନ୍ତନ

ଯାହାକୁ ସନ୍ନ୍ୟାସ ବୋଲି କହନ୍ତି ଜଗତେ
ତାହା ବି ଯୋଗ ଅଟଇ ଜାଣ ଶୁଦ୍ଧ ଚିତ୍ତେ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ସରକାରଙ୍କ ବଳିଷ୍ଠ ଆଭିମୁଖ୍ୟ

ଆଜିକାଲି ବହୁ ନ୍ୟସ୍ତସ୍ୱାର୍ଥ ସରକାରୀ ଅଧିକାରୀ ନିଜ ଚାକିରିକୁ ଚାଷ ଜମି ଓ ତାହା ଜରିଆରେ ଅନୈତିକ ଭାବେ ଆଣୁଥିବା ଅର୍ଥକୁ ଫସଲ କାଟି ଆଣିବା ଭଳି ନିର୍ବୋଧତା ଅବଲମ୍ବନ କରୁଛନ୍ତି । କାରଣ କେଉଁ ମୁହୂର୍ତ୍ତରେ ଭିଜିଲାନ୍ସ ଟିମ୍ ସେମାନଙ୍କ ଉପରେ ଚଢାଉ କରିଛି ତାହା ତାଙ୍କ କଳ୍ପନାରୁ ସୁଦ୍ଧା ଊର୍ଦ୍ଧ୍ୱରେ ରହୁଛି । ଯେବେ ଧରାପଡୁଛନ୍ତି ସେମାନଙ୍କ ହାଲୁକ ଶୁଖିଯାଉଛି ଓ ଲୁଟି ଥିବା ଅର୍ଥରେ ଯେତିକି ସମ୍ପତ୍ତି ତିଆରି କରିଥାନ୍ତି ତାହା ଭିଜିଲାନ୍ସ ହାତକୁ ଯିବା ପରେ ସର୍ବସ୍ୱାନ୍ତ ହେବା ଭଳି ମନେ କରୁଛନ୍ତି । ଜନୈକ ବ୍ୟକ୍ତିଙ୍କ ଠାରୁ କଳାହାଣ୍ଡି ଧର୍ମଗଡ ଉପଜିଲ୍ଲାପାଳ ୧୦ଲକ୍ଷ ଟଙ୍କା ଧରି ସରକାରୀ ଗାଡିରେ ନିଜ ବାସଭବନ ଭିତରକୁ ପଶିବା ବେଳକୁ ଭିଜିଲାନ୍ସ ଟିମ୍ ଧରିଥିଲା । ଗାଡ଼ି ତଲାସି କରି ଟଙ୍କା ଜବତ କରିଥିଲା । କେବଳ ସେତିକି ନୁହେଁ ତାଙ୍କ ବାସଭବନ ଯାଞ୍ଚବେଳେ ନଗଦ ୪୭ ଲକ୍ଷ ଟଙ୍କା ଜବତ କଲା । ଏହି ଉପଜିଲ୍ଲାପାଳ ଗତ ଦେଢବର୍ଷ ହେଲା ଦାୟିତ୍ୱ ଗ୍ରହଣ କରିଥିଲେ । ୨୦୨୧ ବ୍ୟାଚ୍‌ର ଜଣେ ଆଇଏଏସ୍ । ଏଭଳି ଭାବରେ 'ଘୁଷ୍‌ଖିଆ ବାବୁ' ଲୁଚିଛପି ବହୁ କାରସାଦି ସହକାରେ ନିଜ କାର୍ଯ୍ୟ କରୁଥାନ୍ତି । ଯେପରି ଧରାପଡ଼ିବେ ନାହିଁ । ଧରା ନ ପଡ଼ିବା ପର୍ଯ୍ୟନ୍ତ ସେମାନେ ସଚ୍ଛୋଟ ଭାବରେ ସମାଜରେ ଚଳପ୍ରଚଳ କରୁଥାଆନ୍ତି । ରାଜ୍ୟରେ ମୋହନ ସରକାରଙ୍କ ବର୍ଷ ପୂର୍ତ୍ତି ଆଗକୁ ଥିବାବେଳେ ଲାଞ୍ଚଖିଆ ବାବୁମାନଙ୍କୁ ଭିଜିଲାନ୍ସ ଟିମ୍ କୌଶଳକ୍ରମେ ଧରିବା ଏବଂ ଏହି ବିଭାଗର ବେଶ୍ ସକ୍ରିୟତା ଏବେ ଚର୍ଚ୍ଚାକୁ ଢେର୍ ଆସୁଛି । ଯାହା ସ୍ୱାଗତଯୋଗ୍ୟ ।

ଅବସରର ଦିନକୁ ପୂର୍ବରୁ ନିଜ ଘର ଝରକା ଦେଇ ବାହାରକୁ କୋଟିଏ ଟଙ୍କା ଫିଙ୍ଗିଥିବା ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ମୁଖ୍ୟଯନ୍ତ୍ରୀଙ୍କୁ ନିକଟରେ ଭିଜିଲାନ୍ସ ଧରିଥିଲା । ଯାହାଙ୍କ ଘରୁ ଜବତ ହୋଇଥିଲା ପ୍ରାୟ କେଜିଏ ସୁନା ଓ ଠାବ ହୋଇଥିଲା ବହୁ ପ୍ଲଟ । ବାବୁଙ୍କର ପୁଣି ସେୟାର ବଜାରରେ ଲାଗିଥିଲା ୨କୋଟି ୭୦ଲକ୍ଷ ଟଙ୍କା । ସେହିଦିନ ଖଣି ମାମଲାର ରଫାଦଫା ପାଇଁ ୨୦ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଇଡିର ଜଣେ ଉପନିର୍ଦ୍ଦେଶକ ଜେଲ ଯାଇଥିଲେ । ଏବର ଲୁଚି ଲୁଚି ଲାଞ୍ଚ ଖାଉଥିବା ବାବୁମାନେ କାହିଁକି କେଜାଣି ଚେତି ପାରୁନାହାନ୍ତି ,ତାହା ଆଶ୍ଚର୍ଯ୍ୟର ବିଷୟ ।

ଉଲ୍ଲେଖ କରାଯାଇପାରେ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଆଙ୍କୁ ପଢାଇବା ଭଳି ବାରମ୍ବାର ସେହି ଗୋଟିଏ କଥା ଦୋହରାଇ ଆସୁଛନ୍ତି ତାହା ହେଉଛି ରାଜ୍ୟ ସରକାର କାହାରି ଦୁର୍ନୀତି ଅବା ଅବହେଳା ପ୍ରତି ଶୂନ୍ୟସହନଶୀଳ ନୀତି ଆପଣାଇଛନ୍ତି । କ୍ଷେତ୍ର ସ୍ତରରେ ଲୋକଙ୍କ ସହିତ ମିଶୁଥିବା ସରକାରୀ ଅଧିକାରୀ ଲୋକଙ୍କ ସୁବିଧା-ଅସୁବିଧା ଜାଣନ୍ତି । ସରକାରଙ୍କ ସବୁ ଯୋଜନା ଲୋକଙ୍କ ପାଖରେ ଠିକ୍ ଭାବରେ ପହଞ୍ଚାନ୍ତୁ । କୌଣସି ପରିସ୍ଥିତିରେ ଦୟାର ପାତ୍ର ବୋଲି ସେମାନଙ୍କୁ ଭାବିବେ ନାହିଁ । ଏହା ସେମାନଙ୍କ ଅଧିକାର । କେହି ଦାୟିତ୍ୱରେ ଅବହେଳା କଲେ,ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ । ଦୁର୍ନୀତି କିମ୍ବା ଅବହେଳାକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବାନାହିଁ । ନିକଟରେ ରାଜ୍ୟସ୍ତରୀୟ ସିଡିଓ, ବିଡିଓ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ । ଏହା ହେଉଛି ଗତ ମେ ୧୫ର ପରାମର୍ଶ । ସେହିଭଳି ଜୁନ୍ ୪ରେ ଆୟୋଜିତ ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ସେହି କଥା ଦୋହରାଇଲେ । ଦୁର୍ନୀତିଗ୍ରସ୍ତଙ୍କ ଅଧିକାରୀଙ୍କୁ ଏ ସରକାର ବରଦାସ୍ତ କରିବେ ନାହିଁ । ଭଲ କାମ କରୁଥିବା ଅଧିକାରୀଙ୍କୁ ନିଶ୍ଚୟ ପୁରସ୍କୃତ କରାଯିବ । ମୁଖ୍ୟମନ୍ତ୍ରୀଙ୍କ ଏପରି ବାରମ୍ବାର ତାଗିଦା ସତ୍ତ୍ୱେ ଲାଞ୍ଚଖିଆ ବାବୁମାନଙ୍କ ମଗଜ ବିବେଚନା କରିପାରୁନାହିଁ, କେଉଁଟା ଭଲ, କେଉଁଟା ଖରାପ ? ଏହି 'ଖରାପ ବାବୁ'ଙ୍କ ସଂଖ୍ୟା ସଂପର୍କରେ ସାମାନ୍ୟ ଅନୁଧ୍ୟାନ କରାଯାଇପାରେ । ୨୦୨୪ରେ ରାଜ୍ୟ ଭିଜିଲାନ୍ସ ଏପରି ୩୫୪ଜଣ ବାବୁଙ୍କୁ ଧରିଥିଲା । ସେମାନଙ୍କ ଠାରୁ ଜବତ କରିଥିଲା ୧୩୪କୋଟି ଟଙ୍କା । ୨୧୧ଟି ଫୌଜଦାରି ମାମଲା ରୁଜୁ କରିଥିଲା । ଗତ ସରକାର ଓ ଏବର ସରକାରଙ୍କ ଚଢଉରେ ଫରକ ମଧ୍ୟ ବେଶ୍ ଲକ୍ଷ୍ୟ କରାଯିବାର କଥା । ଗତ ସରକାର ଦୀର୍ଘବର୍ଷ କ୍ଷମତାରେ ରହିବା ପରେ ଚେତିଲେ ଏବଂ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ତାଲିକା ପ୍ରସ୍ତୁତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । କିନ୍ତୁ ଏବର ସରକାର ଅମଳରେ ଲୋକଙ୍କ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । କିଛି ଖବର ବାହାରିବା ପୂର୍ବରୁ ଅତର୍କିତ ଭାବେ ଚଢାଉ କରାଯାଉଛି । ବିଶେଷ କରି ଯେଉଁ ସରକାରୀ ସଂସ୍ଥାରୁ ଦୁର୍ନୀତିର ଗନ୍ଧ ସାମାନ୍ୟ ବାହାରୁଛି ଚଢାଉ ପାଇଁ ତତ୍କାଳ ନିର୍ଦ୍ଦେଶ ଦିଆଯାଉଛି । ସରକାରଙ୍କ ଏବର ଆଭିମୁଖ୍ୟ ଏପରିକି ଅସାଧୁ ଅଧିକାରୀମାନଙ୍କୁ ଖୋଜି ଖୋଜି ବାହାର କରାଯାଉଛି । ଯାହା ଜଣାପଡୁଛି ଏ ଚଢାଉ ଅଭିଯାନ ଆଗକୁ ଅଧିକ ଜୋର୍‌ଦାର ହେବ । ବେଳହୁଁ ସାବଧାନ । ଖାଇଲେ ଦିନେ ଧରାପଡିବେ । କାରଣ ଦୁର୍ନୀତି ପ୍ରତି ଶୂନ ସହନଶୀଳତା ମୋହନ ସରକାରଙ୍କ ବଳିଷ୍ଠ ଆଭିମୁଖ୍ୟ ।

# ଔପନିବେଶବାଦ ଯୁଗରେ ଭାରତୀୟ କୃଷି

**ଶ୍ରୀବସ୍ତ ନାୟକ**

"ଅଷ୍ଟାଦଶ ଶତାବ୍ଦୀରେ ଇଂଲଣ୍ଡରେ ଶିଳ୍ପ ବିପ୍ଳବ ଘଟିଥିବାରୁ ଦ୍ରବ୍ୟର ଉତ୍ପାଦନ ନିମନ୍ତେ କଞ୍ଚାମାଲର ଦରକାର ପଡୁଥାଏ । ଫଳରେ ବ୍ରିଟିଶମାନେ ଭାରତର କୃଷିକୁ ବାଣିଜ୍ୟକରଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଜୀବନ-ଜୀବିକା ନିମନ୍ତେ ଭାରତରେ ଉତ୍ପାଦନ ହେଉଥିବା ପାରମ୍ପରିକ ଖାଦ୍ୟଶସ୍ୟ ବଦଳରେ ବ୍ରିଟିଶ ଶିଳ୍ପପତିମାନେ ମାତ୍ରାଧିକ ପାରିଶ୍ରମିକ ମୂଲ୍ୟ ମାଧ୍ୟମରେ ଅର୍ଥକରୀ ଫସଲ(ଔଦ୍ୟୋଗିକ କ୍ଷେତ୍ରରେ ବ୍ୟବହୃତ କଞ୍ଚାମାଲ ଯଥା: ଆଖୁ, ତୈଳବୀଜ, ଚା, କଫି, ଝୋଟ,କପା)ଚାଷ କରିବା ପାଇଁ ଭାରତୀୟ ଚାଷୀମାନଙ୍କୁ ପ୍ରୋତ୍ସାହିତ କରୁଥିଲେ । ବିଶେଷ କରି ବ୍ରିଟିଶରେ ଦ୍ରୁତ ଗତିରେ ଅଭିବୃଦ୍ଧି କରୁଥିବା କପଡା ଶିଳ୍ପ ନିମନ୍ତେ କଞ୍ଚା ଏବଂ ଉତ୍ତମ ଗୁଣବତ୍ତାର କପା ଉତ୍ପାଦନ ନିମନ୍ତେ ସେମାନେ ଧ୍ୟାନ ଦେଇଥିଲେ । କୃଷିର ବାଣିଜ୍ୟକରଣର ମୁଖ୍ୟ ଲକ୍ଷ୍ୟ ଥିଲା ବ୍ରିଟିଶ ଶିଳ୍ପଗୁଡ଼ିକୁ ଖାଦ୍ୟ ଯୋଗାଇବା ।"

ଭାରତୀୟ ଅର୍ଥନୀତିର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି କୃଷି । ତେଣୁ ଭାରତ ହେଉଛି ଏକ କୃଷିପ୍ରଧାନ ଦେଶ । କଥାରେ ଅଛି 'ଚାଷ କାମ ଯାହାର, କେତେ ସୁଖ ତାହାର,ଚାଷୀଭାଇ ଯୋଗାଉଛି ଜଗତକୁ ଆହାର ।' ଉପନିବେଶବାଦ ଯୁଗର ଅୟମାରମ୍ଭ ପୂର୍ବରୁ ଭାରତୀୟମାନେ କୃଷି,ପଶୁ ପାଳନ, ମତ୍ସ୍ୟଚାଷ କରି ବେଶ୍ ଖୁସିରେ ଜୀବନ ଯାପନ କରୁଥିଲେ । ପ୍ରାକୃତିକ ସମ୍ପଦରେ ଭରପୂର ଥିବା ଭାରତର ଜଳବାୟୁ କୃଷି ନିମନ୍ତେ ଅନୁକୂଳ ଥିବାରୁ ପ୍ରଚୁର ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହେଉଥିଲା । ଇଂଲଣ୍ଡରେ ଶିଳ୍ପ ବିପ୍ଳବ ସମୟରେ ଏହି ଖାଦ୍ୟ ଶସ୍ୟକୁ ଇଂରେଜମାନଙ୍କ ଶିଳ୍ପରେ କଞ୍ଚାମାଲ ରୂପେ ବ୍ୟବହୃତ କରି ମାତ୍ରାଧିକ ଲାଭ କରିବାର ଲକ୍ଷ୍ୟ ନେଇ ଭାରତର କୃଷି ବ୍ୟବସ୍ଥାକୁ ବାଣିଜ୍ୟକରଣ କରି ନିଜର ସ୍ୱାର୍ଥକୁ ଚରିତାର୍ଥ କରିବା ସହ ସୁନାର ଦେଶ ଭାରତର ଅର୍ଥନୀତିକୁ ଇଂରେଜମାନେ ଧ୍ୱଂସ କରିଦେଇଥିଲେ । ଭାରତ ଦିନେ ଖାଦ୍ୟଶସ୍ୟ ଉତ୍ପାଦନରେ ପୃଥିବୀରେ ବଳକା ଦେଶ ଭାବେ ପରିଗଣିତ ହେଉଥିଲା । ଆତ୍ମନିର୍ଭରଶୀଳ ଥିଲା ଭାରତ । ବିଦେଶକୁ ଅନେକ କୃଷିଜାତ ସାମଗ୍ରୀ ରପ୍ତାନି କରୁଥିଲା । ପାରମ୍ପରିକ ଖାଦ୍ୟଶସ୍ୟ ଉତ୍ପାଦନ କରି ନିଜର ଅର୍ଥନୈତିକ ଅବସ୍ଥାକୁ ସ୍ୱଚ୍ଛଳ ଓ ସୁଦୃଢ କରି ରଖିଥିଲା ।

କିନ୍ତୁ ଦୀର୍ଘ ୨୦୦ ବର୍ଷ ଧରି ବ୍ରିଟିଶ କବଳରେ ରହି ଭାରତର କୃଷି ବ୍ୟବସ୍ଥା ଏକ ପ୍ରକାର ବିଗିଡ଼ି ଯାଇଥିଲା । ଖାଦ୍ୟାଭାବ,ମରୁଡି ଓ ଅନାହାରରେ ଅନେକ ଲୋକ ମୃତ୍ୟୁବରଣ କରିଥିଲେ ।

ଦେଶର କୃଷି ବ୍ୟବସ୍ଥାରେ ସଂସ୍କାର ଆଣି ଅର୍ଥନୈତିକ ଅବସ୍ଥାରେ ପରିବର୍ତ୍ତନ ନିମିତ୍ତ ସ୍ୱାଧୀନ ଭାରତର ପ୍ରଥମ ଆର୍ଥିକ ନୀତି ୧୯୪୮,୮ଟି ପଞ୍ଚବାର୍ଷିକ ଯୋଜନା,ସବୁଜ ବିପ୍ଳବ ଭଳି ସୁଚିନ୍ତିତ, ସୁଦୃଢ ଏବଂ ସୁସଙ୍ଗଠିତ ନୀତିମାନ ପ୍ରଣୟନ କରାଯାଇଥିଲେ ମଧ୍ୟ କୃଷି କ୍ଷେତ୍ରରେ ଏହା ସେତେଟା ଫଳପ୍ରଦ ହୋଇନଥିଲା ।

ଭାରତରେ ଉପନିବେଶବାଦର ଯୁଗ କହିଲେ ୧୭୫୭ରୁ ୧୯୪୭କୁ ବୁଝାଇଥାଏ । ଭାରତରେ ଇଂରେଜମାନଙ୍କର ଔପଚାରିକ ଶାସନ ଆରମ୍ଭ ହେବା ପୂର୍ବରୁ ଭାରତର ଏକ ସ୍ୱାଧୀନ, ସ୍ୱାବଲମ୍ବୀ ଓ ସମୃଦ୍ଧ ଅର୍ଥନୀତି ଥିଲା । ଭାରତୀୟମାନଙ୍କର ଜୀବିକାର ମୁଖ୍ୟ ଉତ୍ସ ଥିଲା କୃଷି । ପାଖାପାଖି ଦୁଇ-ତୃତୀୟାଂଶ ଲୋକ କୃଷି ଉପରେ ନିର୍ଭର କରିଥିଲେ । ସେ ସମୟରେ ଜନସାଧାରଣଙ୍କର ଜୀବନଧାରଣର ମୂଲ୍ୟ ଉନ୍ନତ ନଥିଲେ ମଧ୍ୟ ଅନ୍ତତଃ ପକ୍ଷେ ଜୀବନ ଜିଇଁବା ନିମନ୍ତେ ମୌଳିକ ଆବଶ୍ୟକତା ପୂରଣ ହୋଇଯାଉଥିଲା । କୃଷି ବ୍ୟତୀତ ଭାରତର ହସ୍ତଶିଳ୍ପ ମଧ୍ୟ ବେଶ୍ ପ୍ରସିଦ୍ଧ ଲାଭ କରିଥିଲା । ଭାରତୀୟ କାରିଗରମାନେ ବିଶ୍ୱବ୍ୟାପୀ ସେମାନଙ୍କର ଦକ୍ଷତା ନିମନ୍ତେ ବେଶ୍ ପ୍ରସିଦ୍ଧ ଥିଲେ । ରେଶମ ବସ୍ତ୍ର ତିଆରି କରିବା ,ପଥର ଖୋଦେଇ କାର୍ଯ୍ୟ କରିବା, ତାରକସି କାମ,ତାଳପତ୍ରରେ ଲେଖିବା, ଚାନ୍ଦୁଆ ତିଆରି ଆଦି କ୍ଷେତ୍ରରେ ଉଚ୍ଚମାନର କାରିଗରି ଏବଂ ଉତ୍ତମ ଗୁଣବତ୍ତାର ସାମଗ୍ରୀଗୁଡିକର ଚାହିଦା ବିଦେଶ ବଜାରରେ ଢେର୍ ଅଧିକ ଥିଲା । ଏହିଭଳି ସ୍ୱଦେଶୀ ଉତ୍ପାଦନରେ ଉତ୍କର୍ଷ ଭାରତର ବୈଦେଶିକ ବାଣିଜ୍ୟର ପ୍ରମୁଖ କାରଣ ଥିଲା । ଏହାକୁ ବ୍ରିଟିଶମାନେ ସହ୍ୟ କରିପାରୁନଥିଲେ ।

ଅତୀତରେ ଭାରତୀୟ ଇଉରୋପୀୟ ଆର୍ଥିକ ସମ୍ବନ୍ଧର ଏକ ପୃଷ୍ଠଭୂମି ଥିଲା । ସପ୍ତଦଶ ଶତାବ୍ଦୀରେ ବାଣିଜ୍ୟିକ ମାର୍ଗରେ ଅଧିକାର ସ୍ଥାପନ ସତ୍ତ୍ୱେ ମଧ୍ୟ ଇଉରୋପୀୟମାନେ (ଡଚ୍, ବ୍ରିଟିଶ,ପର୍ତ୍ତୁଗୀଜ) ଦୀର୍ଘକାଳୀନ ଭାରତ ଏବଂ ପାଶ୍ଚାତ୍ୟ ଦେଶମାନଙ୍କ ମଧ୍ୟରେ ଚାଲି ଆସିଥିବା ମୂଳ ବ୍ୟବସାୟୀ ଢାଞ୍ଚାକୁ ବଦଳାଇବାର ସୁଯୋଗ ପାଇନଥିଲେ । କିନ୍ତୁ ପଲାସି ଯୁଦ୍ଧରେ ବ୍ରିଟିଶମାନେ ବଙ୍ଗର ନବାବ ସିରାଜଉଦ୍ଦଲାଙ୍କୁ ପରାସ୍ତ କରି ୧୭୫୭ ମସିହାରେ ବଙ୍ଗ,ବିହାର ଓ ଓଡ଼ିଶା ଶାସନ ନିଜ ହାତକୁ ନେଇ ତାଙ୍କ ସାମ୍ରାଜ୍ୟର ମୂଳଦୁଆ ଭାରତରେ ସ୍ଥାପିତ କରାଇଥିଲେ । ତତ୍କାଳୀନ ଇଂରେଜ ଶାସକ କ୍ଲାଇବଙ୍କର ମୁଖ୍ୟ ଲକ୍ଷ୍ୟ ରହିଲା ଅର୍ଥ ଓ ଯୁଦ୍ଧ । ଚାଷୀ ଓ ସାଧାରଣ ଲୋକମାନଙ୍କର ସୁବିଧା ପାଇଁ ଜଳସେଚନ,ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ,ଗମନାଗମନ,ବ୍ୟବସ୍ଥା କରିବା ତାଙ୍କ ଆଖିକୁ ଦିଶିଲା ନାହିଁ ବରଂ ଚାଷୀ ଓ ଚାଷକୁ କ୍ଷତି ପହଞ୍ଚାଇଲେ ।

ଅଷ୍ଟାଦଶ ଶତାବ୍ଦୀରେ ଇଂଲଣ୍ଡରେ ଶିଳ୍ପ ବିପ୍ଳବ ଘଟିଥିବାରୁ ଦ୍ରବ୍ୟର ଉତ୍ପାଦନ ନିମନ୍ତେ କଞ୍ଚାମାଲର ଦରକାର ପଡୁଥାଏ । ଫଳରେ ବ୍ରିଟିଶମାନେ ଭାରତର କୃଷିକୁ ବାଣିଜ୍ୟକରଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଜୀବନ-ଜୀବିକା ନିମନ୍ତେ ଭାରତରେ ଉତ୍ପାଦନ ହେଉଥିବା ପାରମ୍ପରିକ ଖାଦ୍ୟଶସ୍ୟ ବଦଳରେ ବ୍ରିଟିଶ ଶିଳ୍ପପତିମାନେ ମାତ୍ରାଧିକ ପାରିଶ୍ରମିକ ମୂଲ୍ୟ ମାଧ୍ୟମରେ ଅର୍ଥକାରୀ ଫସଲ(ଔଦ୍ୟୋଗିକ କ୍ଷେତ୍ରରେ ବ୍ୟବହୃତ କଞ୍ଚାମାଲ ଯଥା: ଆଖୁ, ତୈଳବୀଜ, ଚା, କଫି, ଝୋଟ,କପା)ଚାଷ କରିବା ପାଇଁ ଭାରତୀୟ ଚାଷୀମାନଙ୍କୁ ପ୍ରୋତ୍ସାହିତ କରୁଥିଲେ । ବିଶେଷ କରି ବ୍ରିଟିଶରେ ଦ୍ରୁତ ଗତିରେ ଅଭିବୃଦ୍ଧି କରୁଥିବା କପଡା ଶିଳ୍ପ ନିମନ୍ତେ କଞ୍ଚା ଏବଂ ଉତ୍ତମ ଗୁଣବତ୍ତାର କପା ଉତ୍ପାଦନ ନିମନ୍ତେ ସେମାନେ ଧ୍ୟାନ ଦେଇଥିଲେ । କୃଷିର ବାଣିଜ୍ୟକରଣର ମୁଖ୍ୟ ଲକ୍ଷ୍ୟ ଥିଲା ବ୍ରିଟିଶ ଶିଳ୍ପଗୁଡ଼ିକୁ ଖାଦ୍ୟ ଯୋଗାଇବା । ତେଣୁ ସେମାନେ ନିଜକୁ ସୁହାଇବା ଭଳି ନୀତି ନିୟମ ପ୍ରଣୟନ କରି ଔଦ୍ୟୋଗିକ ଫସଲ ଉତ୍ପାଦନ କ୍ଷେତ୍ରରେ ସମସ୍ତ ଚାଷୀଙ୍କୁ ନିୟୋଜିତ କରେଇଥିଲେ । ଔଦ୍ୟୋଗିକ ଫସଲଗୁଡ଼ିକ ବ୍ରିଟିଶମାନେ ବ୍ରିଟେନ ଓ ଅନ୍ୟାନ୍ୟ ଇଉରୋପୀୟ ଦେଶ ଗୁଡ଼ିକୁ ରପ୍ତାନି କରିବା ସହ ଭାରତର କଞ୍ଚାମାଲକୁ ବ୍ୟବହୃତ କରି ଅନେକ ଦ୍ରବ୍ୟ ଭାରତର ବଜାରରେ ବିକ୍ରି କରି ବେଶ୍ ଲାଭବାନ ହେଉଥିଲେ । ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଭାରତୀୟ ଚାଷୀମାନେ ଅଫିମ, ଝୋଟ, କପା,ରେଶମ,ନୀଳ ଚା, ଅଫିମ,କଫି ଆଦି ଉତ୍ପାଦନ କରୁଥିଲେ ।

ଦି କେମ୍ବ୍ରିଜ୍ ଇକୋନୋମିକ ହିଷ୍ଟ୍ରି ଅଫ୍ ଇଣ୍ଡିଆ ( ଭାଗ ଦୁଇ,୧୯୮୩)ର ତଥ୍ୟ ଅନୁସାରେ ୧୮୮୧ରୁ ୧୯୪୧ ମସିହା ମଧ୍ୟରେ ୭୫୪.୧ ନିୟୁତ ଟଙ୍କାର ଝୋଟ,୧୬୧୯ ନିୟୁତ ଟଙ୍କାର କପା,୯୬୭୪.୧ନିୟୁତ ଟଙ୍କାର ଚା,୨୪୯.୪ ନିୟୁତ ଟଙ୍କାର କଫି ବିଦେଶକୁ ରପ୍ତାନି କରାଯାଇଛି । ତେଣୁ ମୋଟାମୋଟି ଭାବରେ ଦେଖିଲେ ଉପନିବେଶବାଦ ଯୁଗରେ ଅର୍ଥକରୀ ଫସଲର ଉତ୍ପାଦନ ବଢ଼ିଥିଲା । କୃଷିର ବାଣିଜ୍ୟକରଣ ଯୋଗୁଁ ଔଦ୍ୟୋଗିକ ଫସଲ ବୃଦ୍ଧି ହେଲା ସତ କିନ୍ତୁ ଚାଷୀମାନଙ୍କୁ ପାରମ୍ପରିକ ଖାଦ୍ୟଶସ୍ୟ ଉତ୍ପାଦନରୁ ନିବୃତ୍ତ କଲା । ଦେଶରେ ଯେଉଁ ଔଦ୍ୟୋଗିକ ଫସଲ ଉତ୍ପାଦନ କରାଗଲା ତାହାକୁ ସବୁ ବିଦେଶକୁ ରପ୍ତାନି କରାଗଲା । ଫସଲର ପ୍ରଚୁର ଉତ୍ପାଦନ ସାଙ୍ଗକୁ ସୁଏଜ କେନାଲ ଯାହା ନୌବାଣିଜ୍ୟ ମାଧ୍ୟମରେ ରପ୍ତାନିକୁ ଆହୁରି ସୁବିଧା କରିଦେଇଥିଲା । ସେ ସମୟରେ ବ୍ରିଟିଶମାନେ ଭାରତ ବ୍ୟତୀତ ଅନେକ ଦେଶକୁ ନିଜ ନିୟନ୍ତ୍ରଣ ଭିତରେ ରଖିଥିଲେ । ତେଣୁ ସେ ଦେଶଗୁଡ଼ିକରେ ଲଢୁଥିବା ବ୍ରିଟିଶ ସୈନିକମାନଙ୍କ ପାଇଁ ଭାରତରେ ଉତ୍ପାଦନ ହେଉଥିବା ଖାଦ୍ୟଶସ୍ୟ, ଅନ୍ୟ ଦେଶର ଭୂଖଣ୍ଡକୁ ହଡ଼ପ କରିଥିଲେ । ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରାପ୍ତ ହୋଇଥିବା ଅମର୍ତ୍ତ୍ୟ ସେନ୍, ଇନ୍‌ଫେମିନ ଅଫ୍ ୧୯୪୩ରେ ଦର୍ଶାଇଛନ୍ତି ଯେ '୧୮୮୧ ରୁ ୧୯୪୧ ମସିହା ମଧ୍ୟରେ ମଧ୍ୟରେ ଭାରତରେ ବାଣିଜ୍ୟଭିତ୍ତିକ ଦ୍ରବ୍ୟ ଉତ୍ପାଦନ ୮୫ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଜୀବନ ଧାରଣ ନିମନ୍ତେ ଖାଦ୍ୟଶସ୍ୟର ପରିମାଣ ମାତ୍ର ୭ ପ୍ରତିଶତ ବୃଦ୍ଧି ହୋଇଥିଲା । ବାର୍ଷିକ ଅର୍ଥକରୀ ଫସଲ ଉତ୍ପାଦନର ହାର ୦.୫୭ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ପାରମ୍ପରିକ ଖାଦ୍ୟଶସ୍ୟର ଉତ୍ପାଦନର ହାର ୧.୧୫ ପ୍ରତିଶତ ହ୍ରାସ ପାଇଥିଲା । ଫଳରେ ଭାରତରେ ଖାଦ୍ୟାଭାବ ଦେଖାଯିବା ସହ ଦୁର୍ଭିକ୍ଷର ସୂତ୍ରପାତ୍ର ହେଲା ।' ଉପନିବେଶବାଦ ଯୁଗରେ ଭାରତରେ ଛୋଟ ବଡକୁ ମିଶାଇ ମୋଟ ୩୩ ଥର ଦୁର୍ଭିକ୍ଷ ହୋଇଥଲା ।

ଅନ୍ୟପକ୍ଷରେ ଦେଖିଲେ ଏହି ସମୟ ମଧ୍ୟରେ ଦେଶରେ ଖାଦ୍ୟଶସ୍ୟର ଉତ୍ପାଦନ ହାର ୦.୩୭ ପ୍ରତିଶତ ଥିବାବେଳେ ଜନସଂଖ୍ୟା ବୃଦ୍ଧିର ହାର ଥିଲା ୦.୬୭ ପ୍ରତିଶତ । ତେଣୁ ଭାରତରେ ଜନସଂଖ୍ୟାର ବିସ୍ଫୋରଣ ସାଙ୍ଗକୁ ଖାଦ୍ୟଶସ୍ୟର ଉତ୍ପାଦନର ହାର କମ୍ ହେବା ମଧ୍ୟ ଦୁର୍ଭିକ୍ଷର ଅନ୍ୟଏକ କାରଣ ଭାବେ ପରିଗଣିତ ହୁଏ । ସେ ସମୟରେ ଚାଷୀମାନଙ୍କୁ ଅଧିକ ଖଜଣା ଦେବାକୁ ପଡୁଥିବାରୁ ସେମାନେ ଲାଭଦାୟକ କୃଷି କରିବାକୁ ବାଧ୍ୟ ହେଉଥିଲେ । ଚାଷ କାର୍ଯ୍ୟରୁ ଦୂରେଇ ଯିବା ଏବଂ ଅନ୍ୟପକ୍ଷରେ ବାଜରା ଓ ଡାଲି ଚାଷ ଲାଭଦାୟକ ଚାଷରେ ବଦଳି ଯିବା ଫଳରେ ଦୁର୍ଭିକ୍ଷ ସମୟରେ କୃଷିର ବିପର୍ଯ୍ୟୟ ସୃଷ୍ଟି ହେଲା । ଯଦିଓ ଇଂରେଜ ସରକାର ଜଳସେଚନ ଏବଂ କୃଷି ନିମନ୍ତେ ଆଧୁନିକ ଜ୍ଞାନ କୌଶଳର ପ୍ରଚଳନ କରିଥିଲେ । ତଥାପି ଏହା ମହଙ୍ଗା ଥିବାରୁ ଛୋଟ ଚାଷୀ ଉପକୃତ ହୋଇପାରିଲେ ନାହିଁ । ୧୮୭୦ ମସିହାରେ ତଲାର ଚାହିଦା ପୃଥିବୀରେ କମିଯିବା ଫଳରେ କୃଷକମାନେ ଋଣଗ୍ରସ୍ତ ହୋଇ ଦୁର୍ଭିକ୍ଷରେ ପୀଡ଼ିତ ହେଲେ । ଏହାର ଫଳ ହେଲା କୃଷକ ଆନ୍ଦୋଳନ । ୧୯୩୦ରେ ଝୋଟ ଶିଳ୍ପଗୁଡ଼ିକ ଧ୍ୱଂସ ପାଇବା ଫଳରେ ବଙ୍ଗଳାରେ ୧୯୪୩ ରେ ଏକ କରାଳ ଦୁର୍ଭିକ୍ଷ ଦେଖାଦେଲା । ଯଦିଓ ଏହି ଦୁର୍ଭିକ୍ଷର କାରଣ ବିସ୍ତୃତ ଭାବେ ଐତିହାସିକମାନଙ୍କ ଦ୍ୱାରା ଲିଖିତ ଅଛି ତଥାପି ଏହା ସ୍ୱୀକାର୍ଯ୍ୟ କରିବା ଯେ ଜନସଂଖ୍ୟା ବୃଦ୍ଧି ଅପେକ୍ଷା ଖାଦ୍ୟଶସ୍ୟ ଉତ୍ପାଦନ ଆପେକ୍ଷିକ ଭାବରେ ଅନେକ ଗୁଣରେ କମି ଯାଇଥିଲା ଏବଂ ଲକ୍ଷଲକ୍ଷ ଲୋକ ଅନାହାରରେ ଏବଂ ମହାମାରୀରେ ମୃତ୍ୟୁବରଣ କରିଥିଲେ । ଫଳରେ ଭାରତରେ ଖାଦ୍ୟାଭାବ ଓ ଦୁର୍ଭିକ୍ଷର ସୂତ୍ରପାତ ହେଲା ।୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରୁଥିବାରୁ ଭାରତର କୃଷି ବ୍ରିଟିଶ ସରକାରଙ୍କ ପାଇଁ ରାଜସ୍ୱର ଏକ ପ୍ରମୁଖ ଉତ୍ସ ଥିଲା । ତେଣୁ ଭାରତରୁ ଖାଦ୍ୟଶସ୍ୟର ରପ୍ତାନି କରି ଅଧିକ ରାଜସ୍ୱ ଆଦାୟ କରିବା ପାଇଁ ସେମାନେ ଲକ୍ଷ୍ୟ ରଖିଥିଲେ । ସେଥିପାଇଁ ୧୭୯୩ ମସିହାରେ ଲର୍ଡ କର୍ଣ୍ଣୱାଲିସ୍ ଚିରସ୍ଥାୟୀ ବନ୍ଦୋବସ୍ତ ଓ ଅସ୍ଥାୟୀ ବନ୍ଦୋବସ୍ତ ନାମରେ ଦୁଇ ପ୍ରକାରର ଭୂ-ରାଜସ୍ୱ ନୀତି ପ୍ରଣୟନ କରିଥିଲେ ।
(ପ୍ରଥମଭାଗ)

ଅଧ୍ୟାପକ,ବାଣିଜ୍ୟ ବିଭାଗ,ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,କଟକ ।
ମୋ-୯୪୩୮୦୭୦୮୪୯

# ନାରୀ ନୁହେଁ ସେ ନାରାୟଣୀ

**ଜଗନ୍ନାଥ ବେହେରା**

ନାରୀ , ଚତୁର୍ଦ୍ଧା ମୂର୍ତ୍ତିର ପ୍ରତୀକ । ସମାଜ ଗଠନ ଏବଂ ପରିଚାଳନାରେ ଗୋଟିଏ ମୁଦ୍ରା ଦୁଇଟି ପାର୍ଶ୍ୱ ପରି ନାରୀ,ପୁରୁଷ ସାଙ୍ଗରେ ଦୃଢ଼ ଭାବରେ ଠିଆ ହୋଇଛି । ଜଣଙ୍କ ବ୍ୟତୀତ ଅନ୍ୟ ଜଣଙ୍କ ସ୍ଥିତି ଅପୂରଣୀୟ । ଘରର ପ୍ରଗତି କୁହ କିବା ଦେଶର ପ୍ରଗତି ସବୁଠାରେ ଦୁଇ ଜଣଙ୍କ ଆବଶ୍ୟକ ସମାନ ପରିମାଣରେ ହିଁ ଥାଏ । ପୋଥି ପୁରାଣରେ ନାରୀଙ୍କୁ ଗୃହଲକ୍ଷ୍ମୀ ଏବଂ ନାରାୟଣୀ ସ୍ଥାନ ଦିଆଯାଇଛି । ଘରର ଭାଗ୍ୟ ପରିବର୍ତ୍ତନ କରିବାରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ସନ୍ତାନ ଜନ୍ମ ଠାରୁ ମଣିଷ କରିବା ପର୍ଯ୍ୟନ୍ତ ନାରୀର ଭୂମିକା ସର୍ବାଧିକ । ଆମ ସଂସ୍କୃତି, ପ୍ରଥା, ପରମ୍ପରାକୁ ଜାଗ୍ରତ କରି ରଖିବାର ଦାୟିତ୍ୱ ନାରୀ ହିଁ ବହନ କରିଥାଏ । ଯେ କୌଣସି କାମର ଆରମ୍ଭରେ ଆମ ଦେଶରେ ନାରୀର ମତାମତକୁ ପ୍ରାଧାନ୍ୟ ଦେବାରେ ଲକ୍ଷ୍ୟ କରାଯାଏ । ଯଦିବା ନାରୀ ଶିକ୍ଷା କ୍ଷେତ୍ର ଆଜି ୪୧ପ୍ରତିଶତରେ ରହିଛି । ତଥାପି ନାରୀ ଶିକ୍ଷିତା ହୋଇ ନିଜ ପରିବାରକୁ ଶିକ୍ଷିତ କରିବାରେ ନିଜ ଭୂମିକାକୁ ଯଥା ରୀତି ଭାବରେ ନିର୍ବାହ କରିଛନ୍ତି । ରୋଜଗାର ବା ପରିଶ୍ରମ କରି ସଂସାର ପରିଚାଳନା କରୁଥିବା କ୍ଷେତ୍ରରେ ଆଜିର ନାରୀ ୨୨ପ୍ରତିଶତ କାମ କରୁଛନ୍ତି ।

ଭାରତର ସମ୍ବିଧାନ ମଧ୍ୟ ନାରୀକୁ ଶିକ୍ଷା,ସମ୍ମାନ ଏବଂ ସ୍ୱାଧୀନ ଭାବରେ ଚାଲିବାର ଅଧିକାର ଦେଇଛି । ପାର୍ଲିଆମେଣ୍ଟକୁ ଏବେ ବି ନାରୀ ଯେଉଁ ୧୪ପ୍ରତିଶତ ନିର୍ବାଚିତ ହୋଇଛନ୍ତି । କିନ୍ତୁ ଆଜି ପ୍ରଶ୍ନ ଉଠୁଛି ସତରେ କ'ଣ ଜଣେ ନାରୀ ପୁରୁଷପ୍ରାଧାନ୍ୟ ସମାଜରେ ସୁରକ୍ଷିତ ? ନିଜର ସ୍ୱାଧୀନ ଚିନ୍ତାଧାରାକୁ ଜାହିର କରି ପାରୁଛି ନା ଦେଶ ସ୍ୱାଧୀନ ପୂର୍ବରୁ ଯାହା ସ୍ୱାଧୀନ ପରେ ତାହା ? । ପୁରୁଣାକାଳିଆ କିଛି ଅନ୍ଧ ବିଶ୍ୱାସ ଭିତରେ ନାରୀର ଗୋଡ ହାତକୁ ସମାଜ କଟକଣା ମଧ୍ୟରେ ବାନ୍ଧି ଦିଆଯାଇଛି । କିଛି ତଥାକଥିତ ପଣ୍ଡିତମାନେ ଆଜି ବି ନାରୀକୁ ବିଭିନ୍ନ ବିଭାଗରେ ବିଭାଗୀକରଣ କରି ଶୁଭ-ଅଶୁଭ ଭିତରେ ବାଣ୍ଟି ଦେଇଛନ୍ତି । ପ୍ରାଧାନ୍ୟକୁ ଅପ୍ରଧାନ୍ୟ କରିବାକୁ ଚେଷ୍ଟା କରି ଚାଲିଛନ୍ତି ।

ପୁରାଣରେ ସୀତା, ରାଜ୍ୟ ତ୍ୟାଗ କରି ନିଜ ଇଚ୍ଛାରେ ଚଉଦ ବର୍ଷ ବନବାସ କରିଥିଲେ । ତାଙ୍କ ଉପରେ ନ ଥିଲା ଦଶରଥଙ୍କ ଦ୍ୱାରା ସତ୍ୟ କି ରାମଚନ୍ଦ୍ରଙ୍କ ଦ୍ୱାରା ବାଧ୍ୟବାଧ୍ୟକତା । ନାରୀର ମହନୀୟତା କେତେ ଏଥିରୁ ହିଁ ସ୍ପଷ୍ଟ ଜଣାପଡେ । ଅତୀତ ଇତିହାସ ପୃଷ୍ଠା ଲେଉଟାଇଲେ ଜଣାଯାଏ ଅନେକ ବୀର ରମଣୀ ରାଜ୍ୟ ପାଇଁ ନିଜର ସ୍ୱାର୍ଥକୁ ବଳି ଦେଇଛନ୍ତି । ରାଣୀ ଲକ୍ଷ୍ମୀବାଈ ନିଜ ରାଜ୍ୟ ରକ୍ଷା କରିବାକୁ ଯୁଦ୍ଧଭୂମିରେ ଆସି ଯୁଦ୍ଧ କରିଥିଲେ । ଆମ ଦେଶର ବର୍ତ୍ତମାନ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଦେଶ ପ୍ରଗତିରେ ଏକ ସଦ୍ୟ ବିରଳ ପ୍ରତିଭାର ଉଦାହରଣ ହୋଇ ପାରିଛନ୍ତି । ଆଜି ଆଉ ନାରୀ କୌଣସି କ୍ଷେତ୍ରରେ ପଛରେ ନାହାନ୍ତି । ଆକାଶରେ ଉଡିବା ଠାରୁ ଜଳରେ ବୁଡିବା ଯାଏ ସବୁଠି ନାରୀ ସମକକ୍ଷ ଏବଂ ଦେଶ ପ୍ରଗତିରେ ଏକ ବାହକ ।

ଗାୟତ୍ରୀ ନଗର ,ନବରଙ୍ଗପୁର , ମୋ – ୯୪୩୭୭୮୫୧୫୮

# ନିଷ୍ଠାର ଆଲୋକବର୍ତ୍ତିକା ମ୍ୟାଡାମ ହେଲେନ କେଲର୍

**ଅସିତ ମହାନ୍ତି**

"ଭିନ୍ନକ୍ଷମଙ୍କ ପାଇଁ ଜଣେ ଆଡଭୋକେଟ୍ ଭାବରେ ହେଲେନ କେଲରଙ୍କୁ ସ୍ମରଣ କରାଯାଏ । ସେ ପ୍ରଥମ ବଧିର ଏବଂ ଅନ୍ଧ ବ୍ୟକ୍ତି ଯିଏକି ତାଙ୍କ ଜୀବନୀ ୨୨ ବର୍ଷ ବୟସରେ ମୋ ଜୀବନୀ କାହାଣୀ ଲେଖିଥିଲେ । ସେ ଜଣେ ଲେଖକ, କାର୍ଯ୍ୟକର୍ତ୍ତା, ଅଧ୍ୟାପକ, ପ୍ରଶାନ୍ତବାଦୀ, ମୂଳ ସମାଜବାଦୀ ଏବଂ ଜନ୍ମ ନିୟନ୍ତ୍ରଣ ସମର୍ଥକ ଥିଲେ । ସେ କେବଳ ସ୍ୱପ୍ନ ଦେଖୁନଥିଲେ, ବରଂ ସ୍ୱପ୍ନକୁ ସାକାର କରିଥିଲେ ଏବଂ ଅନ୍ୟମାନଙ୍କୁ ସ୍ୱପ୍ନ ଦେଖିବା ପାଇଁ ପ୍ରେରଣା ଦେଇଥିଲେ । ହେଲେନ କେଲର ପୃଥିବୀ ଥିବା ପର୍ଯ୍ୟନ୍ତ ଆକାଶର ତାର ଭଳି ଲୋକମାନଙ୍କର ହୃଦୟରେ ରହିବେ ।"

ମୁଁ ଏକୁଟିଆ, କିନ୍ତୁ ତଥାପି ମୁଁ ଅଛି । ମୁଁ ସବୁକିଛି କରିପାରିବି ନାହିଁ, କିନ୍ତୁ ମୁଁ କିଛି କରିପାରିବି, ଏବଂ କେବଳ ଯେହେତୁ ମୁଁ ସବୁକିଛି କରିପାରିବି ନାହିଁ, ମୁଁ ଯାହା କରିପାରିବି, ସେଥିରୁ ପଛକୁ ହଟିବି ନାହିଁ । – ହେଲେନ ଆଡାମସ କେଲର୍

ହେଲେନ କେଲର( ୨୭ ଜୁନ ୧୮୮୦ – ୧ ଜୁନ ୧୮୬୮) ଅସାଧାରଣ ମହୀୟସୀ ମହିଳା ଥିଲେ କାରଣ ସେ ମହାନତା ହାସଲ କରିବା ପାଇଁ ଅପାର ଆହ୍ୱାନକୁ ଅତିକ୍ରମ କରିଥିଲେ । ବଧିର ଏବଂ ଅନ୍ଧ ହେବା ସତ୍ତ୍ୱେ ସେ ସ୍ନାତକ ଡିଗ୍ରୀ ହାସଲ କରିବାରେ ପ୍ରଥମ ବଧିର-ଅନ୍ଧ ବ୍ୟକ୍ତି ହୋଇଥିଲେ । ସେ ତାଙ୍କର ପ୍ରସିଦ୍ଧ ଆତ୍ମଜୀବନୀ 'ଦ ଷ୍ଟୋରୀ ଅଫ୍ ମାଇ ଲାଇଫ୍' ସମେତ ୧୨ ଟି ପୁସ୍ତକ ରଚନା କରିଥିଲେ ଏବଂ ଭିନ୍ନକ୍ଷମଙ୍କ ଅଧିକାର ପାଇଁ ଓକିଲାତି କରି ଜଣେ ଅଧ୍ୟାପକ ଏବଂ କାର୍ଯ୍ୟକର୍ତ୍ତା ଭାବରେ ବିଶ୍ୱ ଭ୍ରମଣ କରିଥିଲେ । କେଲର ମଧ୍ୟ ହେଲେନ କେଲର ଇଣ୍ଟରନ୍ୟାସନାଲର ସହ-ପ୍ରତିଷ୍ଠାତା ଥିଲେ ଏବଂ ୪୦ ବର୍ଷରୁ ଅଧିକ ସମୟ ଧରି ଅନ୍ଧଙ୍କ ପାଇଁ ଆମେରିକୀୟ ଫାଉଣ୍ଡେସନ ପାଇଁ କାର୍ଯ୍ୟ କରିଥିଲେ । ତାଙ୍କର ଉତ୍ତରାଧିକାରୀ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଯୋଗାଉଛନ୍ତି । ଏହି ଉଚ୍ଚକୋଟୀର ବ୍ୟକ୍ତିତ୍ୱ ଏବଂ ଗୁଣସମ୍ପନ୍ନ ମହିଳା ପୂରା ବିଶ୍ୱରେ ଜଣେ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ଜୀବନ ସଂଘର୍ଷ ପ୍ରତ୍ୟେକ ଭିନ୍ନକ୍ଷମମାନଙ୍କ ସହିତ ସାଧାରଣ ଲୋକମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ସବୁଦିନ ପାଇଁ ରହିବ । କାରଣ ସେ ଅନ୍ଧ ଏବଂ ବଧିର । କେବଳ ଚରିତ୍ର ନୁହେଁ ବରଂ ଶରୀରର ମୁଖ୍ୟ ଇନ୍ଦ୍ରିୟ ନ ଥାଇ ମଧ୍ୟ ଜୀବନର ସମସ୍ତ ଆଶା-ଆକାଂକ୍ଷାକୁ ପୂରା କରାଯାଇପାରେ । ଏହାହିଁ ହେଉଛି କାରଣ ହେଲେନ କେଲର ସମସ୍ତଙ୍କ ପାଇଁ ପ୍ରେରଣା ଏବଂ ଉଦାହରଣ ହୋଇ ରହିବେ । ଯଦିଓ ଅନ୍ଧମାନଙ୍କର ଭିଜୁଆଲ୍ ସ୍ୱପ୍ନର ବିଷୟବସ୍ତୁ ହ୍ରାସ ହୁଏ, ଅନ୍ଧମାନଙ୍କର ସ୍ୱପ୍ନରେ ଅନ୍ୟ ଇନ୍ଦ୍ରିୟଗୁଡିକ ବୃଦ୍ଧି ପାଇଥାଏ । ଜଣେ ସ୍ୱପ୍ନ ଦେଖୁଥିବା ଦୃଷ୍ଟିହୀନ ବ୍ୟକ୍ତି ଶବ୍ଦ, ସ୍ପର୍ଶ, ସ୍ୱାଦ ଏବଂ ଗନ୍ଧର ଅଧିକ ଅନୁଭବ କରନ୍ତି । ଦୃଷ୍ଟିହୀନ ଲୋକମାନଙ୍କ ଅପେକ୍ଷା ଅନ୍ଧ ଲୋକ ମଧ୍ୟ କିଛି ପ୍ରକାରର ସ୍ୱପ୍ନ ଦେଖିବାର ସମ୍ଭାବନା ଅଧିକ । ଏହି ଉକ୍ତିଟି ହେଲେନ ଆଡାମସ କେଲରଙ୍କ ଜୀବନରେ ଜ୍ୱଳନ୍ତ ଭାବରେ ପ୍ରମାଣିତ ହୋଇଛି ।

ହେଲେନ କେଲର ଜଣେ ଆମେରିକୀୟ ଲେଖକ ତଥା ଶିକ୍ଷାବିତ୍ ଯିଏ ଅନ୍ଧ ଏବଂ ବଧିର ଥିଲେ । ତାଙ୍କର ଶିକ୍ଷା ଏବଂ ତାଲିମ ଏହି ଅକ୍ଷମତା ଥିବା ବ୍ୟକ୍ତିଙ୍କ ଶିକ୍ଷାରେ ଏକ ଅସାଧାରଣ ସଫଳତାକୁ ଦର୍ଶାଏ । ଯଦିଓ ତାଙ୍କର ଲିଖିତ ଭାଷା ବିଷୟରେ କୌଣସି ଜ୍ଞାନ ନଥିଲା ଏବଂ କେବଳ କଥିତ ଭାଷାର ସ୍ମରଣୀୟ ସ୍ମୃତି, ହେଲେନ କିଛି ଦିନ ମଧ୍ୟରେ ତାଙ୍କର ପ୍ରଥମ ଶବ୍ଦ ଶିଖିଲେ: "ଜଳ" । ପରେ କେଲର୍ ଏହି ଅଭିଜ୍ଞତାକୁ ବର୍ଣ୍ଣନା କରିଥିଲେ: "ମୁଁ ସେତେବେଳେ ଜାଣିଥିଲି ଯେ 'w-a-t-e-r' ଅର୍ଥାତ୍ ମୋ ହାତରେ ପ୍ରବାହିତ ଚମତ୍କାର କିଛି ଥଣ୍ଡା ଜିନିଷ । ୧୮୮୨ ମସିହାରେ, ୧୯ ମାସ ବୟସରେ, ହେଲେନ କେଲର୍ ଏକ ଫେବ୍ରିଲ୍ ରୋଗରେ ଆକ୍ରାନ୍ତ ହୋଇଥିଲେ ଯାହା ତାଙ୍କୁ ଉଭୟ ବଧିର ଏବଂ ଅନ୍ଧ କରିଦେଇଥିଲା । ଐତିହାସିକ ଜୀବନୀ ଏହି ରୋଗକୁ ରୁବେଲା, ଲାଲ ରଙ୍ଗର ଜ୍ୱର, ଏନସେଫାଲାଇଟିସ୍ କିମ୍ବା ମେନିଞ୍ଜାଇଟିସ୍ ବୋଲି ଦର୍ଶାଏ । ଇତିହାସର ସ୍ମରଣୀୟ ମହିଳାମାନଙ୍କ ମଧ୍ୟରୁ ହେଲେନ କେଲର୍ ଅନ୍ୟତମ । ଅନ୍ଧ ଏବଂ ବଧିର ହେବା ସତ୍ତ୍ୱେ ସେ ଯୋଗାଯୋଗ କରିବାକୁ ଶିଖିଲେ ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ଉତ୍ସର୍ଗୀକୃତ ଜୀବନ ବିତାଇଲେ । ତାଙ୍କର ବିଶ୍ୱାସ, ନିଷ୍ଠା ଏବଂ ଆତ୍ମା ତାଙ୍କୁ ଅନେକ ଲୋକ ଆଶା କରିଥିବା ଅପେକ୍ଷା ଅଧିକ ସଫଳ କରିବାରେ ସାହାଯ୍ୟ କରିଥିଲେ । ବଧିରତା ଏବଂ ଅନ୍ଧ ହେବ ସତ୍ତ୍ୱେ, ହେଲେନ କେଲର ଏକ ବିଂଶ ଶତାବ୍ଦୀର ମାନବିକତା, ଶିକ୍ଷାବିତ୍ ତଥା ଲେଖକ ଭାବରେ ଉଭା ହୋଇଥିଲେ । ସେ ଦୃଷ୍ଟିହୀନ ତଥା ମହିଳାଙ୍କ ମତଦାନ ପାଇଁ ଓକିଲାତି କରିଥିଲେ ଏବଂ ଆମେରିକୀୟ ସିଭିଲ୍ ଲିବର୍ଟିସ୍ ୟୁନିଅନର ସହ-ପ୍ରତିଷ୍ଠା କରିଥିଲେ । ଦଶ ବର୍ଷ ବୟସରେ, ହେଲେନ କେଲର୍ ବ୍ରେଲି ଏବଂ ମାନୁଆଲ୍ ସାଇନ୍ ଭାଷାରେ ପାରଙ୍ଗମ ଥିଲେ ଏବଂ ସେ ବର୍ତ୍ତମାନ କିପରି କହିବାକୁ ଶିଖିବାକୁ ଇଚ୍ଛା କଲେ । ଆନ୍ ହେଲେନଙ୍କୁ ବୋଷ୍ଟନର ବଧିରମାନଙ୍କ ପାଇଁ ହୋରେସ୍ ମନ୍ ସ୍କୁଲକୁ ନେଇଗଲେ । ପ୍ରିନ୍ସିପାଲ୍ ସାରା ଫୁଲର୍ ହେଲେନଙ୍କୁ ଏକାଦଶ ଶିକ୍ଷା ଦେଇଥିଲେ । ତାପରେ ଆନ୍ ଦାୟିତ୍ୱ ଗ୍ରହଣ କଲେ ଏବଂ ହେଲେନ୍ କିପରି କହିବାକୁ ହୁଏ ଶିଖିଲେ । ସମ୍ପ୍ରଦାୟର ଭିନ୍ନକ୍ଷମମାନଙ୍କୁ ଦେଖି ସେ ନୂତନ ଉପାୟ ଗଠନ କରିବାରେ ସାହାଯ୍ୟ କଲେ । ମହିଳା ଅଧିକାର ଏବଂ ସମାଜବାଦ ପାଇଁ ସେ ପରବର୍ତ୍ତୀ ବର୍ଷରେ ଜଣେ ରାଜନୈତିକ କାର୍ଯ୍ୟକର୍ତ୍ତା ଥିଲେ । ହେଲେନ ଏପରି ଜଣେ ନେତା ଥିଲେ ସେ କୌଣସି ଜିନିଷକୁ ତାଙ୍କ ରାସ୍ତାରେ ଯିବାକୁ ଦେଉନଥିଲେ ଯାହା ତାଙ୍କ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରୁଥିଲା । ସେ ଜଣେ ଶକ୍ତିଶାଳୀ ମହିଳା ଥିଲେ ଯିଏ ଭିନ୍ନକ୍ଷମଙ୍କ ଭିନ୍ନ ଭିନ୍ନ ଦୃଷ୍ଟିକୋଣ ସୃଷ୍ଟି କରିଥିଲେ । ଏକ ଆମେରିକୀୟ ଫାଉଣ୍ଡେସନ ଫର ବ୍ଲାଇଣ୍ଡ ଆର୍ଟିକିଲ ଅନୁଯାୟୀ, ୱାଣ୍ଡରଫୁଲ୍ ହେଲେନ କେଲର୍ ଫ୍ଲାଇନ୍ ଏକ ପ୍ଲେନ୍, ସେ ତାଙ୍କ ଯାତ୍ରା ସାଥୀ ପଲି ଥମ୍ପସନ୍'ଙ୍କ ମାଧ୍ୟମରେ ଟ୍ୟାକ୍ଟିକାଲ୍ ସାଇନ୍ ଭାଷା ଯୋଗାଯୋଗ ବ୍ୟବହାର କରି ବିମାନ ଉଡ଼ାଇବାରେ ସକ୍ଷମ ହୋଇଥିଲେ ।

ହେଲେନ କେଲର୍ ସାରା ଫୁଲରଙ୍କଠାରୁ କଥା ହେବା ଶିଖିଲେ । ସାରା ବଧିରମାନଙ୍କ ପାଇଁ ଶିକ୍ଷକ ଥିଲେ । କଲେଜ୍ ଡିଗ୍ରୀ ହାସଲ କରିବାରେ ହେଲେନ କେଲର୍ ପ୍ରଥମ ବଧିର ଏବଂ ଅନ୍ଧ ବ୍ୟକ୍ତି ଥିଲେ । ସେ ୧୯୦୪ ମସିହାରେ ରାଡକ୍ଲିଫ୍ କଲେଜରୁ ସମ୍ମାନ ସହ ସ୍ନାତକ ହାସଲ କରିଥିଲେ । ହେଲେନ ଟେଲିଫୋନର ଉଦ୍ଭାବକ ଆଲେକ୍ସଜାଣ୍ଡାର୍ ଗ୍ରାହାମ୍ ବେଲଙ୍କ ସମେତ ଅନେକ ପ୍ରସିଦ୍ଧ ବ୍ୟକ୍ତିଙ୍କ ସହ ବନ୍ଧୁ ଥିଲେ; ଲେଖକ ମାର୍କ ଟ୍ୱେନ୍; ଏବଂ ଆମେରିକାର ରାଷ୍ଟ୍ରପତି ଫ୍ରାଙ୍କଲିନ୍ ଡି ରୁଜଭେଲ୍ଟ । ହେଲେନ ଜଣେ ଦ୍ରୁତ ଏବଂ ମହାନ ଶିକ୍ଷାର୍ଥୀ ଥିଲେ ମାତ୍ର ତିନିବର୍ଷ ମଧ୍ୟରେ ହେଲେନ ମାନୁଆଲ ବର୍ଣ୍ଣମାଳା (ସାଇନ୍ ଭାଷା), ବ୍ରେଲି ବର୍ଣ୍ଣମାଳା (ଯାହା ଲୁଇସ ବ୍ରେଲିଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା ଏବଂ ସେ ବର୍ତ୍ତମାନ ସେ ପଢିବା ସହିତ ଲେଖି ମଧ୍ୟ ପାରିଲେ । ଭିନ୍ନକ୍ଷମଙ୍କ ପାଇଁ ଜଣେ ଆଡଭୋକେଟ୍ ଭାବରେ ହେଲେନ କେଲରଙ୍କୁ ସ୍ମରଣ କରାଯାଏ । ସେ ପ୍ରଥମ ବଧିର ଏବଂ ଅନ୍ଧ ବ୍ୟକ୍ତି ଯିଏକି ତାଙ୍କ ଜୀବନୀ ୨୨ ବର୍ଷ ବୟସରେ ମୋ ଜୀବନୀ କାହାଣୀ ଲେଖିଥିଲେ । ସେ ଜଣେ ଲେଖକ, କାର୍ଯ୍ୟକର୍ତ୍ତା, ଅଧ୍ୟାପକ, ପ୍ରଶାନ୍ତବାଦୀ, ମୂଳ ସମାଜବାଦୀ ଏବଂ ଜନ୍ମ ନିୟନ୍ତ୍ରଣ ସମର୍ଥକ ଥିଲେ । ସେ କେବଳ ସ୍ୱପ୍ନ ଦେଖୁନଥିଲେ, ବରଂ ସ୍ୱପ୍ନକୁ ସାକାର କରିଥିଲେ ଏବଂ ଅନ୍ୟମାନଙ୍କୁ ସ୍ୱପ୍ନ ଦେଖିବା ପାଇଁ ପ୍ରେରଣା ଦେଇଥିଲେ । ହେଲେନ କେଲର ପୃଥିବୀ ଥିବା ପର୍ଯ୍ୟନ୍ତ ଆକାଶର ତାର ଭଳି ଲୋକମାନଙ୍କର ହୃଦୟରେ ରହିବେ ।

ସୁଜନପୁର , ଯାଜପୁର
ମୋ-୯୩୪୮୭୬୮୮୧୨

10.06.2025.pmd 1 6/9/2025, 5:02 PM

## ୧୦ଲକ୍ଷ ଲାଞ୍ଚ ନେଇଥିବା ଉପଜିଲ୍ଲାପାଳଙ୍କୁ ଜେରା

**କେସିଙ୍ଗା/ଭବାନୀପାଟଣା/ଧର୍ମଗଡ଼(ନିପ୍ର):** ୧୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରିଥିବା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମାଙ୍କୁ ଭିଜିଲାନ୍ସ ଧରିଛି। ତାଙ୍କୁ ଗୁରେଇ ତୁରେଇ ଜେରା କରିଥିଲେ ଭିଜିଲାନ୍ସ ଅଧିକାରୀମାନେ। ସୂଚନା ଅନୁସାରେ, ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ



ଚକମା ଜୟପାଟଣା ବ୍ଲକ୍ ଆମଯୋର ଅଞ୍ଚଳର ଜଣେ କ୍ରସର ମାଲିକଙ୍କୁ କାର୍ଯ୍ୟାନୁଷ୍ଠାନ ଭୟ ଦେଖାଇ ୨୦ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ରବିବାର ସନ୍ଧ୍ୟାରେ ଉପଜିଲ୍ଲାପାଳ ତାଙ୍କ ସରକାରୀ ବାସଭବନରେ ୧୦ ଲକ୍ଷ ଟଙ୍କା ନେବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ତଲାସୀ ସମୟରେ ସରକାରୀ ବାସଭବନରୁ ଜବତ ହୋଇଥିଲା ନଗଦ ୪୭ଲକ୍ଷ ଟଙ୍କା। ଏ ସମ୍ପର୍କରେ ଭିଜିଲାନ୍ସ ସେଲ୍ ପିଏସ୍ କେସ୍ ନମ୍ବର ୬/୨୦୨୫, ୭ପିସି ଆଇନ, ୧୯୮୮ ପିସି (ସଂଶୋଧନ) ଆଇନ, ୨୦୧୮ ଦ୍ୱାରା ପଞ୍ଜୀକୃତ ହୋଇଛି। ଏପଟେ ଭିଜିଲାନ୍ସର ଏକ ଦଳ ଧର୍ମଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ବିଭିନ୍ନ ଫାଇଲ ପତ୍ର ଯାଞ୍ଚ କରିଛନ୍ତି।

## ବାଲ୍ ସଂସ୍କାର ସମର କ୍ୟାମ୍ପ ଉଦ୍‌ଯାପିତ

**କେନ୍ଦୁଝର,(ନିପ୍ର):** ବ୍ରଜଗୋପିକା ସେବା ମିଶନ ଦ୍ୱାରା ଆୟୋଜିତ ବାଲ ସଂସ୍କାର ସମର କ୍ୟାମ୍ପ ରବିବାର ସମାପନ ହୋଇଛି । ସମାପନ ଦିବସ ଉପଲକ୍ଷେ କେନ୍ଦୁଝର ସହରର ସମସ୍ତ ପିଲା ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ଗତ ୭ଦିନ ଧରି କ୍ୟାମ୍ପରେ ସେମାନେ ଯାହା ଶିଖିଥିଲେ ତାହାର ଉତ୍ତମ ପ୍ରସ୍ତୁତି କରିଥିଲେ । ଏଥିରେ ନୃତ୍ୟଯୁକ୍ତ କୀର୍ତ୍ତନ,ଯୋଗ ନୃତ୍ୟ,ସଂଗୀତ,ଶାସ୍ତ୍ରୀୟ ନୃତ୍ୟ ଓ ଫେନସି ଡ୍ରେସ ଆଦି ପ୍ରମୁଖ ଆକର୍ଷଣ ଥିଲା । ସମସ୍ତ ପ୍ରତିଭାଗୀମାନଙ୍କର ପିତାମାତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ

**କୁଚିଣ୍ଡା,(ନିପ୍ର):** ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ରବିବାର ସନ୍ଧ୍ୟାରେ ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଧୀରେନ୍ଦ୍ର କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୀପ କୁମାର ଦାସ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ପ୍ରଶାସନିକ ସ୍ତରୀୟ ପରିଚୟ ପତ୍ର ପ୍ରଦାନ ପାଇଁ ପ୍ରତିଶ୍ରୁତି ହେବାସହ ଅସାମାଜିକ କାର୍ଯ୍ୟକଳାପ, ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ସହରରେ ଦ୍ରୁତ ଗାଡି ଚାଳନା ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ଏଥିରେ ସଂଘର ବରିଷ୍ଠ ସଦସ୍ୟ ଡ.ରଞ୍ଜନ କୁମାର ମହାପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ଶାନ୍ତନୁ କୁମାର ସାହୁ,ଜଗନ୍ନାଥ ପାଣିଗ୍ରାହୀଙ୍କ ସମେତ ଅନ୍ୟ ସଦସ୍ୟ ସାମିଲ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରକ୍ତଦାନ ଶିବିର

**କୁଚିଣ୍ଡା,(ନିପ୍ର):** ରାଜ୍ୟରେ ବିଜେପି ସରକାରର ବର୍ଷ ପୂର୍ତ୍ତି ଅବସରରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବିଜେପି ପକ୍ଷରୁ କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ ରବିବାର ଏକ ରକ୍ତଚାପ ଶିବିର ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥଙ୍କ ଅଧ୍ୟକ୍ଷତାରେ ଡେପୁଟି କଲେକ୍ଟର ଲୋଚନ ଶବର ମୁଖ୍ୟଅତିଥି,ଉପଖଣ୍ଡ ଚିକିତ୍ସାଧିକାରୀ ଡା.ସୁବୋଧ କୁମାର ନାୟକ, ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିସାନ,ବରିଷ୍ଠ ଆଇନଜୀବୀ ଶୈଳେନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଏଥିରେ ସମୁଦାୟ ୩୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଚୈତ୍ରାମଣ୍ଡଳ ସଭାପତି ରାଜକୁମାର ରକ୍ସା, ଏମପି ପ୍ରତିନିଧି ଅରୁଣ ଅଗ୍ରୱାଲ, ବରିଷ୍ଠ କାର୍ଯ୍ୟକର୍ତ୍ତା ଶୁଶିଳ ଅଗ୍ରୱାଲ, ସରୋଜ ପଣ୍ଡା, ପୁଷ୍ପାଞ୍ଜଳି ପଟେଲ, କୁଞ୍ଜଲତା ନାଏକ, ଗାୟତ୍ରୀ ଚାଲାନ, ମାରୱାଡି ଯୁବା ମଞ୍ଚର ରାହୁଲ ଅଗ୍ରୱାଲ,ବାବୁଲୁ ଖଣ୍ଡା,ମହେଶ ରାୟ,ସନାତନ କୁସୁମ,ରାଣା ପ୍ରତାପ ସିଂ,ସୁଦନ ଖଣ୍ଡା,ଚିତ୍ତରଞ୍ଜନ ଭୋଇ,ଚେତନ ଅଗ୍ରୱାଲ, ଜୟନ୍ତ ବାଘ,କୈଳାଶ ସେଠଙ୍କ ସହ କୁଚିଣ୍ଡା ମାରୱାଡି ଯୁବାମଞ୍ଚର ସଦସ୍ୟମାନେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କୁଚିଣ୍ଡା ରକ୍ତଭଣ୍ଡାର ଟେକ୍ନିସିଆନ ପ୍ରମୋଦ ପଟେଲଙ୍କ ସହ କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ।

## ଜମିଜମା ବିବାଦକୁ ନେଇ ଆକ୍ରମଣ

**ପୁରୀ,(ନିପ୍ର):** ଜମି ବିବାଦକୁ କେନ୍ଦ୍ରକରି ଗ୍ରାମସଭା ଚାଲିଥିବାବେଳେ ମାରଣାସ୍ତ୍ର ଧରି ଆକ୍ରମଣ କରିବାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ହେଲେ ହରଚନ୍ଦନପୁରର ସାଧୁଚରଣ ପ୍ରଧାନ(୫୫) । ଅଭିଯୁକ୍ତ ହେଲେ ଧଡିଆ ବିଶ୍ୱାଳ, ଛବି ବିଶ୍ୱାଳ ଏବଂ ନବ ବିଶ୍ୱାଳ। ସୂଚନା ମୁତାବକ, ଜମିଜମା ବିବାଦକୁ ନେଇ ଅଭିଯୋଗକାରୀ ଏବଂ ରବି ବିଶ୍ୱାଳଙ୍କ ମଧ୍ୟରେ କଳହ ଲାଗି ରହିଥିଲା । ଏହାକୁ ସମାଧାନ ପାଇଁ ସନ୍ଧ୍ୟାରେ ଗ୍ରାମରେ ସଭା ଚାଲିଥିବା ବେଳେ ଧଡ଼ିଆ, ଛବି ଏବଂ ନବ ପହଞ୍ଚି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଗ୍ରାମ ସଭା ଛାଡ଼ି ଅନ୍ୟମାନେ ଚାଲି ଯାଇଥିଲେ। ଅଭିଯୋଗକାରୀଙ୍କ କାନ, ମୁହଁ ଏବଂ ଅନ୍ୟ ସ୍ଥାନରେ ଆଘାତ ଲାଗିଥିଲା। ଆକ୍ରମଣରେ ତାଙ୍କ ଭାଇ ଏବଂ ପୁତୁରା ମଧ୍ୟ ଆହତ ହୋଇଥିଲେ। ଏନେଇ ଅଭିଯୋଗକାରୀ ଆକ୍ରମଣକାରୀଙ୍କ ବିରୋଧରେ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

### ସରକାରଙ୍କ ନିର୍ଦ୍ଦେଶକୁ ଭ୍ରୂକ୍ଷେପ !

# ମେସିନ ଦ୍ୱାରା ପୋଖରୀ ଖନନ କାର୍ଯ୍ୟ

**କେନ୍ଦୁଝର,(ନିପ୍ର):** ସରକାର ଗ୍ରାମାଞ୍ଚଳର ଗରିବ ଲୋକମାନେ ଯେପରି ଆର୍ଥିକ ଭାବରେ ସଶକ୍ତ ହେବେ, କାମ କରିବା ପାଇଁ ଯେପରି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ନ ଯିବେ ସେଥିପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କରିଛନ୍ତି। ଏହି ଯୋଜନାରେ ଜଣଙ୍କୁ ବର୍ଷରେ ୧୦୦ ଦିନ ନିଶ୍ଚିତ ଭାବରେ କାମ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ସେଥିପାଇଁ ସରକାରଙ୍କ ଅନୁଦାନରେ କରାଯାଉଥିବା ବିଭିନ୍ନ କାର୍ଯ୍ୟ ଗୁଡ଼ିକ ଜବ କାର୍ଡ ଥିବା ଗ୍ରାମବାସୀଙ୍କ ଶ୍ରମ ଦାନରେ କରାଯିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଏହା ଦ୍ୱାରା ଗ୍ରାମବାସୀମାନଙ୍କ ଆର୍ଥିକ ସ୍ଥିତି ମଜଭୁତ୍ ହେବା ସହିତ ସେମାନେ ଯେପରି ଦାଦନ ଖଟିବା ପାଇଁ ଅନ୍ୟ ରାଜ୍ୟକୁ ଯିବେ ନାହିଁ ତାହା ନିଶ୍ଚିତ କରାଯାଉଛି। ତେବେ ବିଭିନ୍ନ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖା ଯିବା ସହିତ ମେସିନ ସାହାଯ୍ୟରେ କାର୍ଯ୍ୟ କରାଯାଉଥିବା ଦେଖାଯାଉଛି। କିଛି ଦିନ ପୂର୍ବରୁ ଖୋଦ ପଞ୍ଚାୟତିରାଜମନ୍ତ୍ରୀ ସୋନପୁର ଜିଲ୍ଲାରେ ମେସିନ ସାହାଯ୍ୟରେ ଏକ ପୋଖରୀ ଖୋଳା ଯାଉଥିବା ଦେଖି ଏପରି ଘଟଣା ଦୃଷ୍ଟିକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହିଥିଲେ। ତେବେ ପୁନର୍ବାର ସେହିପରି ମେସିନ ସାହାଯ୍ୟରେ ପୋଖରୀ ଖୋଳା ଯାଉଥିବା ଦୃଷ୍ଟିକୁ ଆସିଛି କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଟୁକୁଡ଼ିହା ପଞ୍ଚାୟତ ସରାସିଙ୍ଗା ଗ୍ରାମରେ। ସୂଚନା



ଅନୁସାରେ ଝୁମ୍ପୁରା ପଞ୍ଚାୟତ ସମିତି ତରଫରୁ ୨୦୨୪-୨୫ ଆର୍ଥିକ ବର୍ଷର ୧୫ ତମ ସିଏଫସି ଯୋଜନାରେ ୪,୦୦,୦୦୦ ଟଙ୍କା ଆର୍ଥିକ ଅନୁଦାନରେ ସରାସିଙ୍ଗା ଗୋପାଳ ସାହି ପୋଖରୀ ଉନ୍ନତି କରଣ କାର୍ଯ୍ୟ କରାଯାଉଛି। ତେବେ ପୋଖରୀ ଖନନ କାର୍ଯ୍ୟକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନୁଯାୟୀ ଲୋକମାନଙ୍କ ଦ୍ୱାରା ଖୋଳା ଯିବା ନିୟମ ଥିବା ବେଳେ ମେସିନ ସାହାଯ୍ୟରେ ପୋଖରୀ ଖୋଳା ଯାଉଥିବା ଦେଖାଯାଇଛି।

ପୋଖରୀ ଖନନ କାର୍ଯ୍ୟ ଟୁକୁଡ଼ିହା ଗ୍ରାମ ପଞ୍ଚାୟତ ଦ୍ୱାରା କରାଯାଉଛି। ପଞ୍ଚାୟତିରାଜମନ୍ତ୍ରୀ ମେସିନ ଦ୍ୱାରା ପୋଖରୀ ଖୋଳିବା କାର୍ଯ୍ୟ କରାଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିବା ସତ୍ତ୍ୱେ ଟୁକୁଡ଼ିହା ପଞ୍ଚାୟତରେ ଏହାକୁ ଭ୍ରୂକ୍ଷେପ ନ କରି ମେସିନ ଦ୍ୱାରା ପୋଖରୀ ଖୋଳା ଯାଉଥିବା ସାଧାରଣରେ ଅଭିଯୋଗ ହେଉଛି।

ଟୁକୁଡ଼ିହା ପଞ୍ଚାୟତ କର୍ତ୍ତୃପକ୍ଷ ଓ ଝୁମ୍ପୁରା ପଞ୍ଚାୟତ ସମିତି କର୍ତ୍ତୃପକ୍ଷ ଏହା ଜାଣି ସୁଦ୍ଧା ଏହା ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଆଶ୍ଚର୍ଯ୍ୟ ଜନକ। ଏଥି ପ୍ରତି କେନ୍ଦୁଝର ଜିଲ୍ଲା ପ୍ରଶାସନ, ପଞ୍ଚାୟତି ରାଜ ବିଭାଗ ଓ ବିଶେଷ ଭାବରେ ପଞ୍ଚାୟତି ରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ପ୍ରକାଶ ପାଇଛି।

### ପରିମଳ ନେଇ କରାଗଲା ସଚେତନତା

# ବିକଶିତ ଓଡ଼ିଶାର ପ୍ରକଳ୍ପ ପରିଦର୍ଶନ କଲେ ଅଧିକାରୀ

**ରାୟଗଡ,(ନିପ୍ର):** ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ ଗୁଣପୁର ପଞ୍ଚାୟତ ସମିତିର ବିଭିନ୍ନ ଅଞ୍ଚଳ ଗସ୍ତ କରି ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ପ୍ରଥମେ ଡ଼ମ୍ବସରା ଏବଂ ଚଲକମ୍ବ। ପଞ୍ଚାୟତ ଗସ୍ତ କରି ବିକଶିତ ଗାଁ ଏବଂ ବିକଶିତ ଓଡ଼ିଶାର ପ୍ରକଳ୍ପ ପରିଦର୍ଶନ କରିଥିଲେ ଏବଂ ତତ୍ ପରେ ପୁଟା।ସିଂ ଗ୍ରାମ ପଞ୍ଚାୟତ ଠାରେ ଅପରାହ୍ନ ଘ: ୦୩.୦୦ମି ସମୟରେ ଗ୍ରାମ୍ୟ ସ୍ତରୀୟ ସ୍ୱଚ୍ଛତା ଶିବିର ବୈଠକରେ ଯୋଗ ଦେଇଥିଲେ । ଉକ୍ତ ଶିବିର ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାୟଗଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଧାର୍ଯ୍ୟ କରାଯାଇଥିବା ସମୟ ସୀମା ଅର୍ଥାତ ତା.୩୦.୦୯.୨୦୨୫ ରିଖ ମଧ୍ୟରେ ସମସ୍ତ ଅସମ୍ପୂର୍ଣ୍ଣ ଏବଂ ନୂତନ ଭାବେ ଚିହ୍ନଟ ହୋଇଥିବା ପ୍ରଧାନ ମନ୍ତ୍ରୀ ଜନ ମନ ଯୋଜନା ହିତାଧିକାରୀମାନେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ



ବୈଠକରେ ଆଲୋଚନା କ୍ରମେ ହିତାଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା । ଧାର୍ଯ୍ୟ ସମୟ (୪ ମାସ) ମଧ୍ୟରେ ସମସ୍ତ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ହିତାଧିକାରୀମାନଙ୍କୁ ଟ.୨୦୦୦୦/- ଙ୍କା ସରକାରଙ୍କ ତରଫ ରୁ ପ୍ରତ୍ସାହନା ରାଶି ପ୍ରଦାନ କରାଯାଉଥିବା ଆଲୋକପାତ କରାଯାଇଥିଲା । ଗୃହ କାର୍ଯ୍ୟ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଉପସ୍ଥିତ ସମସ୍ତ ହିତାଧିକାରୀ ଏକ ସ୍ୱରରେ ସହମତି ପ୍ରକାଶ କରିଥିଲେ । ଏହା ବ୍ୟତୀତ ଗାଁ ପରିବେଶକୁ କେମିତି ସଫା ସୁତରା ରଖିବା, ପାଇଖାନାର ସଠିକ୍ ବ୍ୟବହାର କରିବା ଏବଂ ବାହ୍ୟ ମଳ ମୁକ୍ତ ତ୍ୟାଗ ଉପରେ ମଧ ଲୋକଙ୍କୁ ସଚେତନ କରେଇଥିଲେ। ଉକ୍ତ ଶିବିର ରେ ୭୦୦ରୁ ଉର୍ଦ୍ଧ୍ୱ ଲାଞ୍ଜିଆ ସୌର। ଜନ ଜାତି ଅଂଶ ଗ୍ରହଣ କରିଥିଲେ।

ଏହି ଶିବିରରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅର୍ଥ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସେବା ଲକ୍ଷ୍ମୀ ନାରାୟଣ ଦୋରା, ଜିଲ୍ଲା ପରିଷଦ ରାୟଗଡା, ପଞ୍ଚାୟତ ନିର୍ବାହୀ ଅଧିକାରୀ , ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ , ସରପଞ୍ଚ ଏସୀୟ ଶବର, ଏବଂ ସମିତି ସଭ୍ୟ , ପୁଟା। ସିଂ ଗ୍ରାମ ପଞ୍ଚାୟତର ସମସ୍ତ ସଭ୍ୟସଭ୍ୟା ଏବଂ ଲାଞ୍ଜିଆ ସୌରା ଜନ ଜାତି ଉପସ୍ଥିତ ଥିଲେ ।

## ଅବକାରୀ ବିଭାଗର ଚଢ଼ାଉ: ୧୫୦ଲିଟର ମଦ ଜବତ

**ଟାଙ୍ଗୀ-ଚୌଦ୍ୱାର,(ନିପ୍ର):** ଚୌଦ୍ୱାର ଅବକାରୀ ବିଭାଗ ପକ୍ଷରୁ ଆମ ସଂକଳ୍ପ 'ନିଶା ନୁହେଁ ଜୀବନ' ଜରିଆରେ ଚୌଦ୍ୱାରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ମେ ୩୧ରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଅବକାରୀ ବିଭାଗର ସୁପରିଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନସ୍‌ପେକ୍ଟର ମମତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ଚୌଦ୍ୱାର ଥାନା ଅନ୍ତର୍ଗତ ବାଣିପଦା, ପଦାଗାଁ, ତଳବଜାର ଓ ଗାନ୍ଧିଛକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପ୍ରାୟ ୧୫୦ଲିଟର ମଦ ଓ ଏକ ଟିଭିଏସ୍ ସ୍କୁଟି ଜବତ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଓଆଇସି ବାପି ସାହୁ, ଆଶୁତୋଷ, କନେଷ୍ଟବଳ ଦେବବ୍ରତ ଓଝା, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ଓ ତୃପ୍ତିମୟୀ ପରିଡ଼ା ପ୍ରମୁଖ ସାମିଲ ଥିଲେ ।

## ମଟର ଚାଳିତ ଟ୍ରଲି ରିକ୍ସା ଧକ୍କାରେ ୨ ବାଇକ୍ ଆରୋହୀ ଆହତ

**ବୁଗୁଡ଼ା,(ନିପ୍ର):** ବୁଗୁଡ଼ା ବ୍ଲକ୍ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ବେତାରସିଂ ଗାଁ ଗୁଡ଼ିସାହି ରାସ୍ତାରେ ମଟର ଚାଳିତ ଏକ ଟ୍ରଲି ରିକ୍ସା ଧକ୍କାରେ ୨ ଜଣ ବାଇକ୍ ଆରୋହୀ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ଆହତ ଦୁଇ ବାଇକ୍ ଆରୋହୀ ହେଲେ ପାଙ୍ଗିଡି ଗ୍ରାମର ଶଙ୍କର ସ୍ୱାଇଁ(୩୫) ଓ ଗୋଲାବଞ୍ଚର ଗାଁର ଶଙ୍କର ପାତ୍ର(୪୨)। ଦୁଇଜଣ ମିଶି ବାଇକ୍‌ରେ ଗୋଳାବନ୍ଧ ଗ୍ରାମକୁ କୌଣସି କାମରେ ଯାଉଥିଲେ ସାମନା ପଟୁ କେଶବ ସାହୁ ଦ୍ରୁତ ଗତିରେ ମଟର ଚାଳିତ ଟ୍ରଲି ରିକ୍ସା ଚଳାଇ ଏକ ହାଇୱାକୁ ଓଭରଟେକ୍ କରି ଆସୁଥିବା ବେଳେ ପ୍ରଥମେ ବିଦ୍ୟୁତ୍ ବିଭାଗର ଗାଡ଼ି(ନଂ - ଓଡି ୦୭ ଏଏ ୯୭୦୧) ସହ ଧକ୍କା ହୋଇ ବାଇକ୍‌କୁ ଧକ୍କା ଦେଇଥିଲା। ନିଶାସକ୍ତ ଟ୍ରଲି ରିକ୍ସା ଚାଳକ ଜଣକ କୌଶଳରେ ଡିଆଁ ମାରିଥିବା ବେଳେ ବାଇକ୍ ଆରୋହୀ ଦ୍ୱୟ ଫୋପାଡ଼ି ହୋଇ ହୋଇ ରାସ୍ତାକଡସ୍ଥ ଲଟାବୁଦାରେ ପଡ଼ିଥିଲେ।

## ସୋସିଆଲ ମିଡିଆରେ ଧମକ: ଥାନାରେ ଅଭିଯୋଗ

**ଭାପୁର,(ନିପ୍ର):** ଦୁଇ ଯୁବକଙ୍କ ମଧ୍ୟରେ ସୋସିଆଲ ମିଡିଆରେ ଗାଳି ଓ ହତ୍ୟା ଧମକ ପରେ ଫତେଗଡ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ଗତ ୬ ତାରିଖ ସକାଳ ସମୟରେ ଫତେଗଡ ଥାନା ଅନ୍ତର୍ଗତ ଭାପୁର ପଞ୍ଚାୟତ ମହୁଲିଆ ଗ୍ରାମର ଅଜୟ ସ୍ୱାଇଁଙ୍କ ପୁଅ ସିଦ୍ଧାର୍ଥ ଶେଖର ରାଉତରାୟ (୨୧) ଶାସନ ପଞ୍ଚାୟତ ଟିକିରିପଡା ଗ୍ରାମର ମନୋଜ କୁମାର ଦାସଙ୍କୁ ଟେଲିଫୋନ ଯୋଗେ କାହିଁକି ମୋତେ ସୋସିଆଲ ମିଡିଆରେ ଗାଳି କରୁଛ ବୋଲି ପଚାରିଥିଲେ। ଏଥିରେ ମନୋଜ ରାଗିଯାଇ, ସୋସିଆଲ ମିଡିଆରେ ଗାଳି କରୁଛି କ'ଣ ? ମୁଁ ୩୦ଟି ମର୍ଡର କରିଛି ତୋତେ ମିଶାଇଲେ ୩୧ ହେବ ବୋଲି କହିଥିଲା ଏବଂ ସିଦ୍ଧାର୍ଥକୁ ଭାପୁର ବଜାରରେ ମର୍ଡର କରି ମହାନଦୀରେ ଫୋପାଡି ଦେବ ବୋଲି କହି ଧମକ ଦେଇଥିଲା। ଏହା ଶୁଣି ସିଦ୍ଧାର୍ଥ ନିଜ ଜୀବନ ପ୍ରତି ବିପଦ ରହିଥିବାରୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଏବଂ ଥାନା ପକ୍ଷରୁ ଘଟଣାର ତଦନ୍ତ ଚାଲିଛି।

### ଟାଟା ପାୱାର ଟ୍ରାନ୍ସଫର୍ମର୍ ଉପରେ ବ୍ୟାଙ୍କ ନିର୍ଭର

# ବିଦ୍ୟୁତ୍ ସେବାରୁ ବଞ୍ଚିତ ସ୍ଥାନୀୟ ଲୋକେ

**ରେଢ଼ାଖୋଲ,(ନିପ୍ର):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବଡ଼ମାଳ ଗାଁରେ ବିଦ୍ୟୁତ୍ ଟ୍ରାନ୍ସଫରମର୍ ପୋଡ଼ି ୟୁନିଅନ୍ ବ୍ୟାଙ୍କ ସେବା ଅଚଳ ହୋଇଛି। ଏଥିସହ ବିଦ୍ୟୁତ ସେବାରୁ ଗ୍ରାମବାସୀ ବଞ୍ଚିତ ହୋଇଛନ୍ତି। ବ୍ୟାଙ୍କରେ ଡିଜିମେସିନ୍ ମଧ୍ୟ ଅଚଳ ହୋଇ ପଡିଥିବା ବେଳେ ସ୍ଥାନୀୟ ଲୋକେ ବ୍ୟାଙ୍କ ସେବାରୁ ବଞ୍ଚିତ ଅଛନ୍ତି । ସକାଳ ହେଲେ ଲୋକେ ବିଭିନ୍ନ କାମ ତଥା ଟଙ୍କା ଉଠାଣ ପାଇଁ ବ୍ୟାଙ୍କକୁ ଆସି ବ୍ୟାଙ୍କ ସାମ୍ନାରେ ଭିଡ଼ ଜମାଉ ଥିବା ସୋମବାର ଦେଖିବାକୁ ମିଳିଥିବା ବେଳେ ସେବା ଯୋଗାଇ ପାରୁନାହିଁ ଏହି ଶାଖା ୟୁନିଅନ୍ ବ୍ୟାଙ୍କ୍ । ଫଳରେ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାର




ସମ୍ମୁଖୀନ ହେଉଛନ୍ତି । ସୂଚନା ଯୋଗ୍ୟ ଯେ ବର୍ତ୍ତମାନ ଚାରମାଳ,ବଡ଼ମାଳ ଆଖପାଖ ଜଙ୍ଗଲରେ ମାଓ ଆଶଙ୍କା ହେତୁ ସନ୍ଧ୍ୟା ହେଲେ ଲୋକେ ଘରୁ ବାହାରୁନଥିବା ବେଳେ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଯୋଗୁଁ ହଇରାଣ ହେଉଛନ୍ତି ଲୋକେ । ଅନ୍ୟପଟେ ସ୍ଥାନୀୟ ୟୁନିଅନ୍ ବ୍ୟାଙ୍କର ନିଜସ୍ୱ ଟ୍ରାନ୍ସଫରମର୍ ନ ଥିବା ହେତୁ ଟାଟା ପାୱାର ଟ୍ରାନ୍ସଫର୍ମର୍‌ର ଭରଷାରେ ଦୀର୍ଘଦିନରୁ ଚାଲିଛି ଏହି କାର୍ଯ୍ୟାଳୟ । ଗୋଟିଏ ଟ୍ରାନ୍ସଫରମର୍‌ରୁ ଗାଁ ଲୋକଙ୍କୁ ମଧ୍ୟ ବିଦ୍ୟୁତ ସରବରାହ ଯୋଗାଇ ଦିଆହୋଇଥିବା ଯୋଗୁଁ ଏହା ଓଭର୍ ଲୋଡିଂ ହେତୁ ଏପରି ବାରମ୍ବାର ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି । ତେଣୁ ଏଥିପ୍ରତି ଟାଟା ପାୱାର ଓ ବ୍ୟାଙ୍କ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବା ସହ ଆଗକୁ ଏଭଳି ଅସୁବିଧା ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି ଅଞ୍ଚଳବାସୀ ।

## ପଛୁଆ ବର୍ଗ ମଞ୍ଚର କର୍ମକର୍ତ୍ତା ଚୟନ

**ଭବାନୀପାଟଣା,(ନି.ପ୍ର):** ଭବାନୀପାଟଣା, ଅମଲା ଭବନ ଠାରେ ପଛୁଆ ବର୍ଗ ମଞ୍ଚ କଳାହାଣ୍ଡି କର୍ମକର୍ତ୍ତା ଚୟନ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ଜିଲ୍ଲା ପଛୁଆ ବର୍ଗ ମଞ୍ଚ ଜିଲ୍ଲା ସଭାପତି ଭାବେ ଡମ୍ବରୁଧର ଲହଜଲ, କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ମହାଖୁଡ,ଉପ-ସଭାପତି କୃଷ୍ଣ ଚନ୍ଦ୍ର ସାହୁ,ବେଣୁଧର ଟୋଲଟିଆ, ଗୋପାଳ ଚନ୍ଦ୍ର ସାହୁ, ପ୍ରଦୀପ ନାଏକ,ସାଧାରଣ ସମ୍ପାଦକ ହିମାଂଶୁ ଶେଖର ବରାଡ, ସାଂଗଠାନିକ ସମ୍ପାଦକ ଡାକେଶ୍ୱର ଲହଜଲ, କୋଷାଧ୍ୟକ୍ଷ ଦିପ ଚାନ୍ଦ ସାହୁ,ସହ-ସମ୍ପାଦକ ରଶ୍ମି ରେଖା ରାଉତ, ବିରଞ୍ଚି ପ୍ରସାଦ ସରାପ,ସଚ୍ଚିଦାନନ୍ଦ ସାହୁ,କାର୍ଯ୍ୟକାରୀ ସଦସ୍ୟା ସଙ୍ଗୀତା ଖର୍ସେଲ,ସଦସ୍ୟ ଲିଲାମ୍ବର ସାହୁ,ରଜନୀକାନ୍ତ ବିଶି,ନରହରୀ ବାଗ,କୀର୍ତ୍ତି ଚନ୍ଦ୍ର ଗଉଡ,ବିକାଶ ପ୍ରଧାନ, ଅଙ୍କୁର ବାଗ,ଗିରିଧାରୀ ସାହୁ ,ଉପଦେଷ୍ଟା ରୁପକେଶରି ଦଳାଇଙ୍କ ନାମ ଘୋଷଣା କରିଛନ୍ତି । ଶିକ୍ଷା,ଚାକିରି ଓ ରାଜନୀତି କ୍ଷେତ୍ରରେ ୨୭%ପ୍ରତିଶତ ସଂରକ୍ଷଣ ଦେବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖିଛନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ରାୟଗଡ,(ନିପ୍ର):** ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ କୋଲନରା ବ୍ଲକ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ରାୟଗଡା ଜିଲ୍ଲାପାଳ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଉପ ଜିଲ୍ଲାପାଳ, ରାୟଗଡ, ରମେଶ କୁମାର ଜେନା,ଅତିରିକ୍ତ ଆରକ୍ଷୀ ଅଧିକାରୀ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ମମତା ସାହୁ ଏବଂ ପ୍ରକଳ୍ପ ପ୍ରଶାସକ ଆଇ ଟି ଡିଏ, ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ମୋଟ ୨୧ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୧୪ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୫ ଗୋଟି ଗ୍ରାମ ବାସୀ ମାନଙ୍କର



ସାମୂହିକ ଅଭିଯୋଗ ଥିଲା । ଦୁଇ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା । ସେମାନଙ୍କୁ ୩୮ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସାହାଯ୍ୟ ଜିଲ୍ଲାପାଳ ପ୍ରଦାନ କରିଥିଲେ। ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମାଜମା, ପାରିବାରିକ ସମସ୍ୟା ,ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ ଓ ଅଙ୍ଗନବାଡି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଜିଲ୍ଲାପାଳ ଅଭିଯୋଗଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

## ଘରୁ କଳାକନା ବୁଲାଇଲେ ଚୋର

**ଧାମନଗର,(ନିପ୍ର):** ଧାମନଗର ଥାନା ସୋହଡ଼ା ପଞ୍ଚାୟତ ମିଶ୍ରପୁର ଗ୍ରାମରେ ଘରେ ଚୋର ପଶି ବିଭିନ୍ନ ଘରୋଇ ସାମଗ୍ରୀ ଚୋରି କରିବା ଅଭିଯୋଗରେ ପୋଲିସ ତଦନ୍ତ କରୁଛି । ସୂଚନାଥାଉକି ଉକ୍ତ ଗ୍ରାମର ସରସ୍ୱତୀ ସାହୁଙ୍କ ଅଭିଯୋଗରୁ ଜଣାଯାଇଛି ଯେ ତାଙ୍କ ଗ୍ରାମରେ ଯାତ୍ରା ହେଉଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ପରିବାର ଲୋକ ଖାଇ ସାରି ଘର ଚାବି ପକାଇ ଯାତ୍ରା ଦେଖିବାକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଚୋରମାନେ ଘର ଚାବି ଭାଙ୍ଗି ଗ୍ରିଲ୍ ଓ କବାଟକୁ ଶାବଳରେ ତାଡି ଘରେ ପଶି ଏକ ବାକ୍ସରେ ଥିବା ନଗଦ ୨୦ ହଜାର ଟଙ୍କା, ଦୁଇ ଭରିରୁ ଅଧିକ ସୁନା ଅଳଙ୍କାର, ୨୫୦ ଶହ ଗ୍ରାମରୁ ଅଧିକ ରୁପା ଅଳଂକାର, କଂସା, ପିତ୍ତଳ, ଷ୍ଟିଲ ବାସନ, ଦାମିକା ଶାଢି ନେଇଛନ୍ତି।

# ଦୋଳ ପଡ଼ିଆ ଜବରଦଖଲ, ତହସିଲରେ ଅଭିଯୋଗ

**କାକଟପୁର,(ନିପ୍ର):** ଦିନକୁ ଦିନ ଅସ୍ତରଙ୍ଗ ତହସିଲ ଅଧୀନରେ ଥିବା ଅନେକ କୋଠ ଜମି, ଗୋଚର, ଦଣ୍ଡା, ଜଙ୍ଗଲଜମି, ଅନାବାଦୀ ବେଆଇନ ଭାବେ ଜବରଦଖଲ ବୃଦ୍ଧି ପାଉଛି, ଯାହାକୁ ନେଇ ଅନେକ ସମୟରେ ଅଭିଯୋଗ ହେବା ପରେ ବି ସ୍ଥାନୀୟ ରାଜସ୍ୱ ବିଭାଗ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନେଉନାହିଁ। ଏହିପରି ଏକ ଅଭିଯୋଗ ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତରୁ ଆସିଅଛି। ଖାତା ନମ୍ବର -୨୬୧, ପ୍ଲଟ ନମ୍ବର -୩୭୨, କିସମ -କଣ୍ଟା ଜଙ୍ଗଲ, ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଏହି ସ୍ଥାନ ଟି ଜମିଦାର ଶାସନ ସମୟରୁ ଏହି ଗ୍ରାମର ଦୋଳ ମେଳଣ ମଣ୍ଡପ ଭାବେ ବ୍ୟବହୃତ ହୋଇଆସୁଛି। କିନ୍ତୁ ଏହି ଗ୍ରାମର ବିଜୟ କୁମାର ଖଟୋଇ ନାମକ ବ୍ୟକ୍ତି ବିଶେଷ ଜୋର ଜବରଦସ୍ତ ଦଖଲ କରି ଏହି ପଡିଆ ରେ ମୁଖ୍ୟ ରାସ୍ତା ନିକଟରେ ଏକ କୋଠା ନିର୍ମାଣ କରୁଛନ୍ତି। ଯାହାକି ଫଳରେ ଗ୍ରାମର ଦୋଳ ପଡିଆ ଜବରଦଖଲ ଅବସ୍ଥାରେ ରହିଅଛି। ଏନେଇ



ଗ୍ରାମାଞ୍ଚଳରେ ଏକ ପ୍ରକାର ଅସନ୍ତୋଷ ପ୍ରକାଶ ପାଉଛି। ଏଠି ପ୍ରଶ୍ନ ଉଠୁଛି ସରକାରୀ ଜମି କାହିଁକି ଓ କିପରି ଜବରଦଖଲ ହେଉଛି, ଯେଉଁମାନେ ବି କରୁଛନ୍ତି କାହା ଛତ୍ରଛାୟା ତଳରେ ଏହି ଜମିକୁ ଜବରଦଖଲ କରୁଛନ୍ତି, ଅନେକ ସ୍ଥାନରେ ଜମି ଜବରଦଖଲ ହେବା କାରଣରୁ ଚାଷ ଜମିକୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଅନେକ ସ୍ଥାନରେ ଗୋଚର ଆଉ ମିଳୁନି, ଜଙ୍ଗଲ ଜମିରୁ ଜଙ୍ଗଲ ପଦା କରି ବ୍ୟକ୍ତି ବିଶେଷ ନିଜ ସ୍ୱାର୍ଥରେ ଉକ୍ତ ଜମିକୁ ବ୍ୟବହାର କରୁଛନ୍ତି।

ଏହିସବୁ ଜବରଦଖଲ ଅସ୍ତରଙ୍ଗ ତହସିଲ ଅଧୀନରେ ଏତେ ପରିମାଣରେ ବୃଦ୍ଧି ପାଉଛି ଯେ ଆଉ କିଛି ଦିନ ପରେ ସରକାର ଥିବ ମାତ୍ର ସରକାରୀ ଜମି ନଥିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି ମାଣ୍ଡୁକି ରାଜସ୍ୱ ବିଭାଗ ଅଧୀନରେ ଥିବା କଣ୍ଟାଜଙ୍ଗଲ ଯେଉଁଟା ପୂର୍ବ ପୁରୁଷରୁ ଗ୍ରାମର ଦୋଳ ପଡିଆ ଭାବେ ବ୍ୟବହୃତ ହୋଇଆସୁଛି।

କିନ୍ତୁ ସେଠି ନିର୍ମାଣ ହେଉଥିବା କୋଠା କୁ ବିରୋଧ କରି ଏହି ଗ୍ରାମର ଦୁର୍ଯ୍ୟୋଧନ ଜେନା, ମନୋଜ ଜେନା, ଶିବ ପରିଡା, ଦିଲ୍ଲୀପ କୁମାର ପ୍ରଧାନ, ପରମାନନ୍ଦ ପ୍ରଧାନ ପ୍ରମୁଖ ବୁଦ୍ଧିଜୀବୀ ଏପ୍ରିଲ ୨୮ ତାରିଖ ରେ ଅସ୍ତରଙ୍ଗ ତହସିଲ ରେ ଅଭିଯୋଗ କରିବା ପରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ମାତ୍ର ଏଯାଏ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନି ବୋଲି ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି ଆଉ ଆଗାମୀ ଦିନରେ ସ୍ଥାନୀୟ ତହସିଲ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ ନିକଟରେ ଓ ଆବଶ୍ୟକ ସ୍ଥଳେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ରଜ ପୂର୍ବରୁ ପ୍ଲାଷ୍ଟିକ ଦୋଳିର ଚାହିଦା

**ରମ୍ଭା,(ନିପ୍ର):** ୨୦୨୫ ଦିନ ଥିଲା ଲୋକେ ସାହି ପଡିଶା ହେଉ ଗଛଡ଼ାଳ କିମ୍ବା ନିଜ ଘରେ କତା ଦୌଡ଼ି କିମ୍ବା ଲୁଗାକୁ ଦୁଲାରେ ବାନ୍ଧି ଆବାଳ ଠାରୁ ପ୍ରାୟ ପ୍ରାପ୍ତ ବୟସ୍କ ପର୍ଯ୍ୟନ୍ତ ରଜ ଦୋଳିର ମଜା ଉଠାଉଥିଲେ। ହେଲେ ଏବେ ଯୁଗ ବଦଳିବା ସହ ଏହି ସବୁ



ସାମଗ୍ରୀର ଚାହିଦା କମିବାରେ ଲାଗିଛି। କିନ୍ତୁ ଏବେ ରାସ୍ତା କଡ଼ରେ କିମ୍ବା ବେକରେ ଝୁଲାଇ ଅଣ ଓଡ଼ିଆ ବେପାରୀ ମାନେ ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ସାହି, ଗଳି କନ୍ଦି ବୁଲି ରଜକୁ ଲକ୍ଷ୍ୟ ରଖି ରଙ୍ଗବେରଙ୍ଗ ସହ ବିଭିନ୍ନ କିଶମର ପ୍ଲାଷ୍ଟିକ ଦୌଡ଼ି ଭିନ୍ନ ଭିନ୍ନ ତରିକାରେ ବିକ୍ରି କରୁଥିବା ଲକ୍ଷ୍ୟ କରାଯାଇଛି।

## ପାକ୍ ଆଗରେ ଭାରତର ସର୍ତ୍ତ

# ଆତଙ୍କବାଦ ବନ୍ଦ କଲେ ପାଣି ଛାଡ଼ିବୁ

ନୂଆଦିଲ୍ଲୀ,୯।୬ : ପହଲଗାମ୍ ଆତଙ୍କୀ ହମଲା ପରେ ପାକିସ୍ତାନ ସହ ଭାରତ ସିନ୍ଧୁ ଜଳଚୁକ୍ତି ରଦ୍ଦ କରିଥିଲା । ଏହାପରେ ପଡୋଶୀ ଦେଶ ପାଣି ପାଇଁ ଏବେ ଡହଳବିକଳ । ଭାରତ ସିନ୍ଧୁ ନଦୀ ପାଣି ଛାଡିବାକୁ ଏବେ ସାରା ବିଶ୍ୱ ଆଗରେ ଗୁହାରୀ କରୁଛି । ହେଲେ ଭାରତ କିନ୍ତୁ ପାକିସ୍ତାନକୁ ଦେଇଛି ସିଧା ଜବାବ୍ । ଭାରତ କହିଛି,ସିନ୍ଧୁ ଜଳ ଚୁକ୍ତି ଉପରେ ସେତେବେଳେ କଥା ହେବୁ ଯେତେବେଳ ପର୍ଯ୍ୟନ୍ତ ଆତଙ୍କବାଦକୁ ନେଇ ଭାରତର ଚିନ୍ତାର ସମାଧାନ ନହୋଇଛି । ଭାରତ ପକ୍ଷରୁ ସିନ୍ଧୁ ଜଳବଣ୍ଟନ ଚୁକ୍ତିକୁ ସ୍ଥଗିତ ରଖାଯିବା ପରେ ପାକିସ୍ତାନର ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି । ପାଣି ଛାଡ଼ିବାକୁ ପାକିସ୍ତାନ ବାରମ୍ବାର ଭାରତକୁ ପତ୍ର ଲେଖି ଅନୁରୋଧ କରିଚାଲିଛି । କିନ୍ତୁ ଭାରତ ଏଥିପ୍ରତି କର୍ଣ୍ଣପାତ କରୁନାହିଁ ଓ ଏକ ସର୍ତ୍ତ ରଖିଛି । ପାକିସ୍ତାନର ଜଳସମ୍ପଦ ସଚିବ ସୟଦ ଅଲି ମୁର୍ତାଜା ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ରଖିବାର ନିଷ୍ପତ୍ତି ପୁନର୍ବିଚାର କରିବାକୁ ଭାରତକୁ ବାରମ୍ବାର ଅନୁରୋଧ କରିଛନ୍ତି । ଭାରତୀୟ ପ୍ରତିପକ୍ଷ ଦେବଶ୍ରୀ ମୁର୍ତାଜାଙ୍କୁ ଅନେକ ଚିଠି ଲେଖି, ସୟଦ ଅଲି ମୁର୍ତାଜା ନୂଆଦିଲ୍ଲୀ ଦ୍ୱାରା ଉଠାଯାଇଥିବା ନିର୍ଦ୍ଦିଷ୍ଟ ଆପତ୍ତି ଉପରେ ଆଲୋଚନା କରିବାକୁ ତାଙ୍କ ସରକାର ବାରମ୍ବାର ଇଚ୍ଛୁକତା ପ୍ରକାଶ କରିଛନ୍ତି । ଭାରତ ପାକିସ୍ତାନର କୌଣସି ଚିଠିର ଉତ୍ତର ଦେଇନାହିଁ । ଭାରତ କହିଛି ଯେ ଆତଙ୍କବାଦ ସମ୍ପର୍କରେ ନୂଆଦିଲ୍ଲୀର ଚିନ୍ତାର ସମାଧାନ ନହେବା ଏବଂ ଚୁକ୍ତିନାମାକୁ ସମ୍ପୂର୍ଣ୍ଣଭାବେ ବଦଳା ନ ଯିବା ପର୍ଯ୍ୟନ୍ତ ଏହା ପଡ଼ୋଶୀ ଦେଶ ସହିତ କୌଣସି ପ୍ରକାରେ ଆଲୋଚନା କରିବ ନାହିଁ । ଭାରତ କହିଛି ଯେ ଆତଙ୍କବାଦ ସମ୍ପର୍କରେ ନୂଆଦିଲ୍ଲୀର ଚିନ୍ତାର ସମାଧାନ ନହେବା ଏବଂ ଚୁକ୍ତିନାମାକୁ ସମ୍ପୂର୍ଣ୍ଣଭାବେ ବଦଳା ନ ଯିବା ପର୍ଯ୍ୟନ୍ତ ଏହା ପଡ଼ୋଶୀ ଦେଶ ସହିତ କୌଣସି ପ୍ରକାରେ ଆଲୋଚନା କରିବ ନାହିଁ । ୨୨ ଏପ୍ରିଲରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ୧୯୬୦ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ କରିଥିଲା । ଏହି ଆକ୍ରମଣରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ । ମୁର୍ତାଜୀ ଏହି ନିଷ୍ପତ୍ତି ବିଷୟରେ ପାକିସ୍ତାନକୁ ଆନୁଷ୍ଠାନିକ ଭାବରେ ଅବଗତ କରାଇଥିଲେ ।



## ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# ଅଧିକ ସନ୍ତାନ ଜନ୍ମ କଲେ ମିଳିବ ମୋଟା ଅଙ୍କର ରାଶି



ଆନ୍ଧ୍ର ପ୍ରଦେଶ, ୯।୬: ସାରା ଦେଶର ବର୍ଦ୍ଧିତ ଜନସଂଖ୍ୟାକୁ ନେଇ ଚିନ୍ତାରେ ଭାରତ ସରକାର । ଅନ୍ୟପଟେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ରାଜ୍ୟରେ ପ୍ରଜନନ ହାର ହ୍ରାସ ନେଇ ଚିନ୍ତାରେ ଅଛନ୍ତି । ରାଜ୍ୟରେ ଅଧିକରୁ ଅଧିକ ସନ୍ତାନ ଜନ୍ମ କରିବା ଉଦ୍ଦେଶ୍ୟରେ ଟଙ୍କା ଦେଉଛନ୍ତି ଆନ୍ଧ୍ର ପ୍ରଦେଶ ସରକାର । ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ଯେ, ରାଜ୍ୟ ସରକାର ବଡ଼ ପରିବାରକୁ ଆର୍ଥିକ ସହାୟତା ଦେବା ବିଷୟରେ ବିଚାର କରୁଛନ୍ତି । ଏକ ସାକ୍ଷାତକାରରେ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ କହିଥିଲେ । ରାଜ୍ୟ ସରକାର ବଡ଼ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିପାରନ୍ତି ବୋଲି ସେ କହିଥିଲେ । ତେବେ ଏ ପର୍ଯ୍ୟନ୍ତ ସରକାରୀ ଭାବରେ ଏନେଇ କୌଣସି ଘୋଷଣା କରାଯାଇନାହିଁ । ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ରାଜ୍ୟରେ ପ୍ରଜନନ ହାର ହ୍ରାସ ନେଇ ଚିନ୍ତା ପ୍ରକାଶ କରିଛନ୍ତି । ଏକ ଗଣମାଧ୍ୟମ ସଂଗଠନ ସହିତ ଏକ ସାକ୍ଷାତକାର ସମୟରେ, ମୁଖ୍ୟମନ୍ତ୍ରୀ ନାଇଡୁ କହିଛନ୍ତି, 'ମୁଁ ବଡ଼ ପରିବାରକୁ ଆର୍ଥିକ ପ୍ରୋତ୍ସାହନ ଦେବାକୁ ବିଚାର କରୁଛି ।' ବଡ଼ ପରିବାରଗୁଡ଼ିକୁ ବଡ଼ ପ୍ରୋତ୍ସାହନ ଦିଆଯିବ ।' ମୁଖ୍ୟମନ୍ତ୍ରୀ ନାଇଡୁ କହିଛନ୍ତି ଯେ, 'ଶୂନ୍ୟ ଦାରିଦ୍ର୍ୟ ପଦକ୍ଷେପ ଅଧୀନରେ, ମୁଁ ପୂର୍ବରୁ ଏକ ଆକର୍ଷଣୀୟ ମଡେଲ୍ ଆରମ୍ଭ କରିସାରିଛି, ଯେଉଁଥିରେ ଧନୀ ଲୋକମାନେ ଗରିବ ପରିବାରକୁ ଗ୍ରହଣ କରିବେ । ଏହା କେବଳ ଆୟର ପାର୍ଥକ୍ୟକୁ ଦୂର କରିବ ନାହିଁ ବରଂ ସମଗ୍ର ପରିବାରର କଲ୍ୟାଣ ମଧ୍ୟ ସୁନିଶ୍ଚିତ କରିବ ' । ଚନ୍ଦ୍ରବାବୁ ନାଇଡୁ ସାକ୍ଷାତକାର ଏହା ମଧ୍ୟ କହିଥିଲେ ଯେ, ଆନ୍ଧ୍ର ପ୍ରଦେଶରେ ପ୍ରଜନନ ହାର ବୃଦ୍ଧି କରିବାକୁ ହେବ । ମୁଖ୍ୟମନ୍ତ୍ରୀ ନାଇଡୁ ଘୋଷଣା କରିଛନ୍ତି ଯେ ମହିଳା କର୍ମଚାରୀମାନେ ଯେତେଥର ଚାହାଁନ୍ତି ମାତୃତ୍ୱ ଛୁଟି ନେଇପାରିବେ । ଏହା ବ୍ୟତୀତ, କର୍ମକ୍ଷେତ୍ରରେ ଶିଶୁ ଯତ୍ନ କେନ୍ଦ୍ର ବାଧ୍ୟତାମୂଳକ ବୋଲି ରାଜ୍ୟ ସରକାର ପୂର୍ବରୁ ଘୋଷଣା କରିସାରିଛନ୍ତି । ମୁଖ୍ୟମନ୍ତ୍ରୀ ନାଇଡୁ ପ୍ରତ୍ୟେକ ସ୍କୁଲ ଯାଉଥିବା ପିଲାଙ୍କୁ ୧୫,୦୦୦ ଟଙ୍କାର ଆର୍ଥିକ ସହାୟତା ଦେବା ସହାୟତା ଦେବା ଦିଗରେ ମଧ୍ୟ ଚିନ୍ତା କରୁଛନ୍ତି ।

## ହିଂସାର ନିଆଁରେ ଜଳୁଛି ଲସ ଆଞ୍ଜେଲସ୍

### ନ୍ୟାଶନାଲ ଗାର୍ଡ ନିୟୋଜିତ ହେବା ସତ୍ତ୍ୱେ ବି ଥମୁନି

ୱାଶିଂଟନ,୯।୬: ଆମେରିକାର ଲସ ଆଞ୍ଜେଲସରେ ପ୍ରବାସୀ ପ୍ରସଙ୍ଗରେ ଚାଲିଥିବା ହିଂସା ଥମିବାର ନାଁ ନେଉନାହିଁ । ଲସ ଆଞ୍ଜେଲସର ରାସ୍ତାରେ ଅରାଜକତାର ପରିବେଶ ଦେଖାଦେଇଛି ଏବଂ ଅନେକ ସ୍ଥାନରେ କାରଗୁଡିକୁ ପୋଡ଼ି ଦେଉଥିବା ଦେଖାଯାଉଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲସ ଆଞ୍ଜେଲସରେ ନ୍ୟାଶନାଲ ଗାର୍ଡ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ନ୍ୟାଶନାଲ ଗାର୍ଡ ମୁତୟନ ସତ୍ତ୍ୱେ ପରିସ୍ଥିତି ନିୟନ୍ତ୍ରଣକୁ ଆସୁନାହିଁ । ପ୍ରଦର୍ଶନକାରୀମାନେ ଅନେକ ପୋଲିସ ଗାଡ଼ି ପୋଡ଼ି ଦେଇଛନ୍ତି ଏବଂ ଅନେକ ରାସ୍ତା ଅବରୋଧ କରିଛନ୍ତି । ସୁରକ୍ଷା ବାହିନୀ ପ୍ରତିବାଦକାରୀମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଲୁହ ବୁହା ଗ୍ୟାସ ସେଲ ଫୁଟାଇଛନ୍ତି ଏବଂ ରବର ଗୁଳି ବ୍ୟବହାର କରିଛନ୍ତି । ଲସ ଆଞ୍ଜେଲସରେ ହିଂସା ଆରମ୍ଭ ହେବାର ତିନି ଦିନ ବିତିଗଲାଣି ଏବଂ ନ୍ୟାଶନାଲ ଗାର୍ଡ ମୁତୟନ ଏହି ହିଂସାକୁ ଆହୁରି ତୀବ୍ର କରିଛି । ରବିବାର ଅପରାହ୍ନରେ, ଲସ ଆଞ୍ଜେଲସର ସହରାନ୍ତରରେ ଥିବା ମେଟ୍ରୋପଲିଟାନ ଡିଟେନ୍ସନ ସେଣ୍ଟର ବାହାରେ ଶହ ଶହ ଲୋକ ଏକାଠି ହୋଇଥିଲେ । ଏହି ଅଟକ କେନ୍ଦ୍ରରେ ଅବୈଧ ପ୍ରବାସୀଙ୍କୁ ଅଟକ ରଖାଯାଇଛି ବୋଲି ଅଭିଯୋଗ ହୋଇଛି । ପ୍ରଦର୍ଶନକାରୀମାନେ ସ୍ଲୋଗାନ ଦେଇଥିଲେ । ଏହା ପରେ, ପୋଲିସ ବଳ ପ୍ରୟୋଗ କରିଥିଲା, ଯାହା ପ୍ରଦର୍ଶନକାରୀଙ୍କୁ ଉତ୍ତେଜିତ କରିଥିଲା । କିଛି ପ୍ରଦର୍ଶନକାରୀ ପୋଲିସ ଗାଡ଼ି ଉପରେ ପଥର ମାଡ଼ ମଧ୍ୟ କରିଥିଲେ । କାଲିଫର୍ନିଆ ରାଜ୍ୟପାଳ ଗାଭିନ ନ୍ୟୁଜମ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଏକ ଚିଠି ଲେଖି ନ୍ୟାଶନାଲ ଗାର୍ଡ ମୁତୟନକୁ ହଟାଇବା ପାଇଁ ଦାବି କରିଛନ୍ତି । ଗାଭିନ ନ୍ୟୁଜମ ଲେଖିଛନ୍ତି ଯେ ନ୍ୟାଶନାଲ ଗାର୍ଡ ମୁତୟନ ସହରରେ ଉତ୍ତେଜନା ସୃଷ୍ଟି କରୁଛି । ସେ ନ୍ୟାଶନାଲ ଗାର୍ଡ ମୁତୟନକୁ ରାଜ୍ୟର ସାର୍ବଭୌମତ୍ୱର ଗମ୍ଭୀର ଉଲ୍ଲଂଘନ ବୋଲି କହିଛନ୍ତି । କାଲିଫର୍ନିଆର ସାଂସଦ ନାନେଟ ବର୍ଗାନ ମଧ୍ୟ ରାଷ୍ଟ୍ରପତି ଟ୍ରମ୍ପଙ୍କ ନ୍ୟାଶନାଲ ଗାର୍ଡ ମୁତୟନ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି ।

## ପୁଣି ଅଶାନ୍ତ ମଣିପୁର, ୫ ସ୍ଥାନରେ ଅଣାୟତ୍ତ ସ୍ଥିତି

ନୂଆଦିଲ୍ଲୀ,୯।୬: ମଣିପୁରରେ ପୁଣି ହିଂସାର ମାହୋଲ । ରାଜ୍ୟର ସ୍ଥିତି ବାବାଦରେ ଅବଗତ କରାଇବାକୁ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଦିଲ୍ଲୀରେ ଭେଟିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ବିରେନ ସିଂ । ମୈତେଇ ସମ୍ପ୍ରଦାୟ ନେତା ଆରମବାଇ ଟେନଗୋଲଙ୍କ ଗିରଫ ପରେ ଅଶାନ୍ତ ହୋଇପଡିଛି ରାଜ୍ୟ । ସ୍ଥିତିକୁ ଦେଖି ୫ ରାଜ୍ୟରେ କର୍ଫ୍ୟୁ ଲଗାଯିବା ସହ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି । ଇମ୍ଫାଲ ପଶ୍ଚିମ, ଇମ୍ଫାଲ ପୂର୍ବ ,ଥୌବଲ ବିଷ୍ଣୁପରୁ, କକିଂ ଜିଲ୍ଲାକୁ କଡ଼ା ସୁରକ୍ଷା ଭିତରେ ରଖାଯାଇଛି । କିଛି ଉପଦ୍ରବୀ ଫର୍ଜି ଫଟୋ, ଭିଡିଓ ଓ ହ୍ୱାଟ୍ସଆପ୍ ମେସେଜ ଜରିଆରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ପାଇଁ ଯୋଜନା କରୁଥିବା ଗୁଇନ୍ଦା ବିଭାଗ ସୂଚନା ଦେଇଛି । ତେବେ ମୈତେଇ ନେତାଙ୍କ ଗିରଫଦାରୀକୁ ବିରୋଧ କରି ଗତକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ପୋଡ଼ାଜଳା କରିଛନ୍ତି ବିକ୍ଷୋଭକାରୀ । ତେବେ ଗତ ଶନିବାରରେ ହୋଇଥିବା ଆନ୍ଦୋଳନ ସୁଧୁରିବାର ନାଁ ଧରୁନି । ରାଜ୍ୟର ପରିସ୍ଥିତି ପୁଣି ଉତ୍ତେଜନାପୂର୍ଣ୍ଣ ରହିଛି । ରାଜଭବନ ଆଡକୁ ଯାଉଥିବା ରାସ୍ତା ଗୁଡିକରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି । କେନ୍ଦ୍ରୀୟ ବଳର ଅତିରିକ୍ତ ଯବାନଙ୍କୁ ମଧ୍ୟ ମୁତୟନ କରାଯାଇଛି ।

## ବଢୁଛି କରୋନା, ସକ୍ରିୟ ମାମଲା ୬ ହଜାର ପାର

ନୂଆଦିଲ୍ଲୀ,୯।୬; ଦେଶରେ ଦିନକୁ ଦିନ କାୟା ବିସ୍ତାର କରିଚାଲିଛି କୋଭିଡ୍ ଭୂତାଣୁ । ବଢୁଛି ସଂକ୍ରମିତଙ୍କ ସଂଖ୍ୟା । ବର୍ତ୍ତମାନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬ ହଜାର ଟପିଛି । ସୋମବାର ସକାଳ ୧୦ଟା ସୁଦ୍ଧା ସକ୍ରିୟ ମାମଲା ସଂଖ୍ୟା ୬୪୯୧ରେ ପହଞ୍ଚିଛି । ସେହି ସମୟରେ, ଗତ ୨୪ ଘଣ୍ଟା ମଧ୍ୟରେ ୩୫୮ ମାମଲାର ରିପୋର୍ଟ ଆସିଛି । ହେଲେ ଆଶ୍ୱସ୍ତିର କଥା ହେଉଛି ଯେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ କୌଣସି ନୂତନ କରୋନା ସମ୍ପର୍କିତ ମୃତ୍ୟୁ ରିପୋର୍ଟ ଆସିନାହିଁ । ପ୍ରତ୍ୟେକ ରାଜ୍ୟ ଉପରେ କୋଭିଡର ଭୟ ଘାରିଛି । ସକ୍ରିୟ ମାମଲା ବିଷୟରେ କହିବାକୁ ଗଲେ, ଏହି ସମୟରେ କେରଳରେ ସର୍ବାଧିକ ମାମଲା ରିପୋର୍ଟ ହୋଇଛି । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ରିପୋର୍ଟ ଅନୁସାରେ, ଏହି ସମୟରେ କେରଳରେ ସର୍ବାଧିକ ମାମଲା ରହିଛି । ଆକ୍ଟିଭ୍ କେସ୍ ୧୯୭୫ ରେ ପହଞ୍ଚିଛି ।

## କଣ୍ଟେନର ଜାହାଜରେ ଅଗ୍ନିକାଣ୍ଡ

### ୧୮ ଉଦ୍ଧାର, ୪ ନିଖୋଜ



ନୂଆଦିଲ୍ଲୀ,୯।୬: କେରଳ ଉପକୂଳ ନିକଟରେ ସିଙ୍ଗାପୁରର ଏକ କଣ୍ଟେନର ଜାହାଜରେ ଅଗ୍ନିକାଣ୍ଡ । ସୂଚନା ମିଳିବା ପରେ ଭାରତୀୟ ତଟରକ୍ଷୀ ବାହିନୀ ଓ ନୌସେନା ଉଦ୍ଧାର ଅଭିଯାନ ଆରମ୍ଭ କରିଛି । ପ୍ରତିରକ୍ଷା ଜନସମ୍ପର୍କ ଅଧିକାରୀଙ୍କ କହିବା ଅନୁସାରେ, କଣ୍ଟେନର ଜାହାଜ ଏମଭି ୱାନ ହେ ୫୦୩ ରେ ଏକ ବଡ଼ ବିସ୍ଫୋରଣ ଘଟିଥିବା ସୂଚନା ମିଳିଥିଲା । ଏହାପରେ ଆମ ପକ୍ଷରୁ ଉଦ୍ଧାର ଅଭିଯାନ ଆରମ୍ଭ କରାଯାଇଛି । ବର୍ତ୍ତମାନ ଚାଳକ ଦଳର ୨୨ ସଦସ୍ୟଙ୍କ ଭିତରୁ ୧୮ ଜଣଙ୍କୁ ଉଦ୍ଧାର କରାଯାଇଛି । ସେଭଳି ଅନ୍ୟ ୪ ନିଖୋଜ ଥିବା ଜଣାପଡିଛି । ସେମାନେ ଯେ, କେରଳର କୋଝିକୋଡା ଜିଲ୍ଲା ବେପୋରଠାରୁ ପ୍ରାୟ ୭୮ ସମୁଦ୍ର ମାଇଲ ଦୂରରେ ସିଙ୍ଗାପୁର ପତାକା ଥିବା ଜାହାଜରେ ବିସ୍ଫୋରଣ ସୂଚନା ମିଳିଥିଲା । ଭାରତୀୟ ତଟରକ୍ଷୀ ଜାହାଜ ସଚେତ, ଅର୍ନବେଶ, ସମୁଦ୍ର ପ୍ରହରୀ, ଅଭିନବ ରାଜଦୂତ ଓ ସି-୧୪୪ ରୁ ଏହି ଉଦ୍ଧାର ଅଭିଯାନରେ ସାମିଲ ଅଛନ୍ତି । ଅଧିକାରୀଙ୍କ କହିବା ଅନୁସାରେ, ଅଗ୍ନିକାଣ୍ଡର ଶିକାର ହୋଇଥିବା ଏହି ଜାହାଜରେ ଅଗ୍ନିକାଣ୍ଡ ପରେ ବିସ୍ଫୋରଣ ହୋଇଛି । ପ୍ରଥମେ ସୂଚନା ଆସିଥିଲା ବିସ୍ଫୋରଣରେ ଅଗ୍ନିକାଣ୍ଡ । ହେଲେ ଆଗ ଅଗ୍ନିକାଣ୍ଡ ତା' ପରେ ବିସ୍ଫୋରଣ ହୋଇଛି । ଜାହାଜକୁ ଛାଡି ଦେଇଛନ୍ତି ଓ ସେ ଭାରତୀୟ ସୁରକ୍ଷାଦଳ ସହ ସୁରକ୍ଷିତ ଅଛନ୍ତି ବୋଲି ଆଶା କରାଯାଉଛି । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି

## ଭାରତରେ ହିଂସାକାଣ୍ଡ ସୃଷ୍ଟିକରିବାକୁ ଷଡ଼ଯନ୍ତ୍ର କରୁଛି ତୁର୍କୀ

ନୂଆଦିଲ୍ଲୀ,୯।୬: ଅପରେସନ୍ ସିନ୍ଦୁର ସମୟରେ ତୁର୍କୀ ପାକିସ୍ତାନକୁ ସବୁ ପ୍ରକାରେ ସାହାଯ୍ୟ କରିଥିଲା । କିନ୍ତୁ ଏତିକିରେ ସୀମିତ ରହିନାହିଁ ତୁର୍କୀ, ଭାରତ ବିରୋଧରେ ଏକ ବଡ଼ ଷଡ଼ଯନ୍ତ୍ର କରୁଛି । ଉଦ୍ଦେଶ୍ୟ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପ । ଏକ ଗୁଇନ୍ଦା ରିପୋର୍ଟରୁ ଜଣାପଡ଼ିଛି ଯେ ତୁର୍କୀ ବାଂଲାଦେଶର ଇସଲାମିକ୍ ମୌଳବାଦୀ ସଂଗଠନ ଜମାତ-ଏ-ଇସଲାମିକୁ ଟଙ୍କା ଦେଉଛି, ଏହାର ଆତଙ୍କବାଦୀମାନଙ୍କୁ ଅସ୍ତ୍ରଶସ୍ତ୍ର ଦେଉଛି । ରାଜନୈତିକ ସାହାଯ୍ୟ ଦେଉଛି ଯାହା ଦ୍ୱାରା ଏହା ଭାରତର ଉତ୍ତର-ପୂର୍ବ ଅଞ୍ଚଳରେ ଆତଙ୍କବାଦ ଓ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ ପ୍ରସାର କରାଯାଇପାରିବ । ରିପୋର୍ଟ ଅନୁଯାୟୀ, ତୁର୍କୀ ଗୁପ୍ତଚର ସଂସ୍ଥା ଏବଂ ମୌଳବାଦୀ ସଂସ୍ଥା ଜମାତକୁ ଆର୍ଥିକ, ଆଦର୍ଶଗତ ଏବଂ ସାମରିକ ସମର୍ଥନ ଦେଉଛନ୍ତି । ଏହା କେବଳ ବାଂଲାଦେଶର ରାଜନୀତି ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଭାରତର ଉତ୍ତର-ପୂର୍ବ ରାଜ୍ୟ, ପଶ୍ଚିମବଙ୍ଗ, କେରଳ ଏବଂ କାଶ୍ମୀରକୁ ପ୍ରଭାବିତ କରୁଛି । ଏକ ଗୁଇନ୍ଦା ରିପୋର୍ଟରୁ ଜଣାପଡ଼ିଛି ଯେ ତୁର୍କୀ ବାଂଲାଦେଶର ଇସଲାମିକ୍ ମୌଳବାଦୀ ସଂଗଠନ ଜମାତ-ଏ-ଇସଲାମିକୁ ଟଙ୍କା ଦେଉଛି, ଏହାର ଆତଙ୍କବାଦୀମାନଙ୍କୁ ଅସ୍ତ୍ରଶସ୍ତ୍ର ଦେଉଛି । ରିପୋର୍ଟରେ କୁହାଯାଇଛି ଯେ ତୁର୍କୀ ଗୁପ୍ତଚର ସଂସ୍ଥାଗୁଡ଼ିକ ଢାକାର ମୋଘବଜାରରେ ଅବସ୍ଥିତ ଜମାତ-ଏ-ଇସଲାମିର କାର୍ଯ୍ୟାଳୟର ପୁନଃନିର୍ମାଣ ପାଇଁ ଟଙ୍କା ପଠାଇଛି । ଏହି ପାଣ୍ଠି କେବଳ କୋଠା ପାଇଁ ନୁହେଁ, ବରଂ ସଂଗଠନ ଗଠନ ଏବଂ ପ୍ରଚାର ତନ୍ତ୍ରକୁ ମଜବୁତ କରିବା ପାଇଁ ବ୍ୟବହୃତ ହେଉଛି ।

## ମେଘାଳୟ ହତ୍ୟାକାଣ୍ଡ ଉପରୁ ଉଠିଲା ପରଦା

# ପରକୀୟା ପ୍ରୀତି ପାଇଁ ସ୍ୱାମୀଙ୍କୁ ମାରିଲା ସ୍ତ୍ରୀ



ନୂଆଦିଲ୍ଲୀ,୯।୬: ୧୭ଦିନ ପରେ ମେଘାଳୟ ରାଜା ରଘୁବଂଶୀ ନିଖୋଜ ଓ ହତ୍ୟା ମାମଲା ଉପରୁ ପରଦା ଉଠିଛି । ପରକୀୟା ପ୍ରୀତିର କରୁଣ କାହାଣୀର ନୂଆ ମାମଲା ସାମ୍ନାକୁ ଆସୁଛି । ବୟଫ୍ରେଣ୍ଡ ରାଜ୍ ପାଇଁ ସ୍ୱାମୀ ରାଜାଙ୍କୁ ହତ୍ୟା କରିଛି ସୋନମ । ପରିବାର,ପୁଲିସକୁ ୧୭ଦିନ ଧରି ଭୂଆଁ ବୁଲାଇ ଏ ରାଜ୍ୟରୁ ସେ ରାଜ୍ୟରେ ଲୁଚି ବୁଲୁଥିବା ଅଭିଯୁକ୍ତ ସୋନମ ରଘୁବଂଶୀ ଶେଷରେ ପୋଲିସ ହାତରେ ଧରାପଡିଛି । ଗିରଫ ପରେ ହତ୍ୟାର ଟିକିନିକି ସବୁ କଥା ପୁଲିସ ଆଗରେ କହିଛି ଅଭିଯୁକ୍ତ । ସେପଟେ ହତ୍ୟାକାରୀ ବୋହୂକୁ ଜୀବନ୍ତ ଜାଳି ମାରିବାକୁ ଦାବି କରିଛି ମୃତ ରାଜାଙ୍କ ପରିବାର । ଇନ୍ଦୋରର ପ୍ଲାଏଉଡ୍ ବ୍ୟବସାୟୀଙ୍କ ଝିଅ ସହ ବିବାହ କରିଥିଲେ ରାଜା ରଘୁବଂଶୀ । ସୂଚନା ଅନୁସାରେ ମେ ୧୧ରେ ସୋନମ୍ ଓ ରାଜାଙ୍କ ବାହାଘର ହୋଇଥିଲା । ମେ ୨୦ରେ ହନିମୁନ୍ ପାଇଁ ମେଘାଳୟ ଯାଇଥିଲେ । ମେ ୨୩ରେ ଉଭୟ ନିଖୋଜ ହୋଇଥିବା ଖବର ଆସିଥିଲା । ସୋନମ୍ ନିଖୋଜ ଥିବା ସହ ତାଙ୍କର କୌଣସି ପତ୍ତା ମିଳିନଥିଲା । ପରିବାର ଲୋକ ଅପହରଣ ମାମଲା ରୁଜୁ କରିଥିଲେ । ଜୁନ୍ ୨ରେ ଏକ ଖାଇ ନିକଟରୁ ରାଜାଙ୍କ ଗଳିତ ମୃତଦେହ ମିଳିଥିଲା । ମେଘାଳୟ ପୁଲିସ ସ୍ଥାନୀୟ ହୋଟେଲ ଓ ଟୁରିଷ୍ଟ ଗାଇଡ୍‌ଙ୍କଠୁ ପାଇଥିବା ସୂଚନା ଆଧାରରେ ଛାନଭିନ କରିଥିଲା । ନିଖୋଜ ଅଭିଯୋଗର ୮ଦିନ ପରେ ଏକ ଖାଇରୁ ମିଳିଥିଲା ରାଜାଙ୍କ ମୃତଦେହ । ଘଟଣାସ୍ଥଳରୁ ମିଳିଥିବା କିଛି ଜିନିଷ ସୋନମଙ୍କ ଉପରେ ସନ୍ଦେହ ବଢ଼ାଇଥିଲା । ଏସ୍ଆଇଟି ଟିମ୍ ଗଠନ କରାଯାଇ ତଦନ୍ତକୁ ତ୍ୱରାନିତ୍ୱ କରିଥିଲା ପୁଲିସ । ଗୌହ୍ୱାଟୀ ଯାଇଥିଲେ ରାଜା ଓ ସୋନମ୍ । ସେପଟେ ସେମାନଙ୍କ ପଛରେ ପହଞ୍ଚିଲେ ରାଜ୍ ଓ ୨ ଅଭିଯୁକ୍ତ । ଡବଲଡେକର ଅଞ୍ଚଳରେ ରାଜାକୁ ହତ୍ୟା କରି ଫେରାର ହୋଇଥିଲେ ୪ଜଣ । ଟୁରିଷ୍ଟ ଗାଇଡ୍ ସୋନମ୍ ଓ ୩ ଜଣ ବ୍ୟକ୍ତିଙ୍କୁ ଏକାଠି ଦେଖିଥିବା ପୁଲିସକୁ ସୂଚନା ଦେଇଥିଲେ । ପରେ ପୁଲିସର ସନ୍ଦେହ ଘନୀଭୂତ ହୋଇଥିଲା ତେବେ ଘଟଣା ୧୭ଦିନ ପରେ ଗାଜିପୁରର ଏକ ଢାବାରୁ ଧରା ପଡିଛି ସୋନମ । ଗାଜିପୁର ଦେଇ ବାରଣାସୀରେ ପହଞ୍ଚିବା ପରେ ନେପାଳ ଯିବାକୁ ଯୋଜନା କରିଥିଲେ ଅଭିଯୁକ୍ତ । ତେବେ ଢାବାରେ ପହଞ୍ଚି ଘରକୁ ଫୋନ୍ କରିବା ଘଟଣା ମାମଲାରେ ନୂଆ ମୋଡ଼ ନେଇଥିଲା । ଢାବା କର୍ମଚାରୀଙ୍କ ଫୋନରୁ ଭାଇ ସହ କଥା ହୋଇଥିଲେ । ସୋନମ୍ ନିଜ ଠିକଣା ଭାଇକୁ କହିଥିଲେ । ଇନ୍ଦୋର ପୁଲିସକୁ ସୂଚନା ଦେଇଥିଲେ ଭାଇ । ଇନ୍ଦୋର ପୁଲିସ ଗାଜିପୁର ପୁଲିସକୁ ସୂଚନା ଦେଇଥିଲେ । ଗିରଫ ହୋଇଥିଲେ ସୋନମ୍ । ସୋନମଙ୍କ ବାପା ଦେବୀ ସିଂ ରଘୁବଂଶୀଙ୍କ କମ୍ପାନିରେ କାମ କରୁଥିଲା ରାଜ୍ କୁଶୱାଙ୍କ ପ୍ରେମରେ ପଡ଼ି ସ୍ୱାମୀକୁ ହତ୍ୟା କରିବାକୁ ପଛାଇନି ସୋନମ । ରାଜାଙ୍କୁ ମାରିବାକୁ ବୟଫ୍ରେଣ୍ଡ ରାଜ୍ ସହ ମିଶି ଏଭଳି ଏକ ସାଂଘାତିକ ଷଡ଼୍‌ଯନ୍ତ୍ର ରଚିଥିଲା । ସେପଟେ ହନିମୁନ ଟ୍ରିପ୍ ପାଇଁ କେବଳ ଯିବା ଟିକେଟ କରିଥିଲେ ସୋନମ ଓ ଫେରିବା ଟିକେଟ୍ ନକରିବା ରାଜାଙ୍କ ପରିବାର ମନରେ ସନ୍ଦେହ ସୃଷ୍ଟି କରିଥିଲା । ରାଜାଙ୍କ ପରିବାର କଳ୍ପନାର ସୁଦ୍ଧା ଚିନ୍ତା କରିନଥିବେ ଯେଉଁ ଝିଅକୁ ସାତଜନମର ସାଥୀ କରିଛି ପୁଅ ସେହି ତାଙ୍କ ପୁଅକୁ ହତ୍ୟା କରିବ ।

## ୧୭ ଥର ଛୁରି ଭୁସି ନିଜ ପ୍ରେମିକାକୁ ହତ୍ୟା କଲା ପ୍ରେମିକ



ବେଙ୍ଗାଲୁରୁ,୯।୬: ବେଙ୍ଗାଲୁରୁରେ ଚାଞ୍ଚଲ୍ୟ । ହୋଟେଲ ରୁମରେ ନିଜ ପ୍ରେମିକାକୁ ହତ୍ୟା କଲା ପ୍ରେମିକ । ବେଙ୍ଗାଲୁରୁର ପୁରନ ପ୍ରଜନା ଲେଆଉଟ ଅଞ୍ଚଳରେ ଥିବା ଓୟୋ ହୋଟେଲରେ ଘଟିଛି ଏହି ଜଘନ୍ୟ ହତ୍ୟାକାଣ୍ଡ । ଆଉ ସବୁଠୁ ବଡ କଥା ହେଉଛି ହତ୍ୟାର ଦୁଇଦିନ ପରେ ପୁଲିସ ମୃତ ଦେହକୁ ଜବତ କରିଛି । ମୃତକଙ୍କ ନାମ ହାରିନି(୩୩ ବର୍ଷ) ହୋଇଥିବା ବେଳେ ସେ କେଙ୍ଗେରି ଅଞ୍ଚଳର ବାସିନ୍ଦା ବୋଲି ଜଣାପଡଛି । ପୁଲିସ ଦେଇଥିବା ସୂଚନା ମୁତାବକ, ହାରିନିଙ୍କୁ ହତ୍ୟା କରିଥିବା ତାଙ୍କ ପୁରୁଷ ବନ୍ଧୁଙ୍କ ନାମ ୟସାସ(୨୫ ବର୍ଷ) ହୋଇଥିବା ବେଳେ ଉଭୟେ ସମାନ ଅଞ୍ଚଳରେ ବସବାସ କରୁଥିଲେ । ହାରିନି ନିଜ ପୁରୁଷ ବନ୍ଧୁଙ୍କଠୁ ବୟସରେ ବଡ ହେବା ସହ ବିବାହିତ ଥିଲେ । ୟସାସ ବେଙ୍ଗାଲୁରୁର ଏକ ବଡ କମ୍ପାନିରେ ସଫ୍ଟୱେୟାର ଇଂଜିନିୟର ଭାବେ କାର୍ଯ୍ୟ କରନ୍ତି । ତେବେ ଗତ ଦୁଇମାସ ହେବ ଦୁଇଜଣ ପରସ୍ପର ସହ ସମ୍ପର୍କରେ ଥିଲେ । ତେବେ ଉଭୟଙ୍କ ସମ୍ପର୍କ ବିଷୟରେ ଜଣାପଡିବା ପରେ ହାରିନିଙ୍କ ସ୍ୱାମୀ ତାଙ୍କଠୁ ଫୋନ ଛଡାଇ ନେଇଥିଲେ । କିଛି ଦିନ ହେବ ହାରିନିଙ୍କ ସହ ସମ୍ପର୍କ ନହୋଇ ପାରିବାରୁ ମନେମନେ ରାଗରେ ଜଳି ଉଠିଥିଲା ୟସାସ । ଆଉ ଖାସ୍ ଏଇଥିପାଇଁ ୟସାସ ନିଜ ପ୍ରେମିକାକୁ ହତ୍ୟା କରିବା ପାଇଁ ଯୋଜନା ବନେଇଥିଲା । ତେବେ ଗତ ଜୁନ ୬ ତାରିଖରେ ହାରିନି କୌଣସି ଉପାୟରେ ୟସାସଙ୍କ ସହ ଯୋଗାଯୋଗ କରିଥିଲେ । ତେବେ ପୂର୍ବରୁ ପ୍ରସ୍ତୁତ ଥିବା ୟସାସ କଥାବର୍ତ୍ତା କରିବା ଆଳରେ ହାରିନିଙ୍କୁ ଗତ ଶୁକ୍ରବାର ଓୟୋ ହୋଟେଲକୁ ଡାକିଥିଲେ । ଉଭୟେ ହୋଟେଲରେ କିଛି ସମୟ କାଟିବା ପରେ ୟସାସ, ହାରିନିଙ୍କୁ ଛୁରି ଭୁସି ହତ୍ୟା କରିଥିଲା । ଏହି ହତ୍ୟାକାଣ୍ଡ ଏତେ ଭୟଙ୍କର ଥିଲା ଯେ ହାରିନିଙ୍କ ଦେହରେ ୧୭ ଥର ଛୁରି ଭୁସିବାର କ୍ଷତ ଚିହ୍ନ ମିଳିଛି । ତେବେ ଅଭିଯୁକ୍ତ ଜଣଙ୍କ ହତ୍ୟକାଣ୍ଡ ଘଟାଇବା ପରେ ସେଠାରୁ ଖସିଯାଇଥିଲା ।

## ଡିଜିଏମଓ ରାଜୀବ ଘାଇଙ୍କୁ ମିଳିଲା ବଡ଼ ଦାୟିତ୍ୱ

ନୂଆଦିଲ୍ଲୀ,୯।୬: ଅପରେସନ ସିନ୍ଦୂର ସମୟରେ ଭାରତୀୟ ସେନା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରୁଥିବା ଲେଫ୍ଟନାଣ୍ଟ ଜେନେରାଲ ଏବଂ ଡିଜିଏମଓ ରାଜୀବ ଘାଇଙ୍କୁ ଏବେ ପଦୋନ୍ନତି ମିଳିଛି । ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇଙ୍କୁ ଡେପୁଟି ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ରଣନୀତି) ପଦବୀ ଦିଆଯାଇଛି । ଭାରତୀୟ ସେନାର ସମସ୍ତ ଅପରେସନାଲ୍ ଭର୍ଟିକାଲ୍ ଡେପୁଟି ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସୁରକ୍ଷା)ଙ୍କୁ ରିପୋର୍ଟ କରିବେ । ଏହା ପୂର୍ବରୁ ସାମରିକ ଅଭିଯାନର ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇଙ୍କୁ ଗତ ସପ୍ତାହରେ ଉତ୍ତମ ଯୁଦ୍ଧ ସେବା ପଦକ (ୟୁୱାଇଏସଏମ) ପ୍ରଦାନ କରାଯାଇଥିଲା । ଗତ ମାସରେ ଅପରେସନ ସିନ୍ଦୂର ସମ୍ପର୍କିତ ପ୍ରେସ ବ୍ରିଫିଂରେ ସେ ସେନାର ଏକ ଗୁରୁତ୍ୱପୂର୍ଣ୍ଣ ଫେସ୍ ଥିଲେ । ରିପୋର୍ଟରେ କୁହାଯାଇଛି ଯେ, ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ ମଧ୍ୟ ଡିଜିଏମଓ ଦାୟିତ୍ୱରେ ରହିବେ । ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଧୁନିକ ଯୁଦ୍ଧରେ ପ୍ରଯୁକ୍ତିର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି । ଜେନେରାଲ ଦ୍ୱିବେଦୀ କହିଥିଲେ, 'ଅପରେସନ୍ ସିନ୍ଦୂର କେବଳ ଏକ ସାମରିକ ପ୍ରତିକ୍ରିୟା ନଥିଲା; ଏହା ଭାରତର ଏକତା, ସଂକଳ୍ପ ଏବଂ ଆତ୍ମବିଶ୍ୱାସର ମଧ୍ୟ ଏକ ପ୍ରତିକ୍ରିୟା ଥିଲା ।

## ଅଯୋଧ୍ୟାରେ ଏବେ କୋଭିଡ ଟେଷ୍ଟ ବିନା ହୋଇ ପାରିବନି ରାମ ମନ୍ଦିର ଓ ହନୁମାନଗଡ଼ିରେ ଦର୍ଶନ



ଅଯୋଧ୍ୟା ୯।୬: ସାରା ଦେଶରେ କରୋନା ଭାଇରସ ସଂକ୍ରମଣ ବଢୁଥିବାରୁ ଅଯୋଧ୍ୟାରେ ଶ୍ରଦ୍ଧାଳୁଙ୍କୁ ବିନା ପରୀକ୍ଷଣରେ ରାମ ମନ୍ଦିରରେ ରାମ ଲଲ୍ଲା ଓ ହନୁମାନଗଡ଼ିରେ ହନୁମାନଜୀଙ୍କ ଦର୍ଶନ ଅନୁମତି ମିଳିବ ନାହିଁ । ଏଥି ଲାଗି ପ୍ରଶାସନ ଜୁନ ୯ ତାରିଖ ସୋମବାର ଠାରୁ ସହରର ବିଭିନ୍ନ ସ୍ଥାନରେ କୋଭିଡ ଯାଞ୍ଚ ପାଇଁ ବ୍ୟବସ୍ଥା କରିଛି । ଅଯୋଧ୍ୟା ସିଏମଓ ଡା.ସୁନିଲ କୁମାର ବନିୟାଲ କହିଛନ୍ତି ଯେ ଏଥିପାଇଁ ସହରରେ ରାପିଡ ଆଣ୍ଟିଜେନ ଟେଷ୍ଟ ଆରମ୍ଭ କରାଯାଇଛି । ଏଥିରେ ରାମମନ୍ଦିର ସାମ୍ନାରେ, ହନୁମାନ ଗଡ଼ି ସାମ୍ନାରେ, ଏୟାରପୋର୍ଟରେ, ଅଯୋଧ୍ୟା ଧାମ ରେଳ ଷ୍ଟେସନ, କ୍ୟାଣ୍ଟ ରେଳ ଷ୍ଟେସନ ସାମ୍ନାରେ ଓ ବସ୍ ଷ୍ଟାଣ୍ଡରେ ଲୋକଙ୍କ କୋଭିଡ ଯାଞ୍ଚ ବ୍ୟବସ୍ଥା କରାଯାଇଛି । ଡା. ବେନିୟାଲ କହିଛନ୍ତି ଯେ ଅଯୋଧ୍ୟା ଆସୁଥିବା ସମସ୍ତ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ଯାତ୍ରୀଙ୍କ ଆଣ୍ଟିଜେନ ଟେଷ୍ଟ କରାଯିବ । ଏହି ସବୁ ସ୍ଥାନମାନଙ୍କରେ ଦୁଇଟି ସିଫ୍ଟରେ କରୋନା ପରୀକ୍ଷଣ ହେଉଥିବା ବେଳେ ଯାତ୍ରୀଙ୍କୁ ସହଯୋଗ କରିବାକୁ ନିବେଦନ କରିଛନ୍ତି ।

## ପରିବାରକୁ ଫୋନ କରିବାକୁ ତହବୁର ରାଣାକୁ ମିଳିଲା ଅନୁମତି

ନୂଆଦିଲ୍ଲୀ,୯।୬: ୨୬/୧୧ ଆତଙ୍କୀ ଆକ୍ରମଣ ମାଷ୍ଟରମାଇଣ୍ଡ ତହବୁର ରାଣାକୁ ସାମାନ୍ୟ ଆଶ୍ୱସ୍ତି । ପରିବାର ସହ ଫୋନରେ କଥା ହେବାକୁ ଅନୁମତି ଦେଲେ ପଟିଆଲା ହାଉସକୋର୍ଟ । ଏଥିସହ କୋର୍ଟ ସୋମବାର ଠାରୁ ୧୦ ଦିନ ମଧ୍ୟରେ ରାଣାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏକ ନୂତନ ରିପୋର୍ଟ ମଧ୍ୟ ମାଗିଛନ୍ତି । ବିଚାରପତି କହିଛନ୍ତି ଯେ ଏହି ଫୋନ କଥାବାର୍ତ୍ତା ଜେଲ ନିୟମ ଅନୁଯାୟୀ ହେବ । ତିହାଡ଼ ଜେଲ୍ କର୍ତ୍ତୃପକ୍ଷ ଏହା ଉପରେ ନଜର ରଖିବେ । କୋର୍ଟ ଜେଲ୍ କର୍ତ୍ତୃପକ୍ଷଙ୍କୁ ରାଣାକୁ ନିୟମିତ ଫୋନ୍ କଲ୍ କରିବାକୁ ଅନୁମତି ଦିଆଯିବା ଉଚିତ କି ନାହିଁ ସେ ବିଷୟରେ ଜେଲ ପ୍ରଶାସନଙ୍କ ମତ କ'ଣ ଏନେଇ ଉତ୍ତର ଦେବାକୁ କୋର୍ଟ କହିଛନ୍ତି । ନିକଟରେ ଭାରତକୁ ବଡ଼ କୁଟନୀତି ବିଜୟ ମିଳିବା ସହ ଆମେରିକାରୁ ତହବୁରର ପ୍ରତ୍ୟର୍ପଣ କରାଯାଇଥିଲା ।

## ୨୦ରୁ ଅଧିକ ସହରରେ କୁକୁର ବୁଲାଇବା ଉପରେ ଲାଗିଲା ପ୍ରତିବନ୍ଧକ

ତେହେରାନ,୯।୬: ସାମାଜିକ ବ୍ୟବସ୍ଥା ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଇରାନ ୨୦ରୁ ଅଧିକ ସହରରେ କୁକୁର ବୁଲିବା ଉପରେ ନିଷେଧାଦେଶ ଜାରି କରିଛି । ତେହେରାନ-ଭିତ୍ତିକ ଫରାଜ ନ୍ୟୁଜର ଏକ ରିପୋର୍ଟ ଅନୁଯାୟୀ, ଯେଉଁ ସହରଗୁଡ଼ିକରେ ଏହି ନିଷେଧ ଲାଗୁ କରାଯାଇଛି ସେଗୁଡ଼ିକ ମଧ୍ୟରେ କେରମାନଶାହ, ଇଲାମ୍, ହମାଦାନ, କେରମାନ, ବୋରୁଜେର୍ଦ, ରୋବାତ କରିମ, ଲାଭସାନାଟ ଏବଂ ଗୋଲସ୍ତାନ ଅନ୍ତର୍ଭୁକ୍ତ । ୨୦୧୯ ମସିହାରେ ରାଜଧାନୀ ତେହେରାନରେ ପ୍ରଥମ ଥର ପାଇଁ ସମାନ ନିଷେଧ ଲାଗୁ କରାଯାଇଥିଲା, ଯାହା ଫଳରେ ନାଗରିକମାନଙ୍କ ମଧ୍ୟରେ ଆହୁରି ସମାଲୋଚନା ହୋଇଥିଲା । ଇରାନୀ ଅଧିକାରୀମାନେ ଦାବି କରିଛନ୍ତି ଯେ ବୁଲୁଥିବା କୁକୁର ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରେ । ସେମାନେ ଏହା ମଧ୍ୟ ଯୁକ୍ତି ଦିଅନ୍ତି ଯେ ବୁଲୁଥିବା କୁକୁର ସୁରକ୍ଷା ସମସ୍ୟା ସୃଷ୍ଟି କରିପାରେ । ତଥାପି, ସେମାନେ ଏହି ପଦକ୍ଷେପ ବିଷୟରେ କୌଣସି ନିର୍ଦ୍ଦିଷ୍ଟ ବିବରଣୀ ଦେଇନାହାଁନ୍ତି । ରିପୋର୍ଟ ଅନୁଯାୟୀ, କର୍ତ୍ତୃପକ୍ଷ ନିଷେଧ ଉଲ୍ଲଂଘନ କରୁଥିବା କୁକୁର ମାଲିକମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, ଯାହା ଫଳରେ ଗିରଫ ଏବଂ ପ୍ରତିରୋଧ ଘଟୁଛି । ସଂସ୍କାରବାଦୀ ଖବରକାଗଜ ଏତେମାଦ ଇଲାମ ସହରର ଜଣେ ଅଧିକାରୀଙ୍କ ଉଦ୍ଧୃତି ଦେଇ କହିଛି ଯେ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଲୋକସେବା ଭବନରୁ ଏସି ଚୋରି: ୪ ଗିରଫ

ଭୁବନେଶ୍ୱର(ନିପ୍ର): ଲୋକସେବା ଭବନର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଅଭିଯୋଗକାରୀ ଦୀପକ କୁମାର ସାହୁଙ୍କ ଲିଖିତ ରିପୋର୍ଟ ଆଧାରରେ, କ୍ୟାପିଟାଲ ଥାନା ପୋଲିସ ମାମଲା ରୁଜୁ କରି ଚୋରି ଅଭିଯୋଗରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ୪ ଅଭିଯୁକ୍ତ ହେଲେ, ଗଞ୍ଜାମ ଜିଲ୍ଲାର ପ୍ରଫୁଲ କୁମାର ଜେନା, ଉର୍ମିଳା ପ୍ରଧାନ, କ୍ରିଷ୍ଣା ବିଷୋଇ ଓ କୁମାରୀ ପ୍ରଧାନ । ଏମାନଙ୍କ ଠାରୁ ଲୋକସେବା ଭବନରୁ ଚୋରି ହୋଇଥିବା ସମସ୍ତ ଏସି ସାମଗ୍ରୀ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ମଧ୍ୟରେ ଲୋକସେବା ଭବନରୁ ଅନେକ ଏସି ଆଉଟଡୋର ୟୁନିଟ୍ ଚୋରି ହୋଇଥିବା ଅଭିଯୋଗ ସେଠାରେ ଲାଗିଥିବା ସିସିଟିଭି ଯାଂଚ କରାଯାଇଥିଲା । ଗତ ୮ ତାରିଖ ଦିନ ପ୍ରାୟ ୧୨ଟା୩୦ ସମୟରେ, ତିନି ଜଣକ ମହିଳା ଓ ଜଣେ ପୁରୁଷ ଶ୍ରମିକ ଆରଡି ସମ୍ମିଳନୀ ହଲ ଛାତରୁ ବାହାର ଏସି ୟୁନିଟ୍ ଭାଙ୍ଗି ତମ୍ବା ତାର ଚୋରି କରୁଥିବାର ଦେଖାଯାଇଥିଲା । ଅଭିଯୋଗକାରୀ ଏନେଇ ସେଠାରେ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କୁ ଜଣାଇଥିଲେ, ଯାହା ପରେ କ୍ୟାପିଟାଲ ଥାନାରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା । ପରେ ପୋଲିସ ତଦନ୍ତ ସମୟରେ, ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଏବଂ ଫଟୋଗ୍ରାଫ୍ ସଂଗ୍ରହ କରି ସମସ୍ତ ଚାରି ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ଅଂଚଳ ୟୁନିଟ୍-୫, କେଶରୀ ନଗର ବସ୍ତିରେ ଥିବା ସେମାନଙ୍କ ଘରୁ ଗିରଫ କରାଯାଇଥିଲା ଓ ସେମାନଙ୍କ ହେପାଜତରୁ ଚୋରି ସାମଗ୍ରୀ ଜବତ ମଧ୍ୟ କରାଯାଇଥିଲା । ପଚରାଉଚରା ବେଳେ, ଜଣାପଡ଼ିଥିଲା ସେମାନେ ଲୋକସେବା ଭବନରେ ଶ୍ରମିକ ଭାବରେ କାମ କରୁଥିବାରୁ ସେମାନେ ସୁଯୋଗର ଫାଇଦା ଉଠାଇ ଏସି ଆଉଟଡୋର ୟୁନିଟ୍‌ରୁ ତମ୍ବା ସାମଗ୍ରୀ ଚୋରି କରିଥିଲେ ।

### କ୍ୟାପିଟାଲ ହସ୍ପିଟାଲରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

## ପରିଚୟ ଖୋଜୁଛି ପୁଲିସ: ଖବର ଦେବାକୁ ଅନୁରୋଧ

ଭୁବନେଶ୍ୱର(ନିପ୍ର): କ୍ୟାପିଟାଲ ହସ୍ପିଟାଲ ନିକଟରୁ ଅଚେତ ଅବସ୍ଥାରେ ମିଳିଥିବା ଜଣେ ଅଜଣା ବ୍ୟକ୍ତିଙ୍କୁ ଚିକିତ୍ସା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏହା ପରେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ଫାଣ୍ଡି ପୋଲିସକୁ ହସ୍ତାନ୍ତର କରାଯାଇଛି । ପୋଲିସ ବ୍ୟକ୍ତିଙ୍କ ପରିଚୟ ନ ପାଇବାରୁ ତାଙ୍କୁ କ୍ୟାପିଟାଲ ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ସେପଟେ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି କି, ଯଦି କେହି ଏହି ଅଜଣା ବ୍ୟକ୍ତିଙ୍କ ପରିଚୟ ଜାଣିଛନ୍ତି ତାହାହେଲେ କ୍ୟାପିଟାଲ ଥାନା କିମ୍ବା କ୍ୟାପିଟାଲ ହସ୍ପିଟାଲ ଫାଣ୍ଡିକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି । ସୂଚନାଯୋଗ୍ୟ ଯେ, ଶନିବାର ଦିନ ୧୨ଟା ୫୩ ସମୟରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଦ୍ୱାରା ପ୍ରାୟ ୪୦ ବର୍ଷ ବୟସର ଜଣେ ଅଜଣା ପୁରୁଷଙ୍କୁ ମୃତ ଘୋଷଣା କରାଯାଇଛି । ସେ କ୍ୟାପିଟାଲ ହସ୍ପିଟାଲର ଓ ଆଣ୍ଡ ଜି ବିଲ୍ଡିଂ ଗେଟ୍ ନିକଟରେ ଅଚେତ ଅବସ୍ଥାରେ ପଡ଼ିଥିଲେ । ମୃତଦେହକୁ ଚିହ୍ନଟ ପାଇଁ କ୍ୟାପିଟାଲ ହସ୍ପିଟାଲ ଶବ ସଂରକ୍ଷଣ ଘରେ ରଖାଯାଇଛି ।

### ଘରୋଇ ହସପିଟାଲରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଘଟଣା

## ମାଲିକଙ୍କୁ ଜେରା, କାଗଜପତ୍ର ଯାଞ୍ଚ

କଟକ(ନିପ୍ର): କଟକର ଏକ ଘରୋଇ ହସପିଟାଲରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଘଟଣାରେ ଆକ୍ସନ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାମଲାର ଯାଂଚ ଆରମ୍ଭ ହୋଇଛି । ହସପିଟାଲରେ ଏଡିଏମଓ ଓ ପୋଲିସ ପହଞ୍ଚି ଯାଂଚ ଆରମ୍ଭ କରିଛନ୍ତି । ହସପିଟାଲର କାଗଜପତ୍ର ମଧ ଯାଂଚ କରାଯାଇଛି । ଏହାସହ ହସପିଟାଲର ମାଲିକଙ୍କୁ ବି ଜେରା କରାଯାଇଛି । ସୂଚନାଯୋଗ୍ୟ, କଟକର ଏକ ଘରୋଇ ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରି ଜଣେ ଯବାନଙ୍କ ପତ୍ନୀଙ୍କ ମଳନଳୀ କାଟି ଦିଆଯାଇଥିଲା । ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡ଼ିଏମଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଧ ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାମଲାର ତଦନ୍ତ ପାଇଁ ଏକ ଟେକନିକାଲ ଟିମ ଗଠନ କରାଯାଇଛି । ଟିମରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଓ ସର୍ଜରୀ ବିଭାଗ ବିଶେଷଜ୍ଞ ଡାକ୍ତର ସାମିଲ ଅଛନ୍ତି । ବିଶେଷଜ୍ଞ ଟିମ ପୀଡ଼ିତା ଦୀପ୍ତିମୟୀ ବାରିକଙ୍କ ସ୍ୱାସ୍ଥ୍ୟବସ୍ଥା ଓ ରିର୍ପୋଟ ଯାଂଚ କରିଥିଲେ । ପରେ ଟିମର ରିର୍ପୋଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡ଼ିଏମଓ ଡାକ୍ତର ପ୍ରଶାନ୍ତ ହୋତା କହିଥିଲେ । ଏହାସହ ଏଭଳି ସମ୍ବେଦନଶୀଳ ଘଟଣାରେ ନର୍ସିଂହୋମର ପଞ୍ଜୀକରଣ ଯାଂଚ କରାଯିବ ବୋଲି ସୂଚନା ଦେଇ ସିଡ଼ିଏମଓ ଡାକ୍ତର ହୋତା କହିଛନ୍ତି ଯେ, ଦୀପ୍ତିମୟୀଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ଖବରକାଗଜରୁ ଜାଣିବା ପରେ ଜିଲ୍ଲାପାଳଙ୍କୁ ଏ ବିଷୟରେ ଅବଗତ କରାଯାଇଥିଲା । ପୀଡ଼ିତା କିଭଳି ନ୍ୟାୟ ପାଇବେ ସେଥିପାଇଁ ଆମେ ସଜାଗ ରହିଛୁ ବୋଲି ଡାକ୍ତର ହୋତା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଟେକନିକାଲ କମିଟି ରିର୍ପୋଟ ଆଧାରରେ ସେଥିରେ ଯାହାର ଭୁଲ ଧରାପଡ଼ିବ ସେ ନିଶ୍ଚିତ ଭାବେ ଦୃଢ଼ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବ ବୋଲି ଡାକ୍ତର ହୋତା ପ୍ରକାଶ କରିଛନ୍ତି । ଦୀପ୍ତିମୟୀଙ୍କ ପୂର୍ବରୁ ୨ଟି ସନ୍ତାନ ଥିବାରୁ ପରିବାରର ସହମତିରେ ଗର୍ଭପାତ କରିବାକୁ ସ୍ଥାନୀୟ ରାଣୀହାଟର ଜନନୀ ନାମକ ଏକ ଘରୋଇ ନର୍ସିଂହୋମକୁ ଆସିଥିଲେ । ଏଠାରେ ଅସ୍ତ୍ରୋପଚାର ସମୟରେ ତାଙ୍କର ମଳ ନଳୀକୁ କାଟି ଦିଆଯାଇଥିବାରୁ ସେ ଗୁରୁତର ହୋଇଥିଲେ । ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତ୍ରୁଟପୂର୍ଣ୍ଣ ଅପରେସନ କରଥିବା ନର୍ସିଂହୋମ କର୍ତ୍ତୁପକ୍ଷ ଓ ଡାକ୍ତରଙ୍କ ବିରୋଧରେ ପୀଡ଼ିତା ଥାନାରେ ଏତଲା ଦେଇଥିଲେ । ପୋଲିସ ଏହି ଏତଲା ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

### ଫେସବୁକରୁ ପ୍ରେମ ପରେ ପ୍ରତାରଣା

# ସମ୍ବଲପୁରରୁ ଅଭିଯୁକ୍ତଙ୍କୁ ବାନ୍ଧିଲା ମହିଳା ଥାନା

ଭୁବନେଶ୍ୱର(ନିପ୍ର): ପ୍ରଥମେ ଫେସବୁକ ଯୋଗେ ପରସ୍ପର ପରିଚିତ ହୋଇଥିଲେ । ପରେ ଏହି ପରିଚୟ ପ୍ରେମରେ ପରିଣତ ହୋଇଥିଲା । ଆଉ ପ୍ରେମ କରିବା ଆଳରେ ଯୁବତୀଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ତାଙ୍କ ସହ ବାରମ୍ବାର ଶାରିରୀକ ସଂପର୍କ ରଖିବା ଏବଂ ପରେ ପ୍ରତାରଣା କରି ବିବାହ କରିବାକୁ ମନା କରିବା ଅଭିଯୋଗରେ ମହିଳା ଥାନା ପୋଲିସ ସୋମବାର ସମ୍ବଲପୁର ଶାନ୍ତିନଗର ସ୍ଥିତ ଅଭିଯୁକ୍ତର ଘରୁ ତାଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତର ନାମ ଶୁଭ୍ରଜିତ ଜେନା (୩୨) ଓ ତାଙ୍କ ଘର ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ଅନ୍ତର୍ଗତ ଶାନ୍ତିନଗର ଜୟସ୍ୱାଲ ବିଲ୍ଡିଂରେ ହୋଇଥିବା ବେଳେ ସେ ବର୍ତ୍ତମାନ ସମୟରେ ଜଗତସିଂପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ଚାନ୍ଦାପୁର ଅଂଚଳରେ ରହୁଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ପ୍ରାୟ ୪ ବର୍ଷ ପୂର୍ବେ ଫେସବୁକ ମାଧ୍ୟମରେ ଅଭିଯୁକ୍ତ ଶୁଭ୍ରଜିତ ଜେନାଙ୍କ ସହ ସଂପର୍କରେ ଆସିଥିଲେ । ସମୟ ସହିତ ଉଭୟଙ୍କ ମଧ୍ୟରେ ସଂପର୍କ ବଢ଼ିଥିଲା । ଅଭିଯୁକ୍ତ ଯୁବତୀଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ବାରମ୍ବାର ବିଭିନ୍ନ ହୋଟେଲକୁ ନେଇ ଶାରିରୀକ ସଂପର୍କ ରଖିଥିଲେ । ଗତ ଏପ୍ରିଲ ୧୩ ତାରିଖ ଦିନ ଅଭିଯୁକ୍ତ ଛଳନା କରି କୋର୍ଟରେ ବିବାହ କରିବା କଥା କହି ଯୁବତୀଙ୍କୁ ପାହାଳ ନିକଟସ୍ଥ ଏକ ଗେଷ୍ଟହାଉସକୁ ଡାକିଥିଲେ । ସେଠାରେ ସେ ଯୁବତୀଙ୍କ ସହ ପୁନର୍ବାର ଶାରିରୀକ ସଂପର୍କ ରଖିଥିଲେ । ପୀଡ଼ିତା ଅଭିଯୁକ୍ତଙ୍କୁ ବିବାହ କରିବାକୁ କହିବାରୁ ସେ ତାଙ୍କ କଥାକୁ ଏଡ଼ାଇ ଯାଇଥିଲେ । ପରବର୍ତ୍ତୀ ସମୟରେ ପୀଡ଼ିତା ଶୁଭ୍ରଜିତଙ୍କୁ ବିବାହ ପାଇଁ ଚାପ ପକାଇବା ସମୟରେ ସେ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା କରିବାକୁ ଧମକ ଦେଇଥିଲେ ଏବଂ ତାଙ୍କ ବିନା ସମ୍ମତିରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଏବଂ ଭିଡ଼ିଓକୁ ଭାଇରାଲ କରିବାର ଧମକ ଦେଇଥିଲେ । ଏନେଇ ପୀଡ଼ିତା ଶେଷରେ ବାଧ୍ୟ ହୋଇ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

## ଚେନ ଲୁଟ୍ ଉଦ୍ୟମ ଫେଲ: ଲୁଟେରା ଧରାପଡ଼ିଲେ

ଭୁବନେଶ୍ୱର(ନିପ୍ର): ମୋବାଇଲ ଫୋନ୍ ଏବଂ ସୁନା ଚେନ ଲୁଟ୍ ନେଇ ଅଭିଯୋଗକାରିଣୀଙ୍କ ସହିଦନଗର ଥାନାରେ ଲିଖିତ ରିପୋର୍ଟ ଆଧାରରେ, ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା । ତଦନ୍ତରେ ସଂପୃକ୍ତ ଅଭିଯୁକ୍ତ ଜନ୍ ରୁଦ୍ର ପ୍ରଧାନଙ୍କୁ ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଶନିବାର ରାତି ପ୍ରାୟ ୮ଟା ସମୟରେ, ଅଭିଯୋଗକାରିଣୀ ଏବଂ ତାଙ୍କ ସ୍ୱାମୀ ଜୟଦେବ ବିହାର ଓଭରବ୍ରିଜ୍ ନିକଟରେ ଏକ ବାଇକରେ ଯାଉଥିବା ବେଳେ ଅଭିଯୁକ୍ତ ଜନ୍ ରୁଦ୍ର ପ୍ରଧାନ, ତା ସହଯୋଗୀ ସହିତ ଅଭିଯୋଗକାରୀଙ୍କ ସୁନା ଚେନ୍ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ । ପ୍ରୟାସ ବିଫଳ ହେବା ପରେ, ସେମାନେ ତାଙ୍କ ସ୍ୱାମୀଙ୍କ ପକେଟରୁ ଏକ ଭିଭୋ ମୋବାଇଲ୍ ଫୋନ୍ ଛଡ଼ାଇ ନେବାରେ ସଫଳ ହୋଇଥିଲେ ଏବଂ ଏକ ହିରୋ ବାଇକ ଯୋଗେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଅଭିଯୋଗକାରୀ ଏବଂ ଜନସାଧାରଣ ଅଭିଯୁକ୍ତ ଦୁହିଁଙ୍କୁ ପିଛା କରିଥିଲେ । ପଳାୟନ ସମୟରେ, ଅଭିଯୁକ୍ତ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଏବଂ ଭୟଭୀତ ହୋଇ ଖସିଯିବା ପୂର୍ବରୁ ଘଟଣାସ୍ଥଳରେ ଲୁଟ କରିଥିବା ମୋବାଇଲ୍ ଫୋନ୍ ଏବଂ ତାଙ୍କ ବାଇକ୍ ଉଭୟକୁ ଛାଡ଼ି ପଳାଇଯାଇଥିଲେ । ଏନେଇ ସହିଦନଗର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରି ଜଣାପଡିଛି ଯେ, ଅପରାଧରେ ଜବତ ହୋଇଥିବା ହିରୋ ବାଇକଟି ସୁବାଷ ବେହେରା ନାମକ ଜଣେ ବ୍ୟକ୍ତିଙ୍କ ନାମରେ ପଞ୍ଜିକୃତ ହୋଇଛି । ସୁବାଷ ବେହେରାଙ୍କ ପୁଅ ଚନ୍ଦ୍ରଶେଖର ବେହେରା ଅଭିଯୁକ୍ତମାନଙ୍କୁ ଗାଡ଼ିଟିକୁ ବ୍ୟବହାର କରିବାକୁ ଦେଇଥିଲେ ଏବଂ ସେମାନଙ୍କ ଅପରାଧିକ ଉଦ୍ଦେଶ୍ୟ ବିଷୟରେ ଅଜ୍ଞ ଥିଲେ । ନିର୍ଭରଯୋଗ୍ୟ ସୂଚନା ଆଧାରରେ, ବାଣୀବିହାରର ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାଂପସରେ ଏକ ଚଢଉ କରାଯାଇଥିଲା, ଯେଉଁଠାରୁ ଅଭିଯୁକ୍ତ ଜନ୍ ରୁଦ୍ର ପ୍ରଧାନଙ୍କୁ ଗିରଫ କରାଯାଇଥିଲା । ତାକୁ ଯାଂଚ କରିବା ସମୟରେ, ଗୋଟିଏ ରୟାଲ୍ ଏନଫିଲ୍ଡ ବୁଲେଟ୍ ବାଇକ ଏବଂ ଗୋଟିଏ ଖଣ୍ଡା ଜବତ କରାଯାଇଥିଲା ।

### ଦାମୀ କାର ଦେବାକୁ କହି ୧ କୋଟିରୁ ଉର୍ଦ୍ଧ୍ୱ ଠକେଇ

## କୋର୍ଟଙ୍କ ନିର୍ଦ୍ଦେଶ ପରେ ଠକ ବନ୍ଧାହେଲା

ଭୁବନେଶ୍ୱର(ନିପ୍ର): ଜଣେ ବ୍ୟକ୍ତିଙ୍କୁ ଦାମୀ କାର ଦେବାକୁ କହି ତାଙ୍କ ଠାରୁ ବିଭିନ୍ନ ପର୍ଯ୍ୟାୟରେ ୧ କୋଟି ୮ ଲକ୍ଷ ୫୦ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗରେ ଜଣେ ପେଶାଦାର ଠକକୁ ଇନଫୋସିଟି ଥାନା ପୋଲିସ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କଟରୁ ଗିରଫ କରିଛି । ଗିରଫ ଠକର ନାମ ସମ୍ବିତ ପଣ୍ଡା ଓ ତାଙ୍କ ଘର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀ ବିହାରରେ ବୋଲି ଜଣାପଡ଼ିଛି । ଅଭିଯୋଗକାରୀ ରୋହିତ ରୋଶନ ମହାନ୍ତି ଜଣେ ବ୍ୟବସାୟୀ ଏବଂ ସେ ପିଲାଦିନରୁ ଜଣେ କାର ପ୍ରେମୀ ଏବଂ ବିଳାସପୂର୍ଣ୍ଣ କାର ପ୍ରତି ତାଙ୍କର ଦୁର୍ବଳତା ରହିଛି । ଗତ ୨୦୨୩ ମସିହା ମାର୍ଚ୍ଚ ୧୯ ତାରିଖ ଦିନ ସେ ଅଭିଯୁକ୍ତ ସମ୍ବିତ ପଣ୍ଡାଙ୍କ ସଂସ୍ପର୍ଶରେ ଆସିଥିଲେ, ଯିଏ ନିଜକୁ ଜଣେ ଫ୍ରିଲାନ୍ସ କାର ବ୍ରୋକର ଏବଂ ଭୁବନେଶ୍ୱର ଅଡ଼ି ଶୋ'ରୁମର ପୂର୍ବତନ ପରିଚାଳକ ଭାବରେ ପରିଚୟ ଦେଇଥିଲେ । ନୂତନ ବିଳାସପୂର୍ଣ୍ଣ ଯାନବାହାନ ଏକ ମାସ ମଧ୍ୟରେ ଯୋଗାଇଦେବା ଦାବି କରି ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ସହିତ ବହୁ ବ୍ୟାଙ୍କ କାରବାର ମାଧ୍ୟମରେ ୧ କୋଟି ୮ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ପ୍ରବର୍ତ୍ତାଇଥିଲେ । କିନ୍ତୁ, ଟଙ୍କା ପାଇବା ପରେ, ଅଭିଯୁକ୍ତ ଗାଡ଼ି ଯୋଗାଇବାରେ ବିଫଳ ହୋଇଥିଲେ ଏବଂ ଅଭିଯୋଗକାରୀଙ୍କ ସମସ୍ତ ଯୋଗାଯୋଗକୁ ଏଡ଼ାଇ ଦେଇଥିଲେ । ବାରମ୍ବାର ଯୋଗାଯୋଗ ପରେ, ସେ ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର ଏବଂ ଧମକ ଦେଇଥିଲେ । ପରେ ସେ ଜାଣିବାକୁ ପାଇଥିଲେ ଯେ, ଅଭିଯୁକ୍ତ ତାଙ୍କୁ ଭ୍ରମିତ କରିବା ପାଇଁ ଜାଲ୍ କାଗଜପତ୍ର ବ୍ୟବହାର କରିଥିଲେ ଏବଂ ଯାଂଚରୁ ସେ ପୂର୍ବରୁ ଅନେକ ବ୍ୟକ୍ତିଙ୍କୁ ଏହିପରି ଭାବରେ ଠକିବାର ଜାଣିବାକୁ ପାଇଥିଲେ । ତଦନ୍ତରୁ ଜଣାପଡିଛି ଯେ ଅଭିଯୁକ୍ତ, ଦୁଇଜଣ ସହଯୋଗୀଙ୍କ ସହିତ ମିଶି ଅଭିଯୋଗକାରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ଠକିଥିଲେ, ତାଙ୍କ ଆର୍ଥିକ ସ୍ଥିରତା ଭାଙ୍ଗିଥିଲେ ଏବଂ ତାଙ୍କ ଜୀବନକୁ ବିପଦରେ ପକାଇଥିଲେ ।

## ଲୁଟେରା ଗିରଫ: ମୋବାଇଲ ଜବତ

ଭୁବନେଶ୍ୱର(ନିପ୍ର): ଫରେଷ୍ଟ ପାର୍କର ଅମ୍ବିକା ଗଙ୍ଗାଧର ଆପାର୍ଟମେଂଟରେ ସୁରକ୍ଷା କର୍ମୀ ଭାବରେ କାର୍ଯ୍ୟରତ ଅଭିଯୋଗକାରୀ ସୁମନ୍ତ କୁମାର ସାହୁଙ୍କ ଲିଖିତ ରିପୋର୍ଟ ଆଧାରରେ, ଏୟାରପୋର୍ଟ ଥାନା ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ, ଅଭିଯୁକ୍ତ ଟୁଟୁ ନାଏକକୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଯେ, ରବିବାର ଅଭିଯୋଗକାରୀ ଡ୍ୟୁଟିରେ ଥିବା ସମୟରେ, ସେ ଅଭିଯୁକ୍ତକୁ ତାଙ୍କର ମୋବାଇଲ ଫୋନ ଚୋରି କରି ପଳାଇ ଯାଉଥିବାର ଦେଖିଥିଲେ । ଏନେଇ ସେ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ, ନିର୍ଭରଯୋଗ୍ୟ ସୂଚନା ଉପରେ କାର୍ଯ୍ୟ କରି, ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୩, ହରିଜନ ବସ୍ତି, ତାଙ୍କ ଘରୁ ଗିରଫ କରାଯାଇଥିଲା । ପଚରାଉଚରା ସମୟରେ ସେ ମୋବାଇଲ୍ ଫୋନ୍ ଚୋରି କରିଥିବା ଜଣାପଡ଼ିଥିଲା ଓ ତାଙ୍କ ହେପାଜତରୁ ଚୋରି ମୋବାଇଲ ଫୋନଟିକୁ ଜବତ କରାଯାଇଛି ।

## ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ କରି ଯୁବକ ଗିରଫ



ରେଢାଖୋଲ(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଜଣେ ବିବାହିତ ମହିଳାଙ୍କ ଅଶ୍ଳିଳ ଫଟୋ ଉଠାଇ ଭାଇରାଲ୍ କରି ଗିରଫ ହେଲେ ପୁରୁଣା ପ୍ରେମିକ । ଗିରଫ ଅଭିଯୁକ୍ତ ଜଣକ ହେଲେ ରେଢ଼ାଖୋଲ ସହର ଯଦୁମଣିପାଟଣା ଗାଁର ରୁପକ ପ୍ରଧାନ (୨୨) । ସୂଚନାଯୋଗ୍ୟ ଯେ ରୁପକ ପ୍ରଧାନ ଓ ଉକ୍ତ ଯୁବତୀ ଜଣକ ସହ ୮ବର୍ଷ ର ପ୍ରେମ ସମ୍ପର୍କ ଥିଲା । ହେଲେ ଇତିମଧ୍ୟରେ ଯୁବକ ଜଣକ ଯୁବତୀଙ୍କୁ ବିବାହ ପ୍ରତିଶୃତି ଦେଇ ତାଙ୍କ ସହିତ ଶାରିରୀକ ସଂପର୍କ ରଖିଥିଲା । ହେଲେ ପରବର୍ତ୍ତୀ ସମୟରେ ରୁପକ୍ ଯୁବତୀଙ୍କୁ ଧୋକାଦେଇ ଛାଡ଼ିଦେଇ ଥିଲେ । ପରେ କୌଣସି କାରଣରୁ ଯୁବତୀ ଜଣକ ଅନ୍ୟତ୍ର ବିବାହ କରିଥିଲେ । ଏମିତିକି ଆଗରୁ ରୁପକ ଉକ୍ତ ଯୁବତୀଙ୍କ ଅଶ୍ଳିଳ ଫଟୋ ନିଜ ମୋବାଇଲ୍‌ରେ ରଖିଥିଲେ । ଯୁବତୀ ଜଣକ ଅନ୍ୟତ୍ର ବିବାହର କିଛି ମାସ ପରେ ସ୍ୱାମୀଙ୍କ ମୋବାଇଲ୍‌କୁ ଯୁବତୀଙ୍କ ଏକ ଅଶ୍ଳୀଳ ଫଟୋ ପଠାଇବା ସହ ତାକୁ ସୋସିଆଲ ମିଡ଼ିଆରେ ଭାଇରାଲ୍ କରିଥିଲେ । ଯାହାକୁ ନେଇ ଯୁବତୀ ଜଣକ ରୁପକଙ୍କ ନାମରେ ରେଢ଼ାଖୋଲ ଥାନାରେ ଗତ ୭ ତାରିଖରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରି ଯୁବକକୁ ୮ତାରିଖ ଗିରଫ କରି ୧୪୧/୬ରେ ଏକ ମାମଲା ରୁଜୁକରି ସୋମବାର ପୋକସୋ କୋର୍ଟ ସମ୍ବଲପୁରକୁ ପଠାଯାଇଛି । ଏଥିସହ ଅଭିଯୁକ୍ତର ନିଜ ମୋବାଇଲ୍ ଫୋନ ସମେତ ଯେଉଁ ମୋବାଇଲକୁ ଫଟୋ ପଠାଇଥିଲା ସେହି ମୋବାଇଲ୍ ଫୋନ ମଧ ଜବତ କରିଛି ପୋଲିସ । ଏନେଇ ରେଢ଼ାଖୋଲ ଆଇଆଇସି ଚନ୍ଦ୍ର ମୋହନ୍ ସିଂ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ।

## ଗୋରୁମୁଣ୍ଡ ରାସ୍ତା କଡରେ ପକାଇବାକୁ ନେଇ ଉତ୍ତେଜନା

### ନିଜଆଡ଼ୁ ଅଭିଯୋଗ କଲା ପୋଲିସ୍

ଧାମନଗର(ନିପ୍ର): ମୁସଲମାନଙ୍କ ପର୍ବ ୭ତାରିଖରୁ ଇଦ୍ ଉଲ୍ ଜୁହା ଆରମ୍ଭ ହୋଇ ୯ ତାରିଖରେ ଶେଷ ହୋଇଥିବା ବେଳେ ଏହି ସମୟରେ କିଛି ବଳିଦାନ କରାଯାଏ । ତେବେ ସୋମବାର ସକାଳେ ଧାମନଗର ବ୍ଲକ ବଜାର ରାସ୍ତାର ଶାଗର ଭୂୟାଁ ପାର୍କ ନିକଟସ୍ଥ ରାସ୍ତା କଡରେ ୪ଟି ଗୋରୁର କଟାମୁଣ୍ଡ ପଡ଼ିଥିବା ନେଇ ହିନ୍ଦୁ ଭାଇଙ୍କ ମନରେ ଆଘାତ ହୋଇଥିଲା । ତେବେ କିଛି ସମୟ ପାଇଁ ସେଠାରେ ମୃଦୁ ଉତ୍ତେଜନା ଦେଖାଦେଇଥିଲା । ଘଟଣା ସ୍ଥଳରେ ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀ, ଥାନା ଅଧିକାରୀ ଗୋପାଳ ଜେନାଙ୍କ ସମେତ ପୋଲିସ ଫୋର୍ସ ପହଞ୍ଚି ତଦନ୍ତ କରିଥିଲେ । ତେବେ



ପଡ଼ିଥିବା ଗୋରୁର କଟାମୁଣ୍ଡକୁ ପୋଲିସ ଜବତ କରିଥିବାବେଳେ ପୋଲିସ ନିଜଆଡ଼ୁ ଥାନାର ଏଏସଆଇ ଲରେନ୍ସ କୁଜୁରୁଙ୍କ ଅଭିଯୋଗ କ୍ରମେ ଥାନାର କେସ ନମ୍ବର ୨୦୮/୨୫ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଛନ୍ତି । ସୂଚନା ଥାଉକି ଉକ୍ତ ପର୍ବ ପାଇଁ ନିକଟରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତହସିଲଦାରଙ୍କ ସଭାପତିତ୍ୱରେ ଶାନ୍ତି କମିଟି ବୈଠକରେ ବିଭିନ୍ନ କଥା ଆଲୋଚନା ହୋଇଥିଲା । ଯଦି କିଛି ପଶୁଙ୍କୁ କୁର୍ବାନି କରାଯାଏ ତାହା ସଂପୂର୍ଣ୍ଣ ଗୋପନୀୟରେ କରାଯିବ ଏବଂ ବର୍ଜ୍ୟବସ୍ତୁକୁ ତୁରନ୍ତ ନଷ୍ଟ କରାଯିବା ସହ ପୋତିଦେବାକୁ ପରାମର୍ଶ ଦିଆଯାଇଥିଲା । ତେବେ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ପରେ ଏବଂ ବିଭିନ୍ନ ଛକବସ୍ତିରେ ପୋଲିସ ମୃତୟନ ଥିବାବେଳେ କେମିତି କଟା ଗୋରୁମୁଣ୍ଡ ବାହାରେ ରାସ୍ତା କଡ଼ରେ ପଡିଲା ତାହାକୁ ନେଇ ବଡ ପ୍ରଶ୍ନ ଉଠିଛି । ଅପରପକ୍ଷେ ପ୍ରଶାସନ ତରଫରୁ ତାଗିଦ୍ ପରେ ଏପରି ଘଟଣାକୁ ବିଭନ୍ନ ମହଲରୁ ନିନ୍ଦା କରାଯାଇଛି । ତେବେ ପୋଲିସ ଉକ୍ତ ଘଟଣାରେ ନଜର ରଖିଛି ବୋଲି ଥାନା ଅଧିକାରି ଶ୍ରୀ ଜେନା କହିଚନ୍ତି ।

## ଯୁବତୀଙ୍କ ମୃତଦେହ ଉଦ୍ଧାର: ଚକ୍ଷୁଦାନ କଲେ ପରିବାର

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ପୁଲିସ ସୋମବାର ସକାଳେ ଜଣେ ଯୁବତୀଙ୍କ ମୃତଦେହ ଜବତ କରିଛି । ମୃତକା ଜଣଙ୍କ ହେଲେ ହିଞ୍ଜିଳି ଥାନା ତଥା ସ୍ଥାନୀୟ ପୌରାଞ୍ଚଳ ଗୋପବନ୍ଧୁମାର୍ଗ ଅଞ୍ଚଳର ବର୍ଷା ବେହେରା (୨୦) । ଏ ନେଇ ହିଞ୍ଜିଳି ଥାନାରେ କେସ ନମ୍ବର ୧୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଯାଇଛି । ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିନାହିଁ । ବ୍ୟବଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ରହସ୍ୟ ଜଣାପଡିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି । ପ୍ରକାଶ ଯେ, ଯୁବତୀ ଜଣଙ୍କ ରବିବାର ରାତ୍ର ଭୋଜନ ସାରି ହୋଇପଡ଼ିଥିଲେ । ସୋମବାର ସକାଳେ ଉଠି ଘରର କାମ କରୁଥିବା ବେଳେ ହଠାତ୍ ରକ୍ତ ବାନ୍ତି କରିଥିଲେ । ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଯୁବତୀଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ନେଇ ମୃତ ଯୁବତୀଙ୍କ ବାପା ମହେଶ୍ୱର ବେହେରା ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି । ଖବରପାଇ ହିଞ୍ଜିଳି ପୁଲିସ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ମୃତଦେହକୁ ଜବତ କରିଥିଲା । ପରିବାର ଲୋକେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ମୃତ ଯୁବତୀଙ୍କ ଚକ୍ଷୁଦାନ କରିଥିବା ପୁଲିସ ସୂତ୍ରରୁ ପ୍ରକାଶ ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଗୋପ ଘେରାଉ

### ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା ପାଇଁ ଦାବିପତ୍ର




କୋଣାର୍କ(ନିପ୍ର): ରାଜ୍ୟରେ ପ୍ରଥମକରି ବିଜେପି ସରକାର ଶାସନ ବ୍ୟବସ୍ଥାକୁ ଆସିବା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛନ୍ତି । ସେଥିପାଇଁ ସକାଳ ୧୧ଟା ସମୟରେ ଗୋପ ଶାଖା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଶତାଧିକ କର୍ମୀଙ୍କ ହାତରେ ଲାଲ ପତାକା ଧରି ଗୋପ ବ୍ଲକ ଅଭିମୁଖେ ବାହାରିଥିଲେ । ଗୋପ ମହାଦେବ ମନ୍ଦିରଠାରୁ ଏକ ଶୋଭାଯାତ୍ରା କରି ବିଭିନ୍ନ ସ୍ଲୋଗାନ ଦେଇ ଗୋପ ବ୍ଲକ ସାମ୍ନାରେ ଧାରଣା ଦେଇଥିଲେ । ପ୍ରସନ୍ନ କୁମାର ଦାସ, ଗୋପ ଜୋନାଲ ସମ୍ପାଦକ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏହାର ନେତୃତ୍ୱ ନେଇଥିଲେ । ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡରେ ଏକକ ବ୍ୟବସ୍ଥା ପ୍ରହାରକରି ପରିବାରର ମୁଖ୍ୟଙ୍କ ସହିତ ସମସ୍ତ ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରାଯାଉ । ଏଥିରେ କେତେକ ବୈଷୟିକ ତ୍ରୁଟି ରହିଥିବାରୁ ଏହାର ସରଳୀକରଣ ହେବା ପର୍ଯ୍ୟନ୍ତ ବିଜୁ ସ୍ୱାସ୍ଥ୍ୟ କାର୍ଡକୁ ପ୍ରଚଳନ କରାଯାଉ । ରାସନ କାର୍ଡରୁ ବାଦ ପଡ଼ିଥିବା ସମସ୍ତ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯାଉ । ବାଦ ପଡ଼ିଥିବା ପରିବାର ସହସ୍ୟଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଉ । ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ପ୍ରତ୍ୟେକ ବିଦ୍ୟୁତ୍ ଗ୍ରାହକଙ୍କୁ ୩୦୦ ୟୁନିଟ୍ ବିଜୁଳି ଦେୟ ଛାଡ଼ କର । ଓଡ଼ିଶାରେ ବିଦ୍ୟୁତ୍ ସେବା କ୍ଷେତ୍ରରେ ଟାଟା କମ୍ପାନୀ ସହିତ ହୋଇଥିବା ଚୁକ୍ତିନାମା ବାତିଲ କର । ବିଦ୍ୟୁତ ଗ୍ରାହକମାନଙ୍କ ଉପରେ ଟାଟା କମ୍ପାନୀର ଜୁଲୁମ୍ ବନ୍ଦ କର । ସ୍ମାର୍ଟ ମିଟର ବସାଇବା ବନ୍ଦ କର । ସମସ୍ତ ଚାଷୀଙ୍କ ଉପରୁ କୃଷି ଋଣ ଛାଡ଼ କର । ୬୦ ବର୍ଷରୁ ଉର୍ଦ୍ଧ୍ୱ ଚାଷୀ, ମୂଲିଆଙ୍କୁ ୬ହଜାର ଟଙ୍କା ପେନସନ ଲାଗୁ କର । ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କର । କୃଷି କ୍ଷେତ୍ରରେ ବିନିଯୋଗ ପାଇଁ ଆଇନ ପ୍ରଣୟନ କର । ଏହି ଯୋଜନାରେ ବ୍ୟବହୃତ ଯାନ୍ତ୍ରିକ ବ୍ୟବସ୍ଥା ବନ୍ଦକର । କୋଣାର୍କ ଓ ଗୋପ ଅଞ୍ଚଳର ଥିବା ଜମିଜମା ସମସ୍ୟାର ସମାଧାନ ତୁରନ୍ତ କର । ଉତ୍ପାଦିତ ଫସଲ ସୁରକ୍ଷିତ ପାଇଁ ଗୋପ ବ୍ଲକରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା କର । ସମବାୟ ବ୍ୟାଙ୍କମାନଙ୍କରୁ ପାନଚାଷୀମାନଙ୍କୁ ପାନଚାଷ ଋଣ ବିନା ସୁଧରେ ପ୍ରଦାନ ପାଇଁ ଆଇନ କର ଏବଂ ଫସଲ ବୀମା ପରି ପାନଚାଷ ବୀମା ପ୍ରଣୟନ କର । ବାର୍ଦ୍ଧକ୍ୟ, ବିଧବା ଭତ୍ତା ସମସ୍ତ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଲେଖାଏଁ ପ୍ରଦାନ କର । ଦଳିତ ଭୂମିହୀନମାନଙ୍କୁ ଘରଡ଼ିହ ପଟ୍ଟା ଯୋଗାଇଦିଅ । ଶେଷରେ ଗୋପ ବ୍ଲକ ବିଡ଼ିଓ ଛବିରାଣୀ ସାହୁଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ଦୁର୍ନୀତିରେ ଉବୁଟୁବୁ ବିଇଏମସି: ଭିଜିଲାନ୍ସ ତଦନ୍ତ ଦାବି

ବ୍ରହ୍ମପୁର(ନିପ୍ର): ବ୍ରହ୍ମପୁର ମହାନଗର ନିଗମ ବିରୋଧରେ ଜନ ଆକ୍ରୋଶ ବୃଦ୍ଧି ପାଇବାରେ ଲାଗିଛି । ସହର ସମସ୍ୟାର ସମାଧାନ ପାଇଁ ପ୍ରତିବର୍ଷ ଶହ ଶହ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ବି ବ୍ରହ୍ମପୁରବାସୀ ଆଜିପର୍ଯ୍ୟନ୍ତ ମୌଳିକ ସୁବିଧାଟିଏ ମଧ ପାଇପାରୁ ନାହାଁନ୍ତି । ଦୀର୍ଘ ବର୍ଷ ଧରି ବିଭିନ୍ନ ସମସ୍ୟା ଘେରରେ ରେଶମ ସହର ରହିଛି । ଏ ବାବଦରେ ବିଭିନ୍ନ ଉପାୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଲୋକେ କିନ୍ତୁ ଏହାର ସୁଫଳ ପାଇପାରୁ ନାହାନ୍ତି । ସମସ୍ୟାର ସମାଧାନ ଦିଗରେ ବିଇଏମସି କାର୍ଯ୍ୟ କରିବାରେ ବିଫଳ ହୋଇଥିବା ଜଣାପଡିଛି । ମହାନଗର ନିଗମ ଦ୍ୱାରା ହେଉଥିବା ବିଭିନ୍ନ କାମରେ ଦୁର୍ନୀତି ଓ ଅନିୟମିତତା ହୋଇଥିବା ଖବର ସାମ୍ନାକୁ ଆସୁଛି । ସାଧାରଣ ଲୋକଙ୍କ ସ୍ୱାର୍ଥ ବଦଳରେ ନିଜ ସ୍ୱାର୍ଥରେ ମହାନଗର ନିଗମ କର୍ତ୍ତୃପକ୍ଷ ବୁଡି ରହିଥିବା କୁହାଯାଉଛି । ଏନେଇ ସହରରେ ବିଇଏମସି ପକ୍ଷରୁ ପୂର୍ବରୁ ହୋଇଥିବା ଏବଂ




ବର୍ତ୍ତମାନ ଜାରି ରହିଥିବା ବିଭିନ୍ନ କାର୍ଯ୍ୟର ସଠିକ୍ ତଦନ୍ତ କରାଯିବା ସହ ଦୁର୍ନୀତି ଅଭିଯୋଗକୁ ଭିତ୍ତିକରି ଏସବୁର ଭିଜିଲାନ୍ସ ତଦନ୍ତ କରିବାକୁ ବରିଷ୍ଠ ବିଜେପି ନେତା ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଦାବି କରିଛନ୍ତି । ସେ କହିଛନ୍ତି, ବ୍ରହ୍ମପୁର ସହରରେ ରାସ୍ତା, ଡ୍ରେନ୍, ପରିମଳ ସମସ୍ୟା ନ କହିବା ଭଲ । ଏ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ମହାନଗର ନିଗମ କହୁଥିବା ବେଳେ ଲୋକେ ଏହାର ସୁଫଳ ପାଇପାରୁ ନାହାନ୍ତି । ସାମାନ୍ୟ ବର୍ଷା ହେଲେ ସହରରେ କୃତିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ତଳିଆ ଅଞ୍ଚଳଗୁଡିକର ଅବସ୍ଥା ନ କହିବା ଭଲ । ସଠିକ୍ ଭାବେ ନାଳ ନର୍ଦ୍ଦମାଗୁଡିକ ନିୟମିତ ସଫେଇ ହେଉନଥିବାରୁ ବର୍ଷା ଜଳ ସଠିକ୍ ଭାବେ ନିଷ୍କାସନ ନହୋଇ ନାଳ ପାଣି ଲୋକଙ୍କ ଘରେ ପଶୁଛି । ସେହିପରି ମଶାମରା ନାଁରେ ତେଲ କିଣା, ଜଳଛତ୍ର, ସୌନ୍ଦର୍ଯ୍ୟକାରଣ ନାଁରେ କାନ୍ଥରେ ଚିତ୍ର ଆଙ୍କିବା, ପରିମଳ ବ୍ୟବସ୍ଥା, ସହର ଭିତ୍ତିଭୂମିର ବିକାଶ ନାଁରେ ଦୀର୍ଘବର୍ଷ ଧରି ଯେଉଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, ସେଥିରେ ଦୁର୍ନୀତି ଓ ହରିଲୁଟ୍ ହେଉଥିବା ଅଭିଯୋଗ ହୋଇଆସୁଛି । ସେହିପରି ମହାନଗର ନିଗମର ଅନେକଗୁଡିଏ ପ୍ରକଳ୍ପ ଯଥା- ୱାଟର ଏଟିଏମ୍, ସିଟି ୱାଇ-ଫାଇ ଭଳି ଯୋଜନା ସମ୍ପୂର୍ଣ୍ଣ ଫେଲ୍ ମାରିଛି କହିଲେ ଭୁଲ୍ ହେବନି । ଅନ୍ୟପଟେ ସହରର ବିଭିନ୍ନ ସ୍ଥାନରେ ଥିବା ସୌନ୍ଦର୍ଯ୍ୟକାରଣ ସ୍ଥାନ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏସବୁ ଅବ୍ୟବସ୍ଥା ଭିତରେ ରହିଥିବା ଦେଖାଦେଇଛି । କୋଟି କୋଟି ଟଙ୍କା ବିଇଏମସି ଖର୍ଚ୍ଚ କରୁଥିଲେ ବି କାହିଁକି ଏସବୁ ସମସ୍ୟାର ସମାଧାନ ହେଉନାହିଁ, ତାକୁ ନେଇ ପ୍ରଶ୍ନ ଉଠାଇବା ସହ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଖର୍ଚ୍ଚ ହେଉଥିବା ଟଙ୍କାର ଭିଜିଲାନ୍ସ ତଦନ୍ତ କରିବାକୁ ବରିଷ୍ଠ ଭାଜପା ନେତା ଶ୍ରୀ ପତି ଦାବି କରିଛନ୍ତି ।

# ବାରବାଟୀରେ ହେବ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦



**କଟକ,୯।୬(ନିପ୍ର):** ବାରବାଟୀକୁ ପୁଣି ଫେରିଛି ଟି-୨୦। ଆସନ୍ତା ଡିସେମ୍ବର ୯ ତାରିଖରେ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ। ଏ ନେଇ ବିସିସିଆଇ ପୂର୍ବରୁ ଓସିଏ ସୂଚନା ଦେଇ ସାରିଥିବା ବେଳେ ବିଧିବଦ୍ଧ ଭାବେ ଖେଳସୂଚୀ ପ୍ରକାଶ କରିଛି। ଆସନ୍ତା ନଭେମ୍ବର ମାସରୁ ଦକ୍ଷିଣ ଆଫ୍ରିକା ଟିମ ଭାରତ ଭ୍ରମଣରେ ଆସିବାକୁ ଥିବା ବେଳେ ଏହି ଗସ୍ତରେ ଉଭୟ ଟିମ ମଧ୍ୟରେ ଦୁଇଟି ଟେଷ୍ଟ, ତିନୋଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ ବିଶିଷ୍ଟ ଏକ ସିରିଜ ଖେଳାଯିବ। ତେବେ ଏହି ଟି ୨୦ ସିରିଜ ମଧ୍ୟରୁ ପ୍ରଥମ ମ୍ୟାଚଟି ବାରବାଟୀରେ ଖେଳାଯିବ। ସୂଚନାଯୋଗ୍ୟ, ବାରବାଟୀକୁ ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରାଇବା ପାଇଁ ଓସିଏ ପକ୍ଷରୁ ବିସିସିଆଇକୁ ନିବେଦନ କରାଯାଇଥିଲା। ଗତ ଫେବୃଆରୀ ୯ ତାରିଖରେ ଭାରତ-ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ସଫଳତାର ସହିତ ଶେଷ ହୋଇଥିଲା।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀବଳଦେବ ଜୀଉ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପରେ ଜିଲ୍ଲା ରାଜସ୍ୱ ରଥ ଓ କୃଷି ରଥର ଶୁଭାରମ୍ଭ କରିଛନ୍ତି (ଫଟୋ- ଦିନଲିପି)

# ରଥଯାତ୍ରା ପରଚାଳନା ବୈଠକ: ଅଧ୍ୟକ୍ଷତା କଲେ ଆଇନ ମନ୍ତ୍ରୀ

## ସ୍ନାନ ପୂର୍ଣ୍ଣିମା ଦିନ ଭୋର ୪:୩୦ରୁ ନୀତି ଆରମ୍ଭ ହେବ

**ଭୁବନେଶ୍ୱର/ପୁରୀ, ୯/୬(ନିପ୍ର):** ପୁରୀ ପୌରସଦନ (ଟାଉନ ହଲ) ଠାରେ ଆୟୋଜିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା ପରିଚ୍ଚାଳନା ପାଇଁ ଦ୍ୱିତୀୟ ସମନ୍ୱୟ କମିଟି ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରି ରଥ ନିର୍ମାଣ ଅଗ୍ରଗତି,ରାସ୍ତାଘାଟ ମରାମତି, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଆଇନ ଶୃଙ୍ଖଳା ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଟ୍ରାଫିକ କଟକଣା ଏବଂ ଯୋଗାଯୋଗ ବ୍ୟବସ୍ଥା ଇତ୍ୟାଦି ପ୍ରସଙ୍ଗରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସେବାୟତ ବୃନ୍ଦ, ରଥଯାତ୍ରା ସମନ୍ୱୟ କମିଟି ଏବଂ ପୁରୀ ସହରର ବରିଷ୍ଠ ନାଗରିକମାନଙ୍କ ସହ ଆଲୋଚନା କରି ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଏହାସହିତ ଶ୍ରଦ୍ଧାଳୁଙ୍କ ସମାଗମ ଆଶଙ୍କା କରାଯାଉଥିବାରୁ ପାନୀୟଜଳ, ଶୌଚାଳୟ, ରହଣି ସୁବିଧା, ଅପରାଧ ଦମନ, ଭିଡ଼ ନିୟନ୍ତ୍ରଣ, ଠାକୁରଙ୍କ ଶୃଙ୍ଖଳିତ ଦର୍ଶନ, ଉଚିତ୍ ମୂଲ୍ୟରେ ମହାପ୍ରସାଦ ଉପଲବ୍ଧ କରିବା, ବସ ଓ ଟ୍ରେନ୍ ଯାତ୍ରାକୁ ସହଜ ଓ ସୁଗମ କରିବା, ସଫେଇ, ଉତ୍ତମମାନର ଖାଦ୍ୟ ବିକ୍ରି, ଶ୍ରଦ୍ଧାଳୁଙ୍କ ସୁରକ୍ଷା ଏବଂ ସର୍ବୋପରି ରଥଯାତ୍ରାରେ ନୀତିନିର୍ଘଣ୍ଟ ଓ ନୀତିକାନ୍ତି ଉପରେ ଆଲୋଚନା ହୋଇଥିଲା। ସ୍ନାନ ପୂର୍ଣ୍ଣିମା ଦିନ ଭୋର ୪:୩୦ ରୁ ଶ୍ରୀବିଗ୍ରହମାନଙ୍କ ନୀତି ଆରମ୍ଭ ହେବ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସୂତ୍ରରୁ ପ୍ରକାଶ ଯେ, ସୋମବାର ରାତିରୁ ମହାପ୍ରଭୁଙ୍କ ଦର୍ଶନ ମଙ୍ଗଳବାର ଆଳତୀ ପହୁଡ଼ ପର୍ଯ୍ୟନ୍ତ ବନ୍ଦ ରହିବ। କାରଣ ଦଇତାପତି ସେବାୟତମାନେ ଶ୍ରୀବିଗ୍ରହ ମାନଙ୍କରେ ସେନାପଟାଲାଗି କରିବେ। ଏବଂ ବାହୁଟ ମଧ୍ୟ ମହାପ୍ରଭୁ ଜଗନ୍ନାଥଙ୍କଠାରେ ସଂଯୋଜିତ କରିବେ। ଏହି କାର୍ଯ୍ୟକ୍ରମ ଅବସରରେ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଓ ବୈଦ୍ୟୁତିକ ଓ ସୂଚ଼ନା ବୈଷୟିକ ବିଭାଗର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଜେନା, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା,କ୍ରୀଡ଼ା ଓ ଯୁବ ପ୍ରମୁଖ ଉପସ୍ଥିତ ଥିଲେ।

## ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟବିଭାଗ ପ୍ରସ୍ତୁତ

ଭୁବନେଶ୍ୱର, ୯/୬: ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ରଥଯାତ୍ରା ପାଇଁ ୩୦୦ ଡାକ୍ତର ନିୟୋଜିତ ହେବେ । ଅସ୍ଥାୟୀ ବର୍ଣ୍ଣ ୟୁନିଟ୍, ଆଇସିୟୁ ହୋଇଛି । କୋଭିଡ ପାଇଁ ଆଡଭାଇଜରୀ ମାନନ୍ତୁ । ଅସୁସ୍ଥ ଥିଲେ ଭିଡ଼କୁ ଆସନ୍ତୁ ନାହିଁ, ମାସ୍କ ବ୍ୟବହାର କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ।

# ବାର୍‌ହାକୁ ମାରି ବିକ୍ରି ଉଦ୍ୟମ ପଣ୍ଡ

**ପାରାଦୀପ,୯।୬(ନିପ୍ର):** ପାରାଦୀପ ଇଫ୍‌କୋ ସାର କାରଖାନା ପଛପଟ ମୂଷାଡିଆ ଗ୍ରାମରେ ଏକ ବାରହାକୁ ମାରି ବିକ୍ରି କରିବାକୁ ଯୋଜନା ପଣ୍ଡ ହୋଇଛି । ବାରହାକୁ ମାରି କିଏ କେତେ କିଲୋ ମାଂସ ନେବେ ସେଥି ପାଇଁ ଟଙ୍କା ଦିଆ ନିଆ ବି ସରିଥିଲା । ବାରହାକୁ ମାରିବା ପୂର୍ବରୁ ଖବର ପାଇ ବାରହାକୁ ଉଦ୍ଧାର କରିଛନ୍ତି କୁଜଙ୍ଗ ବନଖଣ୍ଡ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡେଇ ଓ ଫରେଷ୍ଟ ଗାର୍ଡ ନିରଂଜନ ମଣ୍ଡଳ। ଘଟଣାରୁ ପ୍ରକାଶଯେ, ଇଫ୍‌କୋ ସାର କାରଖାନା ପଛପଟେ ଥିବା ଜଙ୍ଗଲରେ ବହୁ ଜଙ୍ଗଲୀ ଜୀବଜନ୍ତୁଙ୍କ ସମେତ ବାରହା ମଧ ରହୁଛନ୍ତି । ସେଥିମଧ୍ୟରୁ ଏକ ବାରହା ଏକ ଖାଲରେ ପଡିଯାଇଥିଲା । କିଛିଲୋକ ଏହାକୁ ଉଦ୍ଧାର କରି ତାର ଗୋଡକୁ ବାନ୍ଧି ନେଇ ଯାଇଥିଲେ । ବାରହାକୁ ଜଙ୍ଗଲରେ ଛାଡିବା ପରିବର୍ତ୍ତେ ବାରହାକୁ ମାରି ତାର ମାଂସକୁ କିଲୋ ପିଛା ୩୦୦ଟଙ୍କାରେ ବିକ୍ରି କରିବାକୁ ଗ୍ରାହକମାନଙ୍କଠାରୁ ଅଗ୍ରୀମ ଟଙ୍କା ଆଦାୟ କରିଥିଲେ । ବାରହାଟିର ଓଜନ ପ୍ରାୟ ୮୫ରୁ ୯୦ କିଲୋ ମଧରେ ହେବ ବୋଲି ଜଣାପଡିଛି । ରାତାରାତି ବାର୍‌ହାକୁ ମାରି ତାର ମାଂସ ପଇସା ଦେଇଥିବା ଲୋକ ଘରେ ପହଞ୍ଚେଇ ଦେବା ପାଇଁ ଯୋଜନା ହୋଇଥିଲା। ହେଲେ କୁଜଙ୍ଗ ବନଖଣ୍ଡ ଅଧିକାରୀ ପହଞ୍ଚିବା ପରେ ସବୁ ଯୋଜନା ଫସର ଫାଟିଯାଇଥିଲା । ବନଖଣ୍ଡ ଅଧିକାରୀ ପହଞ୍ଚି ବାରହାର ଗୋଡ ଖୋଲି ଦେବା ପରେ ସେ ଦୌଡିକି ଜଙ୍ଗଲ ମଧକୁ ଚାଲି ଯାଇଥିଲା ।

# ମେଡିସିନ ଷ୍ଟୋରରେ ଡ୍ରଗ୍ସ କଣ୍ଟ୍ରୋଲ ପକ୍ଷରୁ ଚଢ଼ଉ

**ଭୁବନେଶ୍ୱର, ୯/୬(ନିପ୍ର):** ନୟାପଲି ଅଂଚଳରେ ଥିବା ମେଡ଼ିସିନ ଷ୍ଟୋରରେ ଡ୍ରଗ୍ସ କଣ୍ଟ୍ରୋଲ ପକ୍ଷରୁ ଚଢାଉ ହୋଇଛି । ଚଢ଼ାଉରେ ସାମିଲ ଅଛନ୍ତି ଡ୍ରଗ୍ସ କଣ୍ଟ୍ରୋଲ ଅଧିକାରୀ। ନୟାପଲିରେ ଥିବା ରୋଜ ମେଡ଼ିସିନ ଷ୍ଟୋରରେ ଚାଲିଥିଲା ଚଢ଼ାଉ । ଭ୍ରୁଣ ହତ୍ୟା ଔଷଧ ମିଳୁଛି ତାହାକୁ ନେଇ ମହିଳା ଗର୍ଭପାତ କରୁଥିବା ଅଭିଯୋଗ ଆସିବା ପରେ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଔଷଧ ଦୋକାନ ଉପରେ ଚଢାଉ କରିଥିଲା। ବେଆଇନ ଭାବରେ ଭ୍ରୂଣ ହତ୍ୟା ଔଷଧ ବିକ୍ରୟ ବିଭିନ୍ନ ସ୍ଥାନରେ ଚାଲିଥିଲା ବୋଲି କୁହାଯାଉଛି।

# ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୯/୬(ନିପ୍ର):** ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜନ୍ମ ଜୟନ୍ତୀରେ ବିଜେଡି ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଅବସରରେ ବିଜେଡି ନେତା ସଞ୍ଜୟ ଦାସବର୍ମା କହିଛନ୍ତି ଓଡ଼ିଆ ଜାତି ପାଇଁ ଆଜି ଏକ ପବିତ୍ର ଦିନ । ଓଡ଼ିଶାର ଶାସନକୁ ନୂଆ ଦିଗଦର୍ଶନ ଦେଇଥିଲେ । ଓଡ଼ିଆ ଭାଷା ଏବଂ ସଂସ୍କୃତିକୁ ଆଗକୁ ନେବାରେ ତାଙ୍କର ଅନେକ ଅବଦାନ ଥିଲା । ତାଙ୍କର ଚିନ୍ତା ଏବଂ ଚେତନା ଓଡ଼ିଆ ଜାତିକୁ ସର୍ବଦା ପ୍ରେରଣା ଦେଇଥାଉ । ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି କଂଗ୍ରେସ ଦଳ ଏବଂ ଓଡିଶା ପାଇଁ ଅନେକ କାର୍ଯ୍ୟ କରିଥିଲେ ନନ୍ଦିନୀ ଶତପଥୀ । ମୁଁ ମନ୍ତ୍ରୀ ଥିବା ବେଳେ ତାଙ୍କୁ ଅନେକ ଥର ସାକ୍ଷାତ କରିଛି ଆଲୋଚନା କରିଛି । ସିଏ ଜଣେ ଶକ୍ତିଶାଳୀ ମହିଳା ଥିଲେ । ଏହି ଅବସରରେ ତଥାଗତ ଶଥପଥୀ କହିଛନ୍ତି ଯେଉଁମାନେ ରାଜନୈତିକ ନେତୃତ୍ୱ ନେଉଛନ୍ତି ସେମାନେ ନୁହେଁ ଯେଉଁମାନେ ସାମାଜିକ ନେତୃତ୍ୱ ନେଉଛନ୍ତି ମୋର ବନ୍ଧୁବର୍ଗ ସମସ୍ତେ ଏକାଠି ହୋଇ ନନ୍ଦିନୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛୁ । ଓଡ଼ିଶାରେ ଏକ ନୂଆ ରୂପ ଆରମ୍ଭ ହେଉ ବୋଲି ଆମେ ଆଶା ରଖିଛୁ ।

# ଆଜି ବିଜେଡିର ରାଜ୍ୟସ୍ତରୀୟ କର୍ମକର୍ତ୍ତା ବୈଠକ

**ଭୁବନେଶ୍ୱର, ୯/୬(ନିପ୍ର):** ଆଜି ସକାଳ ୧୧ ଟାରେ ଶଙ୍ଖ ଭବନରେ ବିଜେଡିର ରାଜ୍ୟସ୍ତରୀୟ କର୍ମକର୍ତ୍ତା ବୈଠକ ବସିବ । ଏହାର ଅଧ୍ୟକ୍ଷତା କରିବେ ବିରୋଧୀ ଦଳ ନେତା ତଥା ଦଳୀୟ ସଭାପତି ନବୀନ ପଟ୍ଟନାୟକ । ବିଜେପିର ଏକ ବର୍ଷ ବିଫଳତାର ବର୍ଷ । ସେ ନେଇ ଆଲୋଚନା ହେବ ।

# ମହିଳାଙ୍କୁ ଯୌତୁକ ହତ୍ୟା ଅଭିଯୋଗ

**ନିରାକାରପୁର,୯/୬(ନିପ୍ର):** ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ରତାମାଟି ଗ୍ରାମର ନିଧି ପ୍ରଧାନଙ୍କ ଝିଅ ମାନସୀ ପ୍ରଧାନଙ୍କୁ ସୋମବାର ଶ୍ୱଶୁର ବାଡେଇ ମାରି ଦେଇଥିବା ଅଭିଯୋଗ ହୋଇଥିବା ଜଣାପଡିଛି। ସୂଚନାରୁ ଜଣାପଡିଛି ମାନସୀ ପ୍ରଧାନ ବେଗୁନିଆ ଥାନା ଦଲକ ଗ୍ରାମର ଅମର ବଳିୟାରସିଂହଙ୍କୁ ୨୦୨୩ରେ ବୈଦିକ ରୀତିରେ ବିବାହ କରିଥିଲେ। ମାନସୀର ୯ ମାସର ଏକ କନ୍ୟା ସନ୍ତାନ ଅଛି। ମାନସୀକୁ ତାର ସ୍ୱାମୀ, ଶାଶୁ ଶ୍ୱଶୁର ଯୌତୁକ ଜନିତ ନିର୍ଯାତନା ସହିତ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଇ ଆସୁଥିଲେ। ଏନେଇ ଦୁଇ ପରିବାର ମଧ୍ୟରେ ଅନେକ ଥର ଆପୋଷ ସମାଧାନ କରାଯାଇଥିଲା। ଗତକାଲି ରାତିରେ ମାନସୀକୁ ଶାଶୁଘର ଲୋକେ ବାଡେଇ ବାଡେଇ ମାରିଦେଇଥିବା ମୃତକର ଭାଇ ବେଗୁନିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଶବ ଜବତ କରିଛି ଏବଂ ମୃତକର ସ୍ୱାମୀ ଅମର ବଳିୟାରସିଂହକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ମୃତକର ଶାଶୁ, ଶ୍ୱଶୁର ଓ ପରିବାରର ଅନ୍ୟ ସଦସ୍ୟମାନେ ଫେରାର ଅଛନ୍ତି। ସାଇଣ୍ଟିଫିକ ଟିମ ପହଞ୍ଚି ଖୋଳତାଡ ଆରମ୍ଭ କରିଛି।



ଭୁବନେଶ୍ୱର: ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶ୍ରାଦ୍ଧଦିବସ ଅବସରରେ ଶହୀଦ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି (ଫଟୋ- ଦିନଲିପି)

# ପୁରୀ ଜିଲ୍ଲାରେ ବେଧଡ଼କ ଚାଲିଛି ଜାଲ୍ କମ୍ପ୍ୟୁଟର ସଂସ୍ଥା !

## ବେଆଇନ ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

**ପୁରୀ, ୯/୬(ନିପ୍ର):** ପୁରୀ ଜିଲ୍ଲାରେ ଶତାଧିକ କମ୍ପୁ୍ୟଟର ଇନ୍‌ଷ୍ଟିଚ୍ୟୁଟ୍ ବେଆଇନ ଭାବେ ପ୍ରଶିକ୍ଷଣ ଦେବା ସହ ସାର୍ଟିଫିକେଟ୍ ପ୍ରଦାନ କରୁଥିବା ନେଇ ଅଭିଯୋଗ ଆସିଛି। ଜିଲ୍ଲାରେ ଛାତ୍ରଛାତ୍ରୀମାନଙ୍କୁ କମ୍ପ୍ୟୁଟର ଶିକ୍ଷା ଦେବା ନାମରେ ଏହି ଜାଲ ସଂସ୍ଥାଗୁଡିକ ଖୋଲାଯାଇ ବେଆଇନ ଭାବେ ସାର୍ଟିଫିକେଟ ଦେବା ଜାରି ରଖିଛନ୍ତି । ସମ୍ପୃକ୍ତ ସଂସ୍ଥାଗୁଡିକ ରାଜ୍ୟ କିମ୍ୱା କେନ୍ଦ୍ର ସରକାରଙ୍କ ବିନା ଅନୁମୋଦନରେ ବିଭିନ୍ନ କମ୍ପ୍ୟୁଟର ଡିଗ୍ରୀ ଓ ଡିପ୍ଲୋମା ଦେବା ସହ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ସହ ଖେଳୁଥିବା ନଜରକୁ ଆସିଛି। ଜିଲ୍ଲାରେ ହୋଇଥିବା ଏକ ଆକଳନ ଅନୁଯାୟୀ ପୁରୀ ଜିଲ୍ଲା ସ୍ତରରେ ୮୦ଟି କମ୍ପ୍ୟୁଟର ପ୍ରଶିକ୍ଷଣ ସଂସ୍ଥା ବିନା କାଗଜପତ୍ରରେ ଚାଲୁଥିବା ଜଣାପଡିଛି। କେବଳ ପୁରୀ ପୌରସଂସ୍ଥା ଓ ସଦର ପରିସୀମାରେ ୩୦ରୁ ଊର୍ଦ୍ଧ୍ୱ ସଂସ୍ଥା ମନମୁଖୀ ଭାବେ କେନ୍ଦ୍ର ସ୍ଥାପନ ସହ ଛାତଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ସହ ଡିଗ୍ରୀ ଓ ଡିପ୍ଲୋମା ପ୍ରଦାନ କରୁଛନ୍ତି। ନିୟମ ଅନୁଯାୟୀ କୌଣସି କମ୍ପ୍ୟୁଟର ପ୍ରଶିକ୍ଷଣ ସଂସ୍ଥା କୌଣସି ବିଶ୍ୱବିଦ୍ୟାଳୟରୁ ଅନୁବନ୍ଧିତ ହୋଇ ପ୍ରଶିକ୍ଷଣ କିମ୍ୱା ସାର୍ଟିଫିକେଟ ଦେଇପାରିବ ନାହିଁ। କେନ୍ଦ୍ର ସରକାରଙ୍କ ଆଇଟି ବିଭାଗ ଅନ୍ତର୍ଗତ ନାଇଲେଟ ଓ ଓଡ଼ିଶା ସରକାରଙ୍କ ତରଫରୁ ଓକେସିଏଲ ସ୍ୱୀକୃତି ପ୍ରାପ୍ତ ସଂସ୍ଥା କେବଳ କମ୍ପ୍ୟୁଟର ପ୍ରଶିକ୍ଷଣ ଦେଇପାରିବ। ଏଣୁ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି, ପୁରୀ ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ନାଇଲେଟ ଓ ଓଡିଶା ସରକାରଙ୍କ ତରଫରୁ ଓକେସିଏଲ ପକ୍ଷରୁ ଅନୁବନ୍ଧିତ ହୋଇଥିବାର ଗୋଟିଏ ମାତ୍ର ସଂସ୍ଥା ପୁରୀର ସାମସଫ୍ଟ କମ୍ପ୍ୟୁଟର ରହିଛି। ସେହିପରି ପୁରୀ ସହରରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଓକେସିଏଲ ସ୍ୱୀକୃତି ପାଇଥିବା ମାତ୍ର ୭ଟି ସଂସ୍ଥା ରହିଛି। ଅତଏବ କମ୍ପ୍ୟୁଟର ପ୍ରଶିକ୍ଷଣ ଦେବା ନାମରେ ଗଢିଉଠିଥିବା ଅନ୍ୟ ସଂସ୍ଥାଗୁଡ଼ିକର କୌଣସି ସ୍ୱୀକୃତି ନାହିଁ ଓ ସେମାନେ ଛାତଛାତ୍ରୀମାନଙ୍କୁ କୌଣସି ଟ୍ରେନିଂ କିମ୍ବା ବୈଷୟିକ ଶିକ୍ଷା ଦେଇପାରିବ ନାହିଁ। କିନ୍ତୁ ପରିତାପର ବିଷୟ ଯେ ଜିଲ୍ଲାରେ ବିଭିନ୍ନ ନାମଧାରୀ ଓ ଅଣସ୍ୱୀକୃତିପ୍ରାପ୍ତ ୮୦ରୁ ଊର୍ଦ୍ଧ୍ୱ ସଂସ୍ଥା କିଭଳି ଉପାୟରେ ଏହି ଟ୍ରେନିଂ ଓ ବୈଷୟିକ ଶିକ୍ଷା ପ୍ରଦାନ କରୁଛନ୍ତି ତାହା ଅନୁଧ୍ୟାନର ବିଷୟ ।

# ବାଇକ ଚୋରି ଅଭିଯୋଗରେ ୩ ଗିରଫ

**କଟକ,୯/୬(ନିପ୍ର):** ବାଇକ ଚୋରି ଅଭିଯୋଗରେ ପୁରୀଘାଟ ଥାନା ପୋଲିସ ୩ ପେସାଦାର ଲୁଟିଆଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡାମହାଣ ଗ୍ରାମର ଚନ୍ଦନ ବେହେରା (୨୫), ପୁରୀଘାଟ ଥାନା ଅନ୍ତର୍ଗତ ଗୋପାଳଜୀଉ ଲେନର ମହାଦେବ ନାୟକ (୩୦) ଓ ବାରଙ୍ଗ ଥାନା ଅନ୍ତର୍ଗତ ପଟାପୁର ଗ୍ରାମର ଶିବାନୀ ଓରଫ ଶିବ ଜେନା (୨୯) । ସେମାନଙ୍କଠାରୁ ପୋଲିସ ୭ଟି ବାଇକ ଜବତ କରିଛି । ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି ।

# ଚାଷୀ ସମସ୍ୟା ନେଇ ଗଣଧାରଣା

## ୨୦୨୪-୨୫ ବର୍ଷର ମୁଗ ବୀମା ରାଶି ତୁରନ୍ତ ପ୍ରଦାନ ଦାବି

**ଗୋଲାମୁଣ୍ଡା,୯/୬(ନିପ୍ର):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଏକ ମରୁଡି ପ୍ରପୀଡ଼ିତ ଅଞ୍ଚଳ । ଅଧିକାଂଶ ସମୟରେ ଗୋଲାମୁଣ୍ଡା ବ୍ଲକରେ ମରୁଡି ସ୍ଥିତି ଦେଖାଦେଇଥାଏ । ବିଭିନ୍ନ ସମୟରେ ଗୋଲାମୁଣ୍ଡା ବ୍ଲକରେ ଜଳସେଚନର ବ୍ୟବସ୍ଥା ନ ଥିବା ଯୋଗୁଁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି । ଏ ନେଇ ଜନ ସଂଗ୍ରାମ ସମିତିର ଆହ୍ୱାନ କ୍ରମେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ସାଉଲ ମଙ୍ଗରାଜ ଜନ ସଂଗ୍ରାମ ସମିତିର ସଭାପତିଙ୍କ ନେତୃତ୍ୱରେ ଗୋଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣାରେ ବସିଥିବା ଦେଖିବାକୁ ମିଳିଛି । ଏହି ଗଣଧାରଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି । ଗତବର୍ଷର ମୁଗ ବାବଦର ବୀମା ରାଶି ଚାଷୀମାନଙ୍କୁ ଶୀଘ୍ର ପ୍ରଦାନ କରାଯାଉ । ଉଦନ୍ତୀ ନଦୀରେ ବ୍ୟାରେଜ ନିର୍ମାଣ କରି ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମକୁ ଜଳସେଚନ ବ୍ୟବସ୍ଥା କରାଯାଉ । ଇନ୍ଦ୍ରାବତୀ କେନାଲ ଯୋଗେ ନିର୍ମିତ ହୋଇଥିବା କେନାଲର ଭୁଲ୍ ଡିଜାଇନ୍ ଯୋଗୁଁ ବୃନ୍ଦାବାହାଲ ଅଞ୍ଚଳ ଚାଷୀ ଜଳସେଚନ ପାଇଁ ପାଣି ପାଇ ପାରୁନାହାନ୍ତି ସେଥିପାଇଁ କେନାଲ ନିର୍ମାଣକାରୀ ଠିକା ସଂସ୍ଥା ଓ ସଂପୃକ୍ତ ଯନ୍ତ୍ରୀ ଏବଂ ଅଧିକାରୀ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହ ବୃନ୍ଦାବାହାଲଠାରୁ ଆସିଥିବା କେନାଲର ସଂପ୍ରସାରଣ କରାଯାଉ ।

## ମୋଦି ସରକାରଙ୍କ ଐତିହାସିକ ୧୧ ବର୍ଷ ସଂକଳ୍ପ, ସମର୍ପଣ ଏବଂ ଜନସେବା ପ୍ରତି ନିଷ୍ଠାର ଏକ ସୁବର୍ଣ୍ଣ ଯୁଗ: ଅମିତ ଶାହ

ନୂଆଦିଲ୍ଲୀ, ୯/୬(ପିଆଇବି): କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ମୋଦୀ ସରକାରଙ୍କ ଐତିହାସିକ ୧୧ ବର୍ଷ ହେଉଛି ସଂକଳ୍ପ, ସମର୍ପଣ ଏବଂ ଜନସେବା ପ୍ରତି ନିଷ୍ଠାର ଏକ ସୁବର୍ଣ୍ଣ ଯୁଗ। ଅମିତ ଶାହ 'ଏକ୍ସ 'ରେ ଏକାଧିକ ପୋଷ୍ଟରେ କହିଛନ୍ତି ଯେ ସେବାର ଏହି ୧୧ ବର୍ଷ ମଧ୍ୟରେ ଦେଶ ଆର୍ଥିକ ପୁନରୁଦ୍ଧାର, ସାମାଜିକ ନ୍ୟାୟ, ସାଂସ୍କୃତିକ ଗୌରବ ଏବଂ ଜାତୀୟ ସୁରକ୍ଷାର ଏକ ନୂତନ ଯୁଗର ସାକ୍ଷୀ ହୋଇଛି। ମୋଦୀ ସରକାର ପ୍ରମାଣିତ କରିଛନ୍ତି ଯେ ଯେତେବେଳେ ନେତୃତ୍ୱ ସ୍ୱଚ୍ଛ, ସଂକଳ୍ପବଦ୍ଧ ଏବଂ ଜନସେବା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ, ସେତେବେଳେ ସେବା, ସୁରକ୍ଷା ଏବଂ ସୁଶାସନ କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ହାସଲ କରାଯାଇଥାଏ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଥିଲେ ଯେ ୨୦୧୪ରେ ଯେତେବେଳେ ମୋଦିଜୀ ଦେଶର ଦାୟିତ୍ୱ ଗ୍ରହଣ କରିଥିଲେ, ସେତେବେଳେ ଏକ ନୀତିଗତ ପକ୍ଷାଘାତ ହୋଇଥିଲା। କୌଣସି ସ୍ୱଚ୍ଛ ନୀତି କିମ୍ବା ନେତୃତ୍ୱ ନଥିଲା, ଏବଂ ସରକାରରେ ଦୁର୍ନୀତି ଚରମ ସୀମାରେ ଥିଲା।

## ତାଳସର ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ

# ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ପଞ୍ଚାୟତବାସୀ

**ଛତ୍ରପୁର, ୯/୬(ନିପ୍ର):** ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ତାଳସର ପଞ୍ଚାୟତରେ ଦୁର୍ନୀତି କରି ଲକ୍ଷାଧିକ ଟଙ୍କା ହରିଲୁଟ ନେଇ ଅଭିଯୋଗ ହୋଇଛି । ଏହାର ଉପଯୁକ୍ତ ତଦନ୍ତ କରିବା ପାଇଁ ଏନେଇ ସୋମବାର ପୂର୍ବତନ ସରପଞ୍ଚ ରଙ୍କନାଥ ସ୍ୱାଇଁଙ୍କ ନେତୃତ୍ୱରେ ବହୁ ପଞ୍ଚାୟତବାସୀ ଗଞ୍ଜାମ ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ଅଭିଷେକ ସାହୁଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ତାଳସର ପଞ୍ଚାୟତର ଷ୍ଟ୍ରିଟଲାଇଟ ମରାମତି ଓ ନୂତନ ସଂଯୋଗ କରିବା ସହ ଏ ବାବଦରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବା, ବ୍ୟାପକ ଜଳଛତ୍ର ଖୋଲିବା ସହ ଏ ସମ୍ପର୍କରେ ମଧ ହୋଇଥିବା ଦୁର୍ନୀତିର ତଦନ୍ତ କରିବା, ନିୟମିତ ଗ୍ରାମ୍ୟ ସଫେଇ କରାଯିବା ସହ ଏହି ଦୁର୍ନୀତିର ତଦନ୍ତ କରିବା ଏବଂ ବସୁଧା ଯୋଜନା ପଞ୍ଚାୟତର ସମସ୍ତ ହିତାଧିକାରୀଙ୍କୁ ପ୍ରଦାନ କରିବା ସହ ପଞ୍ଚାୟତରେ ସମସ୍ତ ଯୋଜନାକୁ ପଲ୍ଲିସଭା ଓ ଗ୍ରାମ୍ୟ ସଭାକୁ ଉପରିସ୍ଥ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସଂଗଠିତ କରାଯାଇ ଜନସାଧାରଣଙ୍କ ଆବଶ୍ୟକତା ପୂରଣ ଦିଗରେ ଜନତାଙ୍କୁ ନିଷ୍ପତ୍ତିରେ ଭାଗୀଦାର କରିବା ଲାଗି ସେମାନେ ଏହି ଦାବିପତ୍ର ମାଧ୍ୟମରେ ଦାବି କରିଛନ୍ତି । ଏହି ସମସ୍ତ ଦୁର୍ନୀତିର ତଦନ୍ତ କରାନଗଲେ ଆସନ୍ତା ୧୫ ଦିନ ମଧ୍ୟରେ ପଞ୍ଚାୟତବାସୀଙ୍କ ମୌଳିକ ହକ୍ ସାବ୍ୟସ୍ତ ପାଇଁ ଗଣତାନ୍ତ୍ରିକ ଉପାୟରେ ରାଜରାସ୍ତାକୁ ଓହ୍ଲାଇବେ ସେଥି ପାଇଁ ପ୍ରଶାସନ ହିଁ ଦାୟୀ ରହିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ହଂସତୁଳୀ ଗ୍ରାମ୍ୟ କମିଟି ସଭାପତି କୃଷ୍ଣ ସ୍ୱାଇଁ, ସମ୍ପାଦକ ବାବୁ ମହାନ୍ତି, ଅଶୋକ ଜେନା, କମଳ ଲୋଚନ ଗୌଡ଼, ଗଡୁରାମ ଜେନା, ବିଶ୍ୱନାଥ ସାହୁ ରମେଶ ଚନ୍ଦ୍ର ପଣ୍ଡା, ଚୁଡମଣି ସ୍ୱାଇଁ ଲକ୍ଷ୍ମୀଧର ସ୍ୱାଇଁ, ବୁଲୁ ପ୍ରଧାନ, ଭଗବାନ ଜେନା, ସୁକାନ୍ତ ଜେନାଙ୍କ ସମେତ ବହୁ ପଞ୍ଚାୟତବାସୀ ମାନେ ଉପସ୍ଥିତ ଥିଲେ।




**AFFIDAVIT**

By virtue of an affidavit sworn before The Executive Magistrate, Banpur, dtd. 06.06.2025 vide Regd.2330, I, Niranjan Sabar, S/o-Sura Sabar, At-Mudulidiha, Po-Niladri Prasad, Ps-Banpur, Dist-Khordha, Odisha, Pin-752035 declare that I have changed my name from Niranjar Sabar to Niranjan Sabar. Henceforth I shall be known as Niranjan Sabar for all purposes.

Sd/-NIRANJAN SABAR

**AFFIDAVIT**

By virtue of an affidavit sworn before The Executive Magistrate, Banpur, dtd. 06.06.2025 vide Regd.2329, I, Rina Behera, W/o Gobinda Behera, At-Ratanpur, Po-Punjiama Sasan, Ps-Banpur, Dist-Khordha, Odisha, Pin-752031, declare that I have changed my son's name from Binod Behera to Binayak Behera. Henceforth my son's name shall be known as Binayak Behera for all purposes.

Sd/-RINA BEHERA

**NOTICE**

By virtue of an affidavit sworn before The Executive Magistrate, Ganjam, dtd on 06.06.2025. I, Anu Nahak, At-Sipakuda, Po-Palur, Ps-Rambha, Dist-Ganjam declare that I have changed my name from Anumati Nahak to Anu Nahak. Henceforth I shall be known as Anu Nahak for all purposes.

Sd/-ANU NAHAK

**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

**ଷ୍ଟେସନ ଏବଂ ସ୍ଥାନ:** (1) ମଞ୍ଚେଶ୍ୱର-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ପରିଚାଳନା କ୍ଷେତ୍ରରେ), (2) ରାହାମା-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ପରିଚାଳନା କ୍ଷେତ୍ରରେ), (3) ନିରାକାରପୁର-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ପ୍ଲାଟଫର୍ମ ନଂ. 4 ନିକଟରେ), (4) ତାଳଚେର ରୋଡ୍-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ପରିଚାଳନା କ୍ଷେତ୍ରରେ), (5) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗର ତଳ ମହଲାରେ) ଏବଂ (6) ନରଣପୁର-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ନିକଟରେ)।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ:** ତା. 19.06.2025 ରିଖ 1100 ଘଟିକା (କ୍ରମ ସଂ. 1 ରୁ 4 ପାଇଁ) ଏବଂ ତା. 20.06.2025 ରିଖ 1100 ଘଟିକା (କ୍ରମ ସଂ. 5 ଏବଂ 6 ପାଇଁ)।

**ନିଲାମ ଶେଷ ତାରିଖ ଓ ସମୟ:** ତା. 19.06.2025 ରିଖ 1130 ଘଟିକା (କ୍ରମ ସଂ. 1 ପାଇଁ), ତା. 19.06.2025 ରିଖ 1140 ଘଟିକା (କ୍ରମ ସଂ. 2 ପାଇଁ), ତା. 19.06.2025 ରିଖ 1150 ଘଟିକା (କ୍ରମ ସଂ. 3 ପାଇଁ), ତା. 19.06.2025 ରିଖ 1200 ଘଟିକା (କ୍ରମ ସଂ. 4 ପାଇଁ), ତା. 20.06.2025 ରିଖ 1130 ଘଟିକା (କ୍ରମ ସଂ. 5 ପାଇଁ) ଏବଂ ତା. 20.06.2025 ରିଖ 1140 ଘଟିକା (କ୍ରମ ସଂ. 6 ପାଇଁ)।

**ଦ୍ରଷ୍ଟବ୍ୟ:** ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-209/Q/25-26



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ